

‘ଧୁରନ୍ଧର’ ଲିକ୍ ହେଲା ରଣବୀର-ସଞ୍ଜୟଙ୍କ ଲୁକ୍

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-342 ◆BHUBANESWAR ◆TUESDAY ◆10 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୪୨ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୦ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଯୌତୁକରେ ୫୮ ଲକ୍ଷ ଟଙ୍କାର ୧୦୦ ବିଲେଇ ଉପହାର

■ **ବେଜିଂ, ୯।୬ (ଏଜେନ୍ସି):** ନିକଟରେ ଭିଏତନାମର ଜଣେ ଯୁବତୀଙ୍କ ବିବାହ ସମୟରେ ତାଙ୍କ ପିତାମାତା ଅନ୍ୟାନ୍ୟ ସାମଗ୍ରୀ ସହ ଉପହାର ଦେଇଛନ୍ତି ସିଭେଟ ପ୍ରଜାତିର ୧୦୦ଟି ବିଲେଇ। ଏହି ବିଲେଇଗୁଡ଼ିକର ଆନୁମାନିକ ମୂଲ୍ୟ ୧.୮ ଭିଏତନାମ ଡଙ୍ଗ ବା ୭୦ ହଜାର ଆମେରିକୀୟ ଡଲାର। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପ୍ରାୟ ୫୬ ଲକ୍ଷ ଟଙ୍କା ହେବ। ଚୀନ, ଇଣ୍ଡୋନେସିଆ ସିଭେଟ୍ ପ୍ରଜାତିର ଏହି ବିଲେଇଗୁଡ଼ିକର ଚାହିଦା ଢେର



ଅଧିକ। ସାଧାରଣତଃ କଫି ଉତ୍ପାଦନରେ ଏହି ବିଲେଇକୁ ବ୍ୟବହାର କରାଯାଇଥାଏ। ସିଭେଟ୍ ବିଲେଇ ପାଚିଲା କଫି ଖାଇବା ପରେ ତାହା ସେମାନଙ୍କ ପାଚନ ପ୍ରଣାଳୀ ଦେଇ ଗତିକରେ। ସିଭେଟ୍ ମଳରୁ କଫିର ମଞ୍ଜି ସଂଗ୍ରହ କରାଯାଇ ତାହାକୁ ପ୍ରକ୍ରିୟାକରଣ କରାଯାଇଥାଏ। ସିଭେଟ ମଳରୁ ସଂଗୃହୀତ କଫି ମଞ୍ଜି ବା ବିନ୍ସଗୁଡ଼ିକରୁ ପ୍ରସ୍ତୁତ କଫି ବିଶ୍ୱର ସବୁଠାରୁ ଦାମୀ କଫି ରୂପେ ପରିଚିତ। କଫି ଉତ୍ପାଦନ ବ୍ୟତୀତ ସିଭେଟ ବିଲେଇର ମାଂସ ଚୀନ ଓ ▸ପୃଷ୍ଠା-୭

## ଏଣିକି ରେକର୍ଡ ହୋଇପାରିବ ରାତିରେ ଦେଖୁଥିବା ସ୍ୱପ୍ନ

■ **ଟୋକିଓ, ୯।୬ (ଏଜେନ୍ସି):** ଶୋଇବା ବେଳେ ସମସ୍ତେ ସ୍ୱପ୍ନ ଦେଖନ୍ତି; ମାତ୍ର ଏହାକୁ ମନେରଖିବା ଅନେକଙ୍କ ପାଇଁ ସମ୍ଭବ ହୁଏନାହିଁ। ଏବେ ଜାପାନର ବୈଜ୍ଞାନିକମାନେ ଏପରି ଏକ ଉପକରଣ ଉଦ୍‌ଭାବନ କରିଛନ୍ତି, ଯାହା ସ୍ୱପ୍ନକୁ ରେକର୍ଡ କରିପାରିବ। ପରବର୍ତ୍ତୀ ସମୟରେ ଏହାକୁ ଭିଡିଓ ପରି ପୁନର୍ବାର ଦେଖିହେବ। କ୍ୟାଟୋର ଏଟିଆର୍ କମ୍ପ୍ୟୁଟେସନାଲ ନ୍ୟୁରୋସାଇନ୍ସ ପ୍ରୟୋଗଶାଳାର ବୈଜ୍ଞାନିକମାନେ ସ୍ନାୟୁର କାର୍ଯ୍ୟକଳାପକୁ ବିସ୍ତୃତ ରେକର୍ଡ



କରିବା ନିମନ୍ତେ ଏପରି ଏକ ଯନ୍ତ୍ରାଂଶର ଉଦ୍‌ଭାବନରେ ଲାଗିଛନ୍ତି, ଯାହା ନିଦ୍ରାବସ୍ଥାରେ ମସ୍ତିଷ୍କରେ ପରିଚାଳିତ ହେଉଥିବା ଦୃଶ୍ୟାଂଶ ଓ ସ୍ନାୟୁର ବିଭିନ୍ନ ଗତିବିଧିକୁ ରେକର୍ଡ କରିପାରିବ। ପ୍ରୟୋଗଶାଳାର ପ୍ରଫେସର ୟୁକିୟାସୁ କାମିତାନୀ ଏ ସଂକ୍ରାନ୍ତରେ କହିଛନ୍ତି ଯେ ସ୍ୱପ୍ନ ହେଉଛି ଅବଚେତନ ମନର ଏକ ପ୍ରତିଫଳନ। ମଣିଷର ମସ୍ତିଷ୍କରେ ନିରନ୍ତର ଭାସମାନ ଚିନ୍ତା ଓ ଚେତନା ଅନେକ ସମୟରେ ସ୍ୱପ୍ନ ଭାବରେ ଦେଖା ଯାଇଥାଏ। ତେଣୁ ▸ପୃଷ୍ଠା-୭

## ଖରିଫ୍‌କୁ ବଳିଗଲା ରବି ଯନ୍ତ୍ରଣା

# ଚାଷୀ ରାସ୍ତାରେ; ନେତା ମଞ୍ଚରେ

■ **ଭୁବନେଶ୍ୱର, ୯।୬(ସମିସ):** ଖରିଫ ଯନ୍ତ୍ରଣାର ଲାଘବ ହୋଇ ନାହିଁ, ରବି ଯନ୍ତ୍ରଣାରେ କଲବଲ ହେଉଛନ୍ତି ଚାଷୀ। ଧାନ ବିକ୍ରି ବେଳେ ୧୨ କିଲୋ ଯାଏ କଟନିଛଟନି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି ଓ ଧାନ ବିକ୍ରିର ମାସମାସ ପରେ ମଧ ବ୍ୟାଙ୍କକୁ ଟଙ୍କା ଆସୁନାହିଁ। ଯାହାକୁ ନେଇ ଚାଷୀ ରାସ୍ତାରେ ବସିଛି, ମାତ୍ର ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଏକପକ୍ଷରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଦିଆଯାଉଛି ବାଲି ସରକାର ଘଣ୍ଟ ପିଟୁଥିବାବେଳେ ଚାଷୀ ନିଜର ଅମଳ ଧାନକୁ ଠିକ୍ ଭାବେ ବିକ୍ରି କରିପାରୁନି। ସେହିଭଳି ଟୋକନ୍ ମିଳିବା ପରେ ବି ଧାନ କଣ୍ଟା ହେଉନି। ମଣ୍ଡିଗୁଡ଼ିକରେ ଧାନ ଦିନ ଦିନ ଧରି ଖୋଲା ଆ।।କାଶ ତଳେ ପଡ଼ି ରହୁଛି। ବର୍ଷା ଯୋଗୁଁ ଚାଷୀ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିଥିଲେ ବି ଓଦା ହେବାରୁ ଧାନର

### ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

### ୧୨ କିଲୋ ଯାଏଁ କଟ୍‌ନୀଛଟ୍‌ନୀ

ମାନ ହ୍ରାସ ପାଉଛି। ଖରିଫ୍‌ରେ ଏହି ସମସ୍ୟା ଉପୁଜିଥିଲା ବୋଲି ରବିରେ ଏହାର ସୁଧାର ଆଣିବା ପାଇଁ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଧାନ କିଣିବା ପୂର୍ବରୁ ସମୀକ୍ଷା ବୈଠକରେ ବି ଏ ବାବଦରେ ଆଲୋଚନା ହୋଇଥିଲା। ମାତ୍ର ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇପାରିଲାନି। ଏହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କଲେ ବି ସରକାରଙ୍କ ନିଘା ନାହିଁ।

ମେ' ୧୪ରୁ ରବି ଧାନ କିଣା ଆରମ୍ଭ ହୋଇଛି ଓ ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କିଣାଯାଉଛି। ମାତ୍ର ରାଜ୍ୟବ୍ୟାପୀ ମାଳମାଳ ସମସ୍ୟା ଥିଲେ ହେଁ ସରକାର ଏଥିପ୍ରତି ସାମାନ୍ୟତମ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ମଣ୍ଡି ଦାୟିତ୍ୱରେ ଥିବା ଯୋଗାଣ ▸ପୃଷ୍ଠା-୭



ମଣ୍ଡିରେ ଭିଜୁଛି ଧାନ; ମିଲର୍-ପ୍ରଶାସନ ବେଫିକର

## ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

■ **ସମ୍ବଲପୁର, ୯।୬ (ସମିସ):** କ୍ଷମତାକୁ ଆସିଲେ ବିଜେପି ପ୍ରଥମେ ଚାଷୀଙ୍କ ସମସ୍ୟା ଦୂର କରିବ ବୋଲି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଚାଷୀଙ୍କ ସମସ୍ୟା ଦୂର କରିବା ବଦଳରେ ଆନ୍ଦୋଳନ କରିବାକୁ ବାଧ କରୁଛି ଏହି ସରକାର। ମଣ୍ଡିରୁ ଧାନ ଉଠିବା ନେଇ ବାରମ୍ବାର ଚାଷୀମାନେ ଅଭିଯୋଗ କରୁଥିଲେ। ଯୋଗାଣ ବିଭାଗଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ କରିଥିଲେ। କିନ୍ତୁ କେହି ଶୁଣିଲେନି। ବାଧ ହୋଇ ରାଜରାସ୍ତକୁ ଓହ୍ଲାଇ ପ୍ରତିବାଦ କଲେ। ହଜାର ହଜାର ଗାଡ଼ିକୁ ଅଟକାଇ ପ୍ରତିବାଦ ପରେ ବାଧହୋଇ ମୁଣ୍ଡ ନୁଆଇଁଛି ଜିଲ୍ଲା ପ୍ରଶାସନ।

ସୂଚନା ଅନୁସାରେ ଜିଲ୍ଲାର ସମସ୍ତ ମଣ୍ଡିରେ ଲକ୍ଷାଧିକ ଧାନ ପ୍ୟାକେଟ ପଡିରହିଛି। ବର୍ଷାରେ ବି ଭିଜୁଛି। ବାରମ୍ବାର ଅଭିଯୋଗ ପରେ ମଧ ୪ଦିନରୁ ଅଧିକ ଦିନ ହେଲାଣି ଧାନ ମଣ୍ଡିରୁ ଉଠୁନି। ଏହାକୁ ପ୍ରତିବାଦ କରି ସମ୍ବଲପୁର ସହରର ମୁମ୍ବାଇ-କୋଲକାତା ୫୩ ନମ୍ବର ଜାତୀୟ ରାଜପଥ ସିନ୍ଦୁର ପଙ୍କ ଛକ ଅବରୋଧ ହୋଇଥିଲା। ସମ୍ବଲପୁର କୃଷକ ସୁରକ୍ଷା ସଂଗଠନ ଓ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମିତି ପକ୍ଷରୁ ସକାଳ ୭ ଟାରୁ ରାସ୍ତା ଉପରେ ବସି ରହିଥିଲେ। ଚଳିତ ରବି ଋତୁ ଧାନ କ୍ରୟ ପାଇଁ ଚାଷୀ ଧାନ ଅମଳ କରି ସାରିଥିବା ବେଳେ ସରକାର ଟାର୍ଗେଟ ଦେଇନଥିବାରୁ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହେଉଛି ବୋଲି ଅଭିଯୋଗ କରିଥିଲେ। ଶାନ୍ତିପୂର୍ଣ୍ଣ ▸ପୃଷ୍ଠା-୭



## ଜଳୁଛି ମଣିପୁର

ଏନ୍‌ଏଚ୍ ବନ୍ଦ; ମିଳୁନି ଔଷଧ

■ **ଇମ୍ଫାଲ, ୯।୬ (ଏଜେନ୍ସି):** ଏବେ ପୁଣି ଜଳି ଉଠିଛି ମଣିପୁର। ମେଇତି ସମ୍ପ୍ରଦାୟର ନେତାଙ୍କ ଗିରଫଦାରିକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି ଲୋକେ। ପୁଲିସ କାର୍ଯ୍ୟାନୁଷ୍ଠାନକୁ ଘୋର ବିରୋଧ କରୁଛନ୍ତି ମେଇତି ସମ୍ପ୍ରଦାୟର ଲୋକେ। ଏହାକୁ ନେଇ ଗତ ୭ ତାରିଖରୁ ଚାଲିଛି ଉଗ୍ର ବିକ୍ଷୋଭ ପ୍ରଦର୍ଶନ। ନିଆଁ ଲଗାଇ ବିକ୍ଷୋଭକାରୀ ରାଜପଥ ଅବରୋଧ କରିଛନ୍ତି। ପରିବହନ ମାର୍ଗକୁ ଅଟକାଇ ଦେଇଛନ୍ତି। ଏଥିଯୋଗୁଁ ସାଧାରଣ ଲୋକେ ▸ପୃଷ୍ଠା-୭

## ଜେଲ୍ ଗଲେ ଲାଞ୍ଚୁଆ ଆଇଏଏସ୍ ଅଧିକାରୀ

ରିମାଣ୍ଡରେ ଆଣି ପଚରାଉଚରା କରିବ ଭିଜିଲାନ୍ସ

ଲାଞ୍ଚ ମାମଲାରେ ଆଇଏଏସ୍ ଗିରଫ ହେବା ଓଡ଼ିଶାର ପ୍ରଥମ ଘଟଣା



■ **ଭୁବନେଶ୍ୱର, ୯।୬(ସମିସ):** ଲାଞ୍ଚ ନେଇ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଯୁବ ଆଇଏଏସ୍ ଅଧିକାରୀ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମାଙ୍କୁ ଆଜି ଗିରଫ କରାଯାଇଛି। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହୋଇଯିବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୌଣସି ଆଇଏଏସ୍ ଅଧିକାରୀ ଲାଞ୍ଚ ନେବା ସମୟରେ ଧରାପଡ଼ିବାରେ ଓଡ଼ିଶାରେ ଏହା ପ୍ରଥମ ଘଟଣା ହୋଇଥିବାରୁ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳର ଜଣେ କ୍ରସର ବ୍ୟବସାୟୀଙ୍କୁ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଶ୍ରୀ ଚକ୍‌ମା ଗତକାଲି ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ। ▸ପୃଷ୍ଠା-୭

## ହୋମ୍‌ଗାର୍ଡ ଚାକିରି | ଏମ୍‌ବିଏ, ଏମ୍‌ସିଏ, ବିଟେକ୍ ଆଶାୟୀ

■ **ରାଉରକେଲା, ୯।୬(ସମିସ):** ରାଜ୍ୟରେ ନିଯୁକ୍ତି ସଙ୍କଟ ଏବେ ଚରମସ୍ଥିତିରେ। ରାଜ୍ୟ ସରକାର ୨ ବର୍ଷରେ ୩ ଲକ୍ଷ ନିଯୁକ୍ତି ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ମଧ ଅନୁରୂପ ନିର୍ବାଚନ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଦୈନିକ ୬୧୨ ଟଙ୍କା ପାରିଶ୍ରମିକରେ ୫ମ ଶ୍ରେଣୀର ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ଗୃହରକ୍ଷୀ ପଦ ପାଇଁ ରାଜ୍ୟରେ ଧାଡ଼ିବାନ୍ଧି ପରୀକ୍ଷା ଦେଇଛନ୍ତି ଏମ୍‌ବିଏ, ଏମ୍‌ସିଏ, ବିଟେକ୍ ଯୋଗ୍ୟତା ହାସଲ କରିଥିବା ଯୁବଗୋଷ୍ଠୀ। ଯାହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି।

ରାଉରକେଲାର ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ପ୍ରବେଶିକା ପରୀକ୍ଷା ହୋଇଯାଇଛି। ୧୦୭ଟି ହୋମଗାର୍ଡ ପଦବୀ ପାଇଁ ମୋଟ



୧୦୭ ପଦବୀ ପାଇଁ ପରୀକ୍ଷା ଦେଲେ ୯୦୬୧

୯୦୬୧ ପରୀକ୍ଷାର୍ଥୀ ଆଜି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଛନ୍ତି ବିଟେକ୍, ଏମବିଏ, ଏମସିଏ ପରି ବୃତ୍ତିଧାରୀ ଏବଂ ସ୍ନାତକ, ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଥିବା ଯୁବଗୋଷ୍ଠୀ। ଉଚ୍ଚ ଶିକ୍ଷିତ ବେକାର ଯୁବକଯୁବତୀ ସେମାନଙ୍କ ଯୋଗ୍ୟତା ଅନୁସାରେ ଚାକିରି ପାଉ ନଥିବାରୁ ହୋମଗାର୍ଡ ପରି ଚାକିରି କରିବାକୁ ▸ପୃଷ୍ଠା-୭


## ସନ୍ଦେହ ଉଜାଡ଼ିଦେଲା ସଂସାର

## ସ୍ତ୍ରୀକୁ ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

■ **ଗୁମ୍ମା, ୯।୬ (ସମିସ):** ସନ୍ଦେହ ଉଜାଡ଼ିଦେଲା ସଂସାର। ଅତି ବୀଭତ୍ସ ଭାବେ ସ୍ତ୍ରୀକୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଛି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି, ଗଜପତି ଜିଲ୍ଲା ସେରଙ୍ଗ ଥାନା ଗାଇବା ଗ୍ରାମ ପାଇକସାହିରେ। ମୃତକ ହେଲେ, ମୋନି ପାଇକ (୨୬) ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ପାଇକ (୩୧)।

ସୂଚନା ମୁତାବକ, ଗାଇବା ଗ୍ରାମ ପାଇକସାହିର ଜି. ମାଲେସୁଙ୍କ ଝିଅ ମୋନିଙ୍କୁ କେରଡ଼ାଙ୍ଗର ନରେନ୍ଦ୍ର ବିବାହ କରିଥିଲେ। ବିବାହ ପରେ ସ୍ତ୍ରୀଙ୍କ ସହ ଶଶୁରଘରେ ରହୁଥିଲେ ନରେନ୍ଦ୍ର। କିଛିଦିନ ଠିକ୍‌ଠାକ୍ ଦାମ୍ପତ୍ୟ ଜୀବନ ବିତିବା ପରେ ମୋନିଙ୍କ ଚରିତ୍ରକୁ ନେଇ ନରେନ୍ଦ୍ର ସନ୍ଦେହ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା





ହେଉଥିଲା। ଗତରାତିରେ ପୁଣି ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମୋନିଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ସେ ଯୋଜନା କରିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ମୋନି ଶୋଇଥିବା ବେଳେ ନରେନ୍ଦ୍ର ଏକ ଶିଳପୁଆରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ସେତିକିରେ ତା' ମନ ଶାନ୍ତ ହେଲାନି ଯେ ପରେ ଏକ ଧାରୁଆ ଅସ୍ତ୍ରରେ ମୋନିଙ୍କ ବେକ କାଟି ଦେଇଥିଲା। ସେରଙ୍ଗ ପୁଲିସକୁ ମୃତ ମୋନିଙ୍କ ମା' ଜି.ସରୋଜିନୀ କହିଛନ୍ତି ଯେ ସେ ଭୋର୍‌ରୁ ଗ୍ରାମ ନିକଟସ୍ଥ ନାଳକୁ ସ୍ନାନ-ଶୌଚ ପାଇଁ ଯାଇ ଫେରିଲା ବେଳକୁ ନରେନ୍ଦ୍ର ଘରୁ ଦୌଡ଼ି ପଳାଉଥିବା ଦେଖିଥିଲେ। ସନ୍ଦେହ କରି ଘର ଭିତରକୁ ଯାଇ ଦେଖିବା ବେଳକୁ ମୋନି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚଟାଣରେ ପଡ଼ିଛି। ପରେ ଘରର ଅନ୍ୟାନ୍ୟ ସଦସ୍ୟ ଏବଂ ପଡ଼ୋଶୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

ନରେନ୍ଦ୍ର ଓ ମୋନିଙ୍କ ୫ ବର୍ଷିଆ ଏକ ଝିଅ ନିକିତା ରହିଛି। ଘଟଣା ସମ୍ପର୍କରେ ଖବର ପାଇ ସେରଙ୍ଗ ଥାନା ▸ପୃଷ୍ଠା-୭




## ଡାକ୍ତରଙ୍କୁ କ୍ଷମା ମାଗିଲେ ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ



ପାନାଜୀ, ୯ ।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଜଣେ ଡାକ୍ତରଙ୍କୁ ଖରାପ ବ୍ୟବହାର କରିବା ପରେ ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ ତାଙ୍କୁ କ୍ଷମା ମାଗିଛନ୍ତି । ହଠାତ୍ ରାଗି ଯାଇ ଏପରି ଆଚରଣ ପ୍ରଦର୍ଶନ କରିଥିଲି । ଏଥିପାଇଁ ବହୁତ ଦୁଃଖିତ ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରିଛନ୍ତି । ସେ ଜୁନ୍ ୭ରେ ଗୋଆ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଜିଏମ୍‌ସିଏଚ୍)କୁ ଅଚାନକ ଗସ୍ତ କରିଥିଲେ । ଜଣେ ରୋଗୀଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗରେ ଡ୍ୟୁଟିରେ ଥିବା ଡାକ୍ତର ରୁଦ୍ରେଶ କୁଟିକରଙ୍କୁ ଗାଳିଗୁଲଜ କରିଥିଲେ । ସେ ଡାକ୍ତରଙ୍କୁ ସସ୍‌ପେଣ୍ଡ କରିବାକୁ ଆଦେଶ ଦେଇଥିଲେ । ଏବେ ସେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା । ସମାଜରେ ଡାକ୍ତରଙ୍କ ସ୍ଥାନ ଓ ପ୍ରତିଷ୍ଠା ସବୁବେଳେ ଉଚ୍ଚରେ ଥାଏ ବୋଲି ରାଣେ କହିଛନ୍ତି । ଏହି ଘଟଣାକୁ ରାଜନୀତିକରଣ କରା ନଯାଉ ବୋଲି ସେ ଅପିଲ୍ କହିଛନ୍ତି ।

## ୬ ବର୍ଷ ପରେ କପିଲ ଶର୍ମା ଶୋ'କୁ ଫେରିଲେ ସିଦ୍ଧୁ



ଅମୃତସର, ୯ ।୬(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା କଂଗ୍ରେସ ବରିଷ୍ଠ ନେତା ନଭଜୋତ ସିଂ ସିଦ୍ଧୁ ଦୀର୍ଘ ୬ ବର୍ଷ ପରେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା ଶୋ'କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଫଳରେ କମେଡିଆନ୍ କପିଲ ଶର୍ମା ଓ ସିଦ୍ଧୁଙ୍କ ଯୋଡିକୁ ଦର୍ଶକ ପୁଣି ପସନ୍ଦ କରିବେ ବୋଲି ଆଶା କରାଯାଉଛି । ଏହି ଲୋକପ୍ରିୟ ଶୋ'ର ତୃତୀୟ ସିଜିନ ଆସନ୍ତା ୨୧ ତାରିଖରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ପ୍ରିମିୟର ହେବ । ନେଟ୍‌ଫ୍ଲିକ୍ସ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛି । ସିଦ୍ଧୁ ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପୋଷ୍ଟ କରି ଏ ନେଇ ପ୍ରଶଂସକଙ୍କୁ ଅବଗତ କରାଇଛନ୍ତି । ଉଲ୍ଲେଖଥାଉ କି, ୨୦୧୯ରେ ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ସୃଷ୍ଟି ହୋଇଥିବା ବିବାଦ କାରଣରୁ ସିଦ୍ଧୁ ଏହି ଲୋକପ୍ରିୟ ଶୋ ଛାଡିଥିଲେ । ତାଙ୍କ ସ୍ଥାନରେ ଅଭିନେତ୍ରୀ ଅର୍ଚ୍ଚନା ପୁରନ ସିଂ ଶୋରେ ସାମିଲ ହୋଇଥିଲେ । ତେବେ ସିଦ୍ଧୁ ଫେରିବାର ପରେ ଅର୍ଚ୍ଚନାଙ୍କ କୌଣସି କ୍ଷତି ହେବ ନାହିଁ । କାରଣ ସିଦ୍ଧୁ ଓ ଅର୍ଚ୍ଚନା ଦୁହିଁଙ୍କୁ ଏକା ସାଥିରେ ଶୋ'ରେ ଦେଖିବାକୁ ମିଳିବ ।

## ୟୁକ୍ରେନ୍ ଉପରେ ରୁଷ୍‌ର ରେକର୍ଡ ଡ୍ରୋନ୍ ମାଡ଼

ମସ୍କୋ, ୯ ।୬(ଏଜେନ୍ସି): ୟୁକ୍ରେନ୍ ଉପରେ ରୁଷିଆର ତା'ର ଆକ୍ରମଣକୁ ଆହୁରି ଜୋରଦାର କରିଛି । ଗତ ୩ ବର୍ଷ ମଧ୍ୟରେ ରୁଷିଆ ସର୍ବାଧିକ ୪୭୯ଟି ଡ୍ରୋନ୍ ମାଡ୍ କରିଛି ବୋଲି ୟୁକ୍ରେନ ବାୟୁସେନା ତରଫରୁ ସୂଚନା ଦିଆଯାଇଛି । ସୋମବାର ୪୬୦ ଡ୍ରୋନ୍ ଓ ୧୯ଟି ମିସାଇଲ୍‌କୁ ଖସାଇଛୁ । ୟୁକ୍ରେନ୍‌ର ବିଭିନ୍ନ ସ୍ଥାନକୁ ଲକ୍ଷ୍ୟ କରି ରୁଷିଆ ମିସାଇଲ୍ ଛାଡିଥିଲା । କେବଳ ୧୦ଟି ଲକ୍ଷ୍ୟ ସ୍ଥଳରେ ମାଡ଼ ହୋଇଥିଲା । ଏଥିରେ ମାତ୍ର ଜଣେ ଲୋକ ଆହତ ହୋଇଛନ୍ତି ବୋଲି ବାୟୁସେନା ତରଫରୁ କୁହାଯାଇଛି । ଦୁଇଦିନ ତଳେ ମଧ୍ୟ ୟୁକ୍ରେନ୍ ଉପରେ ବଡ଼ଧରଣର ଆକ୍ରମଣ କରିଥିଲା । ୟୁକେନ ଡ୍ରୋନ ମାଡ୍‌ରେ କେତୋଟି ଏୟାର ବେସ ଓ ଲଡୁଆ ବିମାନ ଧ୍ୱଂସ ହେବା ପରେ ରୁଷିଆ ପ୍ରତିଶୋଧ ପରାୟଣ ହୋଇଉଠିଛି ।

## ଜଳୁଛି ଲସ୍ ଏଞ୍ଜେଲ୍ସ

ଲସ୍ ଏଞ୍ଜେଲ୍ସ, ୯ ।୬(ଏଜେନ୍ସି): ଆମେରିକରେ ଅବୈଧ ପ୍ରବାସୀଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଲସ୍ ଏଞ୍ଜେଲ୍ସରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ଏବେ ଅଣାୟତ ହୋଇଛି । ଗତ ୩ ଦିନଧରି ଚାଲିଥିବା ଏହି ପ୍ରଦର୍ଶନ ଆହୁରି ହିଂସକ ହୋଇଛି । ହଜାର ହଜାର ବିକ୍ଷୋଭକାରୀ ସହରର ସଡ଼କ ଜାମ୍ କରି ଶହଶହ ଗାଡ଼ିରେ ନିଆଁ ଲଗାଇଛନ୍ତି । ସହରର ବିଭିନ୍ନ ଦୋକାନ ଓ ସପିଂ ମଲ୍‌ରେ ମଧ୍ୟ ଲୁଟ୍‌ପାଟ୍ କରିଛନ୍ତି । ସହରର ଏକ ଛକରେ ପ୍ରଦର୍ଶନକାରୀମାନେ ଛେପ ପକାଇବା ସହ ଆମେରିକା ପତାକାକୁ ଜଳାଇଛନ୍ତି । କେତେକ ସ୍ଥାନରେ ସେମାନେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିଛନ୍ତି । ସ୍ଥିତି ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ପ୍ରଶାସନ ବିକ୍ଷୋଭକାରୀଙ୍କ ଉପରକୁ ଲୁହବୁହା ଗ୍ୟାସ୍, ରବର ବୁଲେଟ୍, ଫ୍ଲାସ ବ୍ୟାଙ୍ଗ୍‌ସ ବ୍ୟବହାର କରିଥିଲେ । ଏହାପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାସ୍କ ପିନ୍ଧିଥିବା ଲୋକଙ୍କୁ ତୁରନ୍ତ ଗିରଫ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସହର ଉପରେ ଅବୈଧ ପ୍ରବାସୀଙ୍କ କବ୍‌ଜା ହୋଇଛି ବୋଲି ସେ କହିଛନ୍ତି । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଟ୍ରମ୍ପ କହିଛନ୍ତି ।

## ପର୍ଯ୍ୟାପ୍ତ ଅକ୍ସିଜେନ-ବେଡ ରଖିବାକୁ ରାଜ୍ୟଙ୍କୁ କହିଲା କେନ୍ଦ୍ର

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ସାରା ଦେଶରେ କରୋନା ରୋଗୀ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୩୫୮ ନୂଆ ମାମଲା ଚିହ୍ନଟ ହୋଇଛି । ଏଥିସହିତ ମୋଟ କରୋନା ରୋଗୀ ସଂଖ୍ୟା ୬୪୯୧ରେ ପହଞ୍ଚି ଯାଇଛି । ଏହି ରୋଗୀଙ୍କ ମଧ୍ୟରେ କେରଳର ସର୍ବାଧିକ ୧୯୫୭ ଜଣ, ଗୁଜରାଟର ୯୮୦ ଜଣ, ପଶ୍ଚିମବଙ୍ଗରୁ ୭୪୭ ଜଣ ଏବଂ ଦିଲ୍ଲୀର ୭୨୮ ଜଣ ସାମିଲ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଚଳିତ ବର୍ଷ ଜାନୁଆରୀରୁ ଏ ପର୍ଯ୍ୟନ୍ତ ୧୧ ରାଜ୍ୟରେ ୬୫ କରୋନା ରୋଗୀ ପ୍ରାଣ ହରାଇଲେଣି । ଏହା ମଧ୍ୟରୁ କେବଳ ଗତ ୧୦ ଦିନରେ ୫୮ ଜଣଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କରୋନା ମାମଲା ବୃଦ୍ଧିକୁ ଦେଖି କେନ୍ଦ୍ର ସରକାର ମକ୍ ଡ୍ରିଲ ପାଇଁ ପ୍ରସ୍ତୁତି କରୁଛନ୍ତି । ସବୁ ରାଜ୍ୟଙ୍କୁ ଅମ୍ଳଜାନ, ଆଇସୋଲେସନ ବେଡ, ଭେଣ୍ଟିଲେଟର ଏବଂ ଜରୁରୀ ସାମଗ୍ରୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆମେରିକା ବିମାନବନ୍ଦରରେ ଭାରତୀୟ ଛାତ୍ରଙ୍କୁ ନିର୍ଯାତନା

ୱାଶିଂଟନ, ୯।୬ (ଏଜେନ୍ସି): ଆମେରିକାରେ ପୁଣି ଭାରତୀୟଙ୍କୁ ଲଜ୍ଜିତ ହେବାକୁ ପଡିଛି । ନ୍ୟୁଜର୍ସିର ନ୍ୟୁୟର୍କ ବିମାନବନ୍ଦରରେ ଜଣେ ଭାରତୀୟ ଛାତ୍ରଙ୍କୁ ଅପରାଧି ଭଳି ବ୍ୟବହାର କରାଯାଇଛି । ତାଙ୍କୁ ଅଧିକାରୀମାନେ ତଳେ ପକାଇ ଦେଇଛନ୍ତି । ହାତରେ ହାତକଡ଼ି ପକାଇ ଭାରତ ପଠାଇ ଦେଇଛନ୍ତି । ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ କୁନାଲ ଜୈନ ରବିବାର ଏହାର ଭିଡିଓ ସେୟାର କରିଛନ୍ତି । ଏହା ଖୁବ୍ ଭାଇରାଲ ହେବାରେ ଲାଗିଛି । ସେ ଲେଖିଛନ୍ତି ଯେ ଭାରତୀୟଛାତ୍ର କାନ୍ଦୁଛନ୍ତି । ମୁଁ ପାଗଳ ନୁହେଁ ବୋଲି କହୁଛନ୍ତି । ଏହା ସତ୍ତ୍ୱେ ତାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯାଉଛି ।

## ରିଲିଫ୍ ଜାହାଜକୁ ଅଟକାଇଲା ଇସ୍ରାଏଲ୍

ତେଲ ଅଭିଭ୍, ୯ ।୬(ଏଜେନ୍ସି): ସ୍ୱିଡେନର ପରିବେଶ କର୍ମୀ ତଥା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଗ୍ରେଟା ଥନବର୍ଗ ଓ ତାଙ୍କ ଜାହଜକୁ ଇସ୍ରାଏଲ୍ କବ୍‌ଜାକୁ ନେଇଛି । ସୋମବାର ଇସ୍ରାଏଲ୍‌ର ୫ଟି ସ୍ପିଡ୍ ବୋଟ୍ ଜାହାଜକୁ ଘେରିଥିଲେ । ଏହାପରେ ଜାହଜ ଉପରକୁ ଚଢ଼ ସୈନିକମାନେ ତାକୁ ନିୟନ୍ତ୍ରଣକୁ ନେଇଥିଲେ । ଏହି ଜାହାଜ ଗାଜାରେ ପୀଡିତ ଲୋକଙ୍କ ପାଇଁ ସାହାଯ୍ୟ ସାମଗ୍ରୀ ନେଇ ଯାଉଥିଲା ।

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା

## ମେଘାଳୟ ମର୍ଡରର ପର୍ଦ୍ଦାଫାସ: ପତ୍ନୀ, ପ୍ରେମିକ, ସୁପାରିକିଲର ଗିରଫ



- ମଧ୍ୟପ୍ରଦେଶରେ ବିବାହ, ମେଘାଳୟରେ ମର୍ଡର, ୟୁପିରେ ଗିରଫ
- ୭ ଦିନ ପରେ ଉତ୍ତରପ୍ରଦେଶରୁ ଧରାପଡ଼ିଲା ପତ୍ନୀ ସୋନମ୍
- ପ୍ରେମ ପାଇଁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା ଷଡ଼ଯନ୍ତ୍ର
- ଯାତ୍ରା ସମୟରେ ଲୋକେସନ ସେୟାର କରୁଥିଲା ସୋନମ
- ଝିଅକୁ ନିର୍ଦ୍ଦୋଷ କହିଲେ ବାପା

ଲକ୍ଷ୍ନୌ, ୯।୬ (ଏଜେନ୍ସି): ବାହା ହେବା ପାଇଁ ପ୍ରଥମେ ରାଜି ହେଉ ନ ଥିଲେ । ଝିଅର ଇଚ୍ଛା ନ ଥିବା କହି ଏଡ଼ାଇ ଦେଇଥିଲେ । କିନ୍ତୁ ଘର ଲୋକେ ବୁଝାସୁଝା କରିବା ପରେ ସାତ ଜନ୍ମ ପାଇଁ ହାତ ଧରିଥିଲେ । ମାତ୍ର ସାତ ଜନ୍ମ ତ ଛାଡ଼ ୧୭ ଦିନ ପାଇଁ ବି ଏକାଠି ରହିପାରି ନ ଥିଲେ । ବିବାହର ନଅ ଦିନ ପରେ ପତ୍ନୀ ହନିମୁନ୍ ପାଇଁ ଜିଦ୍ ଧରିଲେ । କାମାକ୍ଷ୍ୟା ଦେବୀଙ୍କ ଦର୍ଶନ ପାଇଁ ଯିବା କହି ନିଜେ ସବୁ କିଛି ବୁକିଂ କରିଥିଲେ । ଅନେକ କାମ ଥିବା ସତ୍ତ୍ୱେ ପତ୍ନୀଙ୍କୁ ନା କରିପାରି ନ ଥିଲେ । ଶେଷରେ ତାଙ୍କ ସହ ହନିମୁନରେ ମେଘାଳୟ ଯାଇଥିଲେ । ପତ୍ନୀଙ୍କ ଇଚ୍ଛା ଅନୁସାରେ ୧୦ ଲକ୍ଷ ଟଙ୍କାର ଅଳଙ୍କାର ପିନ୍ଧି ଇନ୍ଦୋର ବିମାନବନ୍ଦର ଛାଡ଼ିଥିଲେ । ମାତ୍ର ଏହି ହନିମୁନ ପଛରେ ପତ୍ନୀ ବଡ଼ ଷଡ଼ଯନ୍ତ୍ର ରଚିଥିଲେ । ପ୍ରତି ମୁହୂର୍ତ୍ତର ସୂଚନା ତଥା ଲୋକେସନ ପ୍ରେମିକକୁ ପଠାଉ ଥିଲେ । ପ୍ରେମିକ ସହ ମିଶି ପତିକୁ ହତ୍ୟା କରାଇଥିଲେ । ସବୁ ଅଳଙ୍କାର ଲୁଟି ନେଇ କେଉଁଆଡେ ଫେରାର ହୋଇ ଯାଇଥିଲେ । ହତ୍ୟାର ୧୭ ଦିନ ପରେ ପତି ହତ୍ୟା ପାଇଁ ପତ୍ନୀକୁ ଉତ୍ତରପ୍ରଦେଶ ପୁଲିସ ସୋମବାର ଗିରଫ କରିଛି । ଘଟଣାସ୍ଥଳରୁ ୧୧୦୦ କିମି ଦୂର ଉତ୍ତର ପ୍ରଦେଶ ଗାଜିପୁର ସ୍ଥିତ ଢାବାରୁ ଇନ୍ଦୋରର ପରିବହନ ବ୍ୟବସାୟୀ ରାଜା ରଘୁବଂଶୀଙ୍କ ପତ୍ନୀ ସୋନମକୁ ଗିରଫ କରିଛି । ତେବେ ସୋନମ୍ ନିଜକୁ ନିର୍ଦ୍ଦୋଷ କହିଛି ।

ଏହି ମାମଲାରେ ପୁଲିସ ସୋନମଙ୍କ ପ୍ରେମିକ ରାଜ୍ କୁଶ୍ୱାହ, ସୁପାରି କିଲର ସମେତ ୫ ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ଆନନ୍ଦ କୋ, ବିଶାଲ ଚୌହାନ, ଆକାଶ ରାଜପୁତ, ଆକାଶ ଲୋଧି ସାମିଲ ଅଛନ୍ତି । ଏଣେ ଝିଅକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କହିଛନ୍ତି ତାଙ୍କ ପରିବାର ସଦସ୍ୟ । ସେମାନେ ମେଘାଳୟ ପୁଲିସ ଉପରେ ଅଭିଯୋଗ ଲଗାଇଛନ୍ତି । ପୁଲିସ ଝିଅକୁ ଫସାଇବା ପାଇଁ ମିଛ କାହାଣୀ ଗଢ଼ିଛି ବୋଲି କହିଛନ୍ତି । ସୂଚନା ଅନୁଯାୟୀ ସୋମବାର ଭୋର ୩ଟାରେ ଗାଜିପୁରରେ




ଏକ ଢାବାରେ ସୋନମ ପହଞ୍ଚି ଥିଲେ । ଏହି ଢାବାର ପରିଚାଳକ ପୁଲିସକୁ ଫୋନ୍ କରି ସୂଚନା ଦେଇଥିଲେ । ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶର ଅଲଗା ଅଲଗା ସ୍ଥାନରେ ଚଢ଼ଉ କରି ଧରା ଯାଇଥିଲା । ମେଘାଳୟ ଏସଆଇଟି ମୁଖ୍ୟ ହର୍ବର୍ଟ ପିନିୟାଡ ଖାରକୋଙ୍ଗୋର କହିଛନ୍ତି ଯେ ରାଜାଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି । ତାଙ୍କ ମୁଣ୍ଡରେ ଦୁଇ ଥର ଆଘାତ ଲାଗିଛି । ଅନ୍ୟପକ୍ଷରେ ମେଘାଳୟ ପୁଲିସ ସୋନମଙ୍କୁ ହେପାଜତକୁ ନେଇ ସିଲଂ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ ରାଜା ଏବଂ ସୋନମ ଗତ ୨୩ ତାରିଖରୁ ଇଷ୍ଟ ଖାସି ହିଲ୍ସ ଜିଲ୍ଲାର ସୋହରା କ୍ଷେତ୍ରରୁ କେଉଁଆଡେ ନିଖୋଜ ହୋଇ ଯାଇଥିଲେ । ଗତ ଦୁଇ ତାରିଖରେ ଏକ ଖାଇରୁ ରାଜାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ତେବେ ତାଙ୍କ ପତ୍ନୀଙ୍କୁ ସନ୍ଧାନ କରାଯାଉଥିଲା । ସେ ହିଁ ରାଜାଙ୍କୁ ହତ୍ୟା କରାଇଥିଲେ ବୋଲି ମେଘାଳୟ ଡିଜିପି କହିଛନ୍ତି ।

ସୂଚନା ଅନୁଯାୟୀ ପ୍ରେମିକ ରାଜ୍ ସୋନମଙ୍କ ବାପାଙ୍କ ଦୋକାନରେ କାମ କରୁଥିଲା । ଦେଢ଼ ବର୍ଷ ହେଲା ସେ ସୋନମଙ୍କ ଘର ନିକଟରେ ରହୁଥିଲା । ସେହିପରି ରାଜାଙ୍କ ମାଆ ଉମା କହିଛନ୍ତି ଯେ ପୁଅ ପ୍ରଥମେ ବାହା ହେବାକୁ ମଙ୍ଗୁ ନ ଥିଲା । କାରଣ କଥା ହେବା ପାଇଁ ଓ ବିବାହରେ ଝିଅର ଇଚ୍ଛା ନ ଥିବା କହିଥିଲା । ପରେ ବୁଝାସୁଝା କରିବାରୁ ସେ ରାଜି ହୋଇଥିଲା । ବିବାହ ପରେ ହିଁ ବୋହୂ ହନିମୁନ ପାଇଁ ଜିଦ୍ ଧରିଥିଲା । କାହାକୁ ଏ ବିଷୟରେ ସୂଚନା ମଧ୍ୟ ଦେଇ ନ ଥିଲା । ସେ ଯିବା ଟିକଟ ତ ବୁକ୍ କରିଥିଲା, କିନ୍ତୁ ଫେରିବା ଟିକଟ କରି ନ ଥିଲା । ତଦନ୍ତ ଅଧିକାରୀ ବିବେକ ସିଆମ କହିଛନ୍ତି ଯେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସ୍ପଷ୍ଟ ହୋଇଛି । ପୀଡିତାଙ୍କ ପତ୍ନୀ ଏବଂ ତାଙ୍କ ଅଭିଯୁକ୍ତ ସାଥୀ ରାଜ କୁଶ୍ୱାହ ସମ୍ପୃକ୍ତର ଯଥେଷ୍ଟ ପ୍ରମାଣ ଅଛି । ପ୍ରଥମେ ସେମାନେ ହଜି ଯାଇଥିବା ଭାବିଥିଲୁ । ପୂର୍ବରୁ ଏହି ଅଞ୍ଚଳରେ କେହି ନିଖୋଜ ହୋଇ ଯାଇଥିଲେ । ତେଣୁ ଖୋଜାଖୋଜି କରିଥିଲୁ । କିନ୍ତୁ ମୃତଦେହ ପାଇବା ପରେ ଏହା ହତ୍ୟା ଥିବା ସ୍ପଷ୍ଟ ହୋଇଥିଲା ।

### ନିର୍ବାଚନ କମିଶନଙ୍କୁ ରାହୁଲଙ୍କ ପ୍ରଶ୍ନ

## ହରିୟାଣା-ମହାରାଷ୍ଟ୍ର ତଥ୍ୟ କେବେ ମିଳିବ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୋମବାର ହରିୟାଣା ଏବଂ ମହାରାଷ୍ଟ୍ରର ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ନିର୍ବାଚନର ତଥ୍ୟ ସେୟାର କରିବା ନିଷ୍ପତ୍ତିକୁ ପ୍ରଶଂସା କରି ନିର୍ବାଚନ କମିଶନ (ଇସି)ଙ୍କୁ ପ୍ରଶ୍ନବାଣ ମାରିଛନ୍ତି ।



ଡିଜିଟାଲ ଫର୍ମାଟରେ ଏହାର ତଥ୍ୟ କେବେ ଜାରି କରାଯିବ ବୋଲି ପଚାରିଛନ୍ତି । ଏହା ସହିତ ସୋସିଆଲ ମିଡିଆରେ ଗତ ୭ ତାରିଖରେ ଜାରି ରିପୋର୍ଟର ସ୍କ୍ରିନ୍‌ସଟ୍ ସେୟାର କରିଛନ୍ତି । ଏଥିରେ ଦାବି କରାଯାଇଛି ଯେ ୨୦୨୫ ପ୍ରାରମ୍ଭରେ ଏହି ତଥ୍ୟ ଶୀଘ୍ର ଜାରି କରାଯିବ ବୋଲି ନିର୍ବାଚନ କମିଶନ ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇ ଥିଲେ । ତେବେ ଏ ପର୍ଯ୍ୟନ୍ତ ଏହାକୁ ଜାରି କରାଯାଇ ନାହିଁ । ଏ ନେଇ ଇସିଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ମଧ୍ୟ ଦିଆଯାଇ ନାହିଁ । ଏହା ପୂର୍ବରୁ ଗତ ଶନିବାର ରାହୁଲ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ହୋଇଥିବା ଜାଲିଆତିକୁ ନେଇ ଇସିଙ୍କୁ ଜବାବ ମାଗିଥିଲେ । ତେବେ ରାହୁଲ ଚିଠି ଲେଖିଲେ ଯାଇ ହିଁ ଏହାର ଜବାବ ଦିଆଯିବ ବୋଲି ଇସିଙ୍କ ସୂତ୍ରରୁ ସୂଚନା ମିଳିଥିଲା । ଏହା ପୂର୍ବରୁ ଏକ ଖବରକାଗଜରେ ସମ୍ପାଦକୀୟ ଲେଖି ରାହୁଲ କହିଥିଲେ ଯେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଜିତିବା ପାଇଁ ବିଜେପି ଏବଂ ତା ସହଯୋଗୀ ୫ଟି ପର୍ଯ୍ୟାୟରେ ଯୋଜନା କରି ମ୍ୟାଚ ଫିକ୍ସିଂ କରିଥିଲେ । ଏବେ ବିହାରରେ ମଧ୍ୟ ଏପରି କରାଯିବ । ଯେଉଁ ରାଜ୍ୟରେ ବିଜେପି ହାରୁଛି ବୋଲି ଅନୁଭବ କରୁଛି ସେଠି ମ୍ୟାଚ ଫିକ୍ସିଂ କରାଯାଉଛି । ତେବେ ନିର୍ବାଚନ କମିଶନ ରାହୁଲଙ୍କ ଦାବିକୁ ଆଧାରହୀନ କହିଥିଲେ । ନିର୍ବାଚନ ସପକ୍ଷରେ ନ ଯିବା ପରେ ଏଭଳି ଅଭିଯୋଗ ଲଗାଇବା ବୃଥା ବୋଲି କୁହାଯାଇଥିଲା ।

## ବଲିଉଡ୍ ନିର୍ଦ୍ଦେଶକ ପାର୍ଥ ଘୋଷଙ୍କ ପରଲୋକ



ମୁମ୍ବାଇ, ୯ ।୬(ଏଜେନ୍ସି): ଅଭିଜ୍ଞ ବଲିଉଡ୍ ନିର୍ଦ୍ଦେଶକ ପାର୍ଥ ଘୋଷ ୭୫ ବର୍ଷ ବୟସରେ ପରଲୋକଗମନ କରିଛନ୍ତି । ମୁମ୍ବାଇର ମଧ ଦୀପସ୍ଥିତ ବାସଭବନରେ ସୋମବାର ସକାଳେ ସେ ହୃଦ୍‌ଘାତର ଶିକାର ହୋଇଥିଲେ । ଅଭିନେତ୍ରୀ ଋତୁପର୍ଣ୍ଣା ସେନଗୁପ୍ତା ଏ ନେଇ ସୂଚନା ଦେଇଛନ୍ତି । ମୃତ୍ୟୁ ବେଳକୁ ପତ୍ନୀ ଗୌରୀ ଘୋଷ ତାଙ୍କ ପାଖରେ ଥିଲେ । ସେ ୧୦୦ ଡେଜ୍, ଦଲାଲ, ଅଗ୍ନିସାକ୍ଷୀ ଭଳି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ । ୧୦୦ ଡେଜ୍‌ରେ ଜ୍ୟାକ ଶ୍ରଫ୍ ଓ ମାଧୁରୀ ଦୀକ୍ଷିତ୍ ନିଖୁଣ ଅଭିନୟ କରି ସିନେମାକୁ ଲୋକପ୍ରିୟ କରାଇଥିଲେ । ୧୯୯୨ରେ ଗୀତ୍ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଓ ଏଥିରେ ଦିବ୍ୟା ଭାରତୀ ଓ ଅବିନାଶ ୱାଧାବନ ଅଭିନୟ କରିଥିଲେ । ସେ ଗୁଲାମ ଏ ମୁସ୍ତାଫା, ଯୁଗପୁରୁଷ ସମେତ ମୋଟ୍ ଉପରେ ୧୫ଟି ବଲିଉଡ୍ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି । ଅଗ୍ନିସାକ୍ଷୀ ପାଇଁ ତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା ।

### ପୁଣି ଚର୍ଚ୍ଚାରେ ଓୟୋ ହୋଟେଲ

## ୧୭ ଥର ଛୁରା ମାରି ବିବାହିତା ପ୍ରେମିକାକୁ ହତ୍ୟା

ବେଙ୍ଗାଲୁରୁ, ୯।୬ (ଏଜେନ୍ସି): ପୁଣି ବଦନାମ ଓୟୋ ହୋଟେଲ । ବହୁତ କମ୍ ପ୍ରମାଣପତ୍ରରେ ମିଳି ଯାଉଥିବା ଏହି ହୋଟେଲ ପାଲଟିଛି ପ୍ରେମିକ ପ୍ରେମିକାଙ୍କ ପ୍ରଥମ ପସନ୍ଦ । ଏହା ହୋଇଯାଇଛି ରଙ୍ଗୀନ ରାତିର ରଙ୍ଗମଞ୍ଚ ପରି । କିନ୍ତୁ ଏହି ରଙ୍ଗମଞ୍ଚ ନେଇ ଯାଉଛି ଅନେକ ଜୀବନ । କିଏ ହତ୍ୟା ତ ଆଉ କିଏ କରୁଛି ଆତ୍ମହତ୍ୟା । ଏବେ ପୁନରାବୃତ୍ତି ହୋଇଛି ପୁଣି ସେହି କାହାଣୀର । ଏଥର କିନ୍ତୁ ବେଙ୍ଗାଲୁରୁ ଓୟୋ ହୋଟେଲରେ । ଆଉ ଏକ ବଦ୍‌ନାମ ସମ୍ବନ୍ଧର ଅନ୍ତ ହୋଇଯାଇଛି । ପ୍ରେମିକାକୁ ଅତି ନୃଶଂସ ଭାବେ ପ୍ରେମିକ ହତ୍ୟା କରିଛି । ୧୭ ଥର ଛୁରା ମାରି ପ୍ରେମିକାର ଜୀବନ ନେଇଛି ।

- ପ୍ରେମିକା ଦୁଇ ସନ୍ତାନର ଜନନୀ
- ସଫ୍ଟୱେର ଇଞ୍ଜିନିୟର ପ୍ରେମିକ ୮ ବର୍ଷ ସାନ




ଏହି ଘଟଣା ସାରା ଦେଶରେ ଚର୍ଚ୍ଚାରେ ରହିଛି । ପ୍ରେମିକାଠାରୁ ପ୍ରେମିକ ୮ ବର୍ଷ ସାନ ଥିଲା । ପ୍ରେମିକା ହରିଣୀର ବୟସ ୩୩ ହୋଇଥିବାବେଳେ ପ୍ରେମିକ ୟସାସର ବୟସ ଥିଲା ୨୫ । ଖାଲି ସେତିକି ନୁହେଁ ପ୍ରେମିକା ବିବାହିତା ଥିଲେ । ଆଉ ୨ ସନ୍ତାନର ଜନୀନ ମଧ୍ୟ । ତେବେ ତାଙ୍କ ପ୍ରେମିକ ଥିଲା ସଫ୍ଟୱେର ଇଞ୍ଜିନିୟର । ଏହି ସମ୍ପର୍କ ବିଷୟରେ ଜାଣିବା ପରେ ହରିଣୀଙ୍କ ପରିବାରରେ ଆସିଥିଲା ଝଡ଼ । ବ୍ୟକ୍ତିଗତ ସମ୍ପର୍କ ବିଗିଡିବାରେ ଲାଗିଥିଲା । ଶେଷରେ ବାଧ୍ୟ ହୋଇ ହରିଣୀ ସମ୍ପର୍କ ତୁଟାଇବାକୁ ଆସିଥିଲେ ଓୟୋ ହୋଟେଲକୁ । ବେଙ୍ଗାଲୁରୁସ୍ଥିତ ପୂର୍ଣ୍ଣା ପ୍ରଜ୍ଞା ଲେଆଉଟରେ ରହିଥିଲେ । କିନ୍ତୁ ସମ୍ପର୍କ ତୁଟାଇବାକୁ ଆସି ଜୀବନ ହରାଇ ଦେଇଥିଲେ ହରିଣୀ । ଗତ ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବାବେଳେ ତିନି ଦିନ ପରେ ଏହା ସାମ୍‌ନାକୁ ଆସିଛି ।

ସୁବ୍ରମନ୍ୟପୁରା ପୁଲିସର ସୂଚନା ଅନୁଯାୟୀ ହରିଣୀ ଏବଂ ୟସାସ ଉଭୟେ ବେଙ୍ଗାଲୁରୁ କେଙ୍ଗେରି ଅଞ୍ଚଳର ବାସିନ୍ଦା ଥିଲେ । ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି । ଅଭିଯୁକ୍ତ ୟସାସକୁ ଗିରଫ ହୋଇଛି । ଏହି ମହିଳା ୟସାସଠୁ ଦୂରେଇ ଯିବାକୁ ଚାହୁଁଥିଲେ । ସେଥିପାଇଁ କଥାବାର୍ତ୍ତା କମ୍ କରି ଦେଇଥିଲେ । ସେ ସମ୍ପର୍କ ଶେଷ କରିବାକୁ ଏହି ହୋଟେଲକୁ ଆସିଥିଲେ । କିନ୍ତୁ ଇର୍ଷା ଏବଂ କ୍ରୋଧରେ ୟସାସ ତାଙ୍କୁ ଛୁରି ମାରି ହତ୍ୟା କରିଥିଲା । ଏହି ପ୍ରେମ ହରିଣୀଙ୍କ ଜୀବନରେ ସମସ୍ୟା ସୃଷ୍ଟି କରିଥିଲା । ଘର ଲୋକେ ଜାଣିବା ପରେ ସମ୍ପର୍କରେ ରହିବେ ନାହିଁ ବୋଲି ସେ ୟସାସକୁ କହି ଦେଇଥିଲେ । କିନ୍ତୁ ପ୍ରେମିକ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା ।

### କାଳ ହେଲା ବିପଦପୂର୍ଣ୍ଣ ଯାତ୍ରା

## ଲୋକାଲ ଟ୍ରେନ୍‌ରୁ ଖସି ୪ ମୃତ

ଥାନେ, ୯ ।୬(ଏଜେନ୍ସି): ମୁମ୍ବାଇର ମୁମ୍ବ୍ରା ରେଳ ଷ୍ଟେସନ ନିକଟରେ ସୋମବାର ସକାଳେ ଟ୍ରେନ୍‌ରୁ ୧୩ ଜଣ ଲୋକ ଖସି ପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଛି । ଜଣେ ଜିଆରପି କନେଷ୍ଟବଳ ମଧ୍ୟ ଜୀବନ ହରାଇଛନ୍ତି । ଏମାନେ ସମସ୍ତେ ଟ୍ରେନ୍‌ର ଗେଟ୍ ପାଖରେ ଛିଡା ହୋଇଥିଲେ । ସକାଳ ୯.୩୦ରେ ମୁମ୍ବ୍ରାଠାରୁ କିଛି ଦୂରରେ ରହିଥିବା ଦିବା ଓ କୋପର ଷ୍ଟେସନ ମଧ୍ୟରେ ଏହି ଘଟଣା ଘଟିଥିଲା । ଅଫିସ୍ ଟାଇମ କାରଣ ପାଇଁ ଏହି ଟ୍ରେନ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଅତ୍ୟଧିକ ଭିଡ ପାଇଁ ଏହା ଘଟିଥିଲା ବୋଲି କୁହାଯାଉଛି । ଏମାନେ ଟ୍ରେନ୍ ଫୁଟ୍‌ବୋର୍ଡରେ ଗୋଡ ରଖି ଲଟକି ରହିଥିଲେ । ବିପରୀତ ଦିଗରୁ ଆଉ ଏକ ଟ୍ରେନ୍ ଆସିଲା । ଦୁଇଟି ଟ୍ରେନ୍‌ର ଯାତ୍ରୀମାନଙ୍କ




ବ୍ୟାଗ୍ ପରସ୍ପର ମଧ୍ୟରେ ମାଡ ହୋଇଥିଲା । ଫଳରେ ନିୟନ୍ତ୍ରଣ ହରାଇ ଯାତ୍ରୀମାନେ ତଳକୁ ଖସି ପଡ଼ିଥିଲେ । ଏହା ଦୁଇ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ନଥିଲା । ଦୁଇଟି ଟ୍ରେନ୍ ମଧ୍ୟରେ ସାଧାରଣତଃ ଦୂରତା ୧.୫ରୁ ୨ ମିଟର ଥାଏ । କିନ୍ତୁ କର୍ଭ ଅର୍ଥାତ ବଙ୍କାଣୀରେ ଦୂରତା ଆହୁରି କମିଥାଏ । ଏହା ହିଁ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି ।

ପୁଲିସ୍ ଟିମ୍ ଓ ରେଳ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିବା ପରେ ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି । ମହରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ୍ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉପ- ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି । ଟ୍ରେନ୍ ଦୁର୍ଘଟଣାରେ ଲୋକ ମରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ୧୧ ବର୍ଷ ପୂର୍ତ୍ତି ପାଳନ କରିବାର ବ୍ୟସ୍ତ ରହିଛନ୍ତି ବୋଲି କଂଗ୍ରେସ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ।

# ଆଜି ବିଜେଡିର କର୍ମକର୍ତ୍ତା ସମ୍ମିଳନୀ

## ଶଂଖ ଭବନରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରିବେ ନବୀନ

ଭୁବନେଶ୍ୱର, ୯।୬(ସମିସ): ମଙ୍ଗଳବାର ବସିବ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ। ସକାଳ ୧୧ଟାରେ ଶଙ୍ଖ ଭବନରେ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହିବେ। ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ବିଶେଷକରି ରାଜ୍ୟରେ ବିଜେପି ସରକାରର ଏକ ବର୍ଷର ବିଫଳତା ପ୍ରମୁଖ ବିଷୟ ହେବ।



ଆସନ୍ତାକାଲି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ସୋମବାର ଶଂଖ ଭବନରେ ଏହାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କର୍ମକର୍ତ୍ତା ବୈଠକ ପାଇଁ ରୋଡମ୍ୟାପ ସ୍ଥିର କରାଯାଇଛି। ବିଜେଡିର ନୂଆ କମିଟି ଗଠନ ପରେ ଦଳର ଏହା ପ୍ରଥମ ବଡ଼ ବୈଠକ। ତେଣୁ ଏଥିରେ ସମସ୍ତ କମିଟି ସଦସ୍ୟଙ୍କ ସହ ୨୦୨୪ ନିର୍ବାଚନର ପ୍ରାର୍ଥୀ, ବିଧାୟକ ଓ ସାଂସଦ ଉପସ୍ଥିତ ରହିବେ। ରାଜ୍ୟ ସରକାରଙ୍କ ଭତ୍ତା ବିଫଳତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅନାହାର ମୃତ୍ୟୁ, ପୋଲାଭରମ, ମହାନଦୀ, ଓବିସି ସଂରକ୍ଷଣ, ମଦ ମୃତ୍ୟୁ, ବାଟବଣା ତଦନ୍ତ ରିପୋର୍ଟ ପରି ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବାକୁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଉଛି।

ସେହିପରି ନବୀନ ପଟ୍ଟନାୟକଙ୍କ ସରକାର ସମୟର ସଫଳ ଯୋଜନାର ନାଁ ଓ ରଙ୍ଗ ପରିବର୍ତ୍ତନରେ ଏହି ଏକ ବର୍ଷ ବିତି ଯାଇଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଯେଉଁଥି ପାଇଁ ସରକାର ନ ଥିବା ନେଇ ଲୋକ ଅନୁଭବ କରୁଥିବା ବିଜେଡି ଦାବି କରିଛି। ଲୋକେ ସରକାରୀ ବିଫଳତା ନେଇ ସଚେତନ ହେଲେଣି। ବିଜେଡି ଏହାକୁ ଆହୁରି ଶାଣିତ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦାୟିତ୍ୱବାନ ବିରୋଧୀ ଭାବେ ବିଧାନସଭା ଭିତରେ ଓ ବାହାରରେ ସରକାରୀ ଉଦାସୀନତା ବିରୋଧରେ ବିଜେଡି ବାରମ୍ବାର ସ୍ୱର ଉଠାଇଛି। ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନ ହେଉ କି ଓଡ଼ିଆ ଏଏସଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଅବା ଓବିସି ସଂରକ୍ଷଣ, ସରକାରଙ୍କ ବିଫଳତା ବିରୋଧରେ ଦଳ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛି। ଏହାକୁ ଆହୁରି ଜୋରଦାର କରିବାକୁ ଦଳ ଅଣ୍ଟା ଭିଡ଼ିଛି। ଦଳର ବରିଷ୍ଠ ନେତା ତଥା ଓବିସି ସେଲ୍ ଆବାହକ ଅରୁଣ ସାହୁ କହିଛନ୍ତି ଯେ ସରକାର କହୁଛନ୍ତି ଦୁର୍ନୀତି ହେଉନି; କିନ୍ତୁ ଜଣେ ଆଇଏଏସ୍ ଅଫିସରଙ୍କ ଘରୁ ୪୭ ଲକ୍ଷ ଟଙ୍କା ବାହାରିଛି। ସଚିବାଳୟ ଏହି ଦୁର୍ନୀତିର ଉତ୍ସ । ନ ହେଲେ ଏତେ ଟଙ୍କା କୁଆଡୁ ଆସିବ ? ତେଣୁ ସରକାର ଯାହା ତଥ୍ୟ ଦେବେ ଦିଅନ୍ତୁ ବିଜେଡି ତାଙ୍କ ବିଫଳତାର ପର୍ଦ୍ଦାଫାଶ କରିବ ଡଃ ସାହୁ କହିଛନ୍ତି।

## ୫ ମାସରେ ଉଡ଼ାଇ ନେଲେଣି ୧୪୪ କୋଟି

# ଦିନକୁ କୋଟିଏ ଠକୁଛନ୍ତି ସାଇବର୍ ଠକ

ଭୁବନେଶ୍ୱର, ୯।୬ (ସମିସ): ରାଜ୍ୟରେ ଅଦୃଶ୍ୟ ଠକଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ପୂରା ଆକାଉଣ୍ଟ। ପୁଲିସ୍, ସରକାରଙ୍କ ପକ୍ଷରୁ ବାରମ୍ବାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସାଇବର୍ ଠକମାନେ ଗଳା ବାଟ ବାହାର କରି ଦେଉଛନ୍ତି। ନୂଆ ନୂଆ ଉପାୟରେ ଲୋକଙ୍କୁ ଚୂନ ମାରି ଚାଲିଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଠକଙ୍କ ଗୋଟିଚାଳନା ଆଗରେ ପୁଲିସ୍‌ର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ହାତଗଣତି କେତୋଟି ମାମଲାରେ ଠକଙ୍କୁ ଗିରଫ, ଟଙ୍କା ଫେରସ୍ତ ଓ ଠକଙ୍କ ଆକାଉଣ୍ଟ ଅଚଳ କରିବା ବ୍ୟତୀତ ଖାଲି ମାମଲା ରୁଜୁରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ସୀମିତ ରହିଯାଉଛି। ସାଇବର୍ ଠକେଇକୁ ନେଇ ଏବେ ପୁଣି ଏକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଗତ ୫ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ପ୍ରାୟ ୧୪୪କୋଟି ଟଙ୍କା ଉଡ଼ାଇ ନେଇଛନ୍ତି। ହାରାହାରି ଭାବେ ହିସାବ କଲେ, ଦିନକୁ କୋଟିଏ ଟଙ୍କା ଲୁଟୁଛନ୍ତି। ଚଳିତବର୍ଷ ଜାନୁୟାରୀଠାରୁ ମେ' ମଧ୍ୟରେ ରାଜ୍ୟର ପ୍ରାୟ ୨୦ ହଜାର ଲୋକଙ୍କୁ ଠକମାନେ ବିଭିନ୍ନ ଉପାୟରେ ଚୂନ ମାରିଛନ୍ତି। ହେଲେ, ସେଥିମଧ୍ୟରୁ ପୁଲିସ ମାତ୍ର ୧୬କୋଟି ଟଙ୍କା ଅଚଳ କରିପାରିଛି। ଏହା ମୋଟ ଠକେଇ ପରିମାଣର ମାତ୍ର ୧୧ ପ୍ରତିଶତ ବୋଲି ଜଣାଯାଇଛି।

### ଫ୍ରିଜ୍ ହେଇଛି ମାତ୍ର ୧୬ କୋଟି

ଅପରପକ୍ଷେ, ସମ୍ବଲପୁରର ଜଣେ ବ୍ୟବସାୟୀଙ୍କୁ ସାଇବର୍ ଠକ କୋଟିଏ ଟଙ୍କାର ଚୂନ ମାରିଥିବା ଅଭିଯୋଗ ପଦାକୁ ଆସିଛି। ପୁଞ୍ଜିବଜାର (ସେୟାର ମାର୍କେଟ୍) ରେ ନିବେଶ ଆଳରେ ଠକିଛନ୍ତି। ସଂପୃକ୍ତ ବ୍ୟବସାୟୀ ହ୍ୱାଟ୍ସଆପ୍ ଯୋଗେ ସେୟାର୍ ମାର୍କେଟ୍ ସମ୍ପର୍କିତ ଏକ ମେସେଜ୍ ପାଇଥିଲେ। ପରବର୍ତ୍ତୀ ସମୟରେ ସେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଟଙ୍କା ନିବେଶ



| ମାସ | ଅଭିଯୋଗର ସଂଖ୍ୟା | ଅଭିଯୋଗର ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨ କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ | ୩୯୪୭ | ୩୩ କୋଟି |
| ମେ | ୩୮୬୮ | ୨୩ କୋଟି |

କରିଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ସାଇବର ଠକ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ଟଙ୍କା ନିବେଶ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ୟବସାୟୀଜଣଙ୍କ ସେମାନଙ୍କ କଥାରେ ବିଶ୍ୱାସ କରି ଉକ୍ତ ଆପ୍ ଦ୍ୱାରା ସେୟାର ମାର୍କେଟ୍‌ରେ ଅର୍ଥ ଲଗାଇବା ଆରମ୍ଭ କରିଥିଲେ। କମ୍ପାନୀର ସତ୍ୟାସତ୍ୟ ଜାଣିବା ଲାଗି ଟଙ୍କା ଉଠାଇବାରୁ ଆକାଉଣ୍ଟକୁ ଟଙ୍କା ଆସିଥିଲା। ବିଶ୍ୱାସ ବଢ଼ିବାରୁ ବ୍ୟବସାୟୀଜଣଙ୍କ ଆହୁରି ଟଙ୍କା ଲଗାଇଥିଲେ। ସେୟାର୍ ମାର୍କେଟ୍‌ରୁ ମିଳୁଥିବା ଲାଭାଂଶ ଆପ୍ ୱାଲେଟ୍‌ରେ ଦେଖାଉଥିଲା। କିନ୍ତୁ ଗତ ମାସ ଶେଷ ସପ୍ତାହରେ ସେ ପୁଣିଥରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେତେବେଳକୁ ସେ ୧କୋଟି ୩୧ ଲକ୍ଷ ଟଙ୍କା ହରାଇ ସାରିଥିଲେ। ଏ ସଂପର୍କରେ ସେ ସାଇବର୍ ହେଲ୍ପଡେସ୍କ ଓ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ୨୨ଟି ପର୍ଯ୍ୟାୟରେ ଠକ ତାଙ୍କ ପାଖରୁ ୧କୋଟି ୩୧ ଲକ୍ଷ ୮୬ ହଜାର ଟଙ୍କା ନେଇଥିବା ବେଳେ ପୁଲିସ୍ ମାତ୍ର ୬ଲକ୍ଷ ଟଙ୍କା ଥିବା ସାଇବର୍ ଠକଙ୍କ ଏକ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିପାରିଛି।

## ୭ ଦଫା ଦାବିରେ ଆନ୍ଦୋଳନ କରିବେ ଡ୍ରାଇଭର

# ଜୁଲାଇ ୮ରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼



ଭୁବନେଶ୍ୱର, ୯।୬(ସମିସ): ଆସନ୍ତା ଜୁଲାଇ ୮ ତାରିଖରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଙ୍ଘ। ୭ ଦଫା ଦାବି ପୂରଣ ହେଉ ନ ଥିବାରୁ ମହାସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସୋମବାର ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘ ଏବଂ ଡ୍ରାଇଭର ଏକତା ମହାମଞ୍ଚର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ଜୁଲାଇ ୭ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ। ପୂର୍ବରୁ ସରକାରଙ୍କୁ ଡ୍ରାଇଭରଙ୍କ ସ୍ୱାର୍ଥ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଏହାକୁ ସରକାର କର୍ଣ୍ଣପାତ କରୁନାହାନ୍ତି। ତେଣୁ ଡ୍ରାଇଭରମାନଙ୍କ ସୁରକ୍ଷା, ସମ୍ମାନ ଏବଂ ଅଧିକାର ପାଇଁ ଏହି ଆନ୍ଦୋଳନ କରାଯିବ ବୋଲି ମହାସଂଘ କହିଛି।

ସାରା ଓଡ଼ିଶାର ଡ୍ରାଇଭର ଭାଇମାନଙ୍କର ସ୍ୱାର୍ଥକୁ ଆଖି ଆଗରେ ରଖି ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘ, ଓଡିଶା ଟ୍ରକ ମାଲିକ ସଙ୍ଘ ଏବଂ ବସମାଲିକ ସଙ୍ଘ ସେମାନଙ୍କର ସମର୍ଥନ ରହିବ ବୋଲି ମହାସଂଘ ପକ୍ଷରୁ ଓଡିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଗିତ ଦିନରୁ ଡ୍ରାଇଭରମାନଙ୍କ ବଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭରମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀ ମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ବଦଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉକି, ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମସ୍ଥଳୀ, ଖଣି-ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି, ଅଲ୍ ଓଡ଼ିଶା ପରିବହନ ଚାଳକ ସଙ୍ଘର ସଭାପତି ଦୀପକ ନାୟକ, ଓଡିଶା ଡ୍ରାଇଭର ମହାସଂଘର ସମ୍ପାଦକ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା, ସହ-ସମ୍ପାଦକ ମାନସ ଦେବତା, ଉପଦେଷ୍ଟା ଅବକାଶ ଖଟୁଆ, ଖୋର୍ଦ୍ଧା ଜିଲ୍ଲା କମିଟି ଏବଂ ଭୁବନେଶ୍ୱର ବ୍ଲକ କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ବୃଦ୍ଧଙ୍କୁ ମାରି ପୋଡ଼ିଦେବା ଘଟଣା

# ୨ ପୁରୁଷଙ୍କ ସମେତ ୧୦ ଗିରଫ

ମୋହନା, ୯।୬ (ସମିସ): ଗଜପତି ଜିଲ୍ଲା କୁଇହୁରୁ ଗାଁର ବୃଦ୍ଧ କାମ୍ବି ମଲିକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିବା ପରେ ଜଙ୍ଗଲରେ ପୋଡ଼ିଦେବା ଘଟଣାରେ ମୋହନା ପୁଲିସ୍ ଆଜି ୧୦ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୮ଜଣ ମହିଳା ଥିବା ବେଳେ ୨ଜଣ ପୁରୁଷ ଅଛନ୍ତି। ସେମାନେ ହେଲେ, ଗାଁର ବାଛିଙ୍ଗା ମଲିକ(୫୩), ପାଟଙ୍ଗା ମଲିକ(୫୮),

### ଗାଁ ମହିଳାଙ୍କୁ ଅସଦାଚରଣ ହତ୍ୟାର କାରଣ

କକ୍ଷଦିରୀ ମଲିକ(୪୮), ହେମ ମଲିକ(୫୦), ଲକ୍ଷ୍ମୀ ମଲିକ(୫୪), ହେମ ମଲିକ(୪୭), କୁନି ମଲିକ(୩୨), ନୃଦୁଲୁ ମଲିକ(୩୫), ଶୁକ୍ର ମଲିକ(୫୬) ଓ ଶୁକଦେବ ମଲିକ(୩୫)। ଏହାସହ ପୁଲିସ୍ ହତ୍ୟାରେ ବ୍ୟବହୃତ ଗୋଟିଏ କାତି ଜବତ କରି ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ଆଉ କିଛି ଅଭିଯୁକ୍ତଙ୍କୁ ସଂପୃକ୍ତି ଅଛି, ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଗୋଟିଏପଟେ, ଗୁଣି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ଗତକାଲି ଗ୍ରାମବାସୀ କହିଥିବା ବେଳେ ଅନ୍ୟପଟେ ମହିଳାମାନଙ୍କୁ ଅସଦାଚରଣ କରିବା ଯୋଗୁଁ ଗ୍ରାମବାସୀ ଅତିଷ୍ଠ ହୋଇ ତାଙ୍କୁ ହତ୍ୟା କରିଥିବା କହିଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ୫ ବର୍ଷ ତଳେ କାମ୍ବିଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଝିଅ ମିତା ଓ ସୁନ୍ଦରୀ ହାଲାଗାଡ଼ି ଗାଁରେ ବିବାହ କରିଥିଲେ। ଦୁଇପୁଅଙ୍କ ମଧ୍ୟରୁ ବଡ଼ପୁଅ ପୁରୁ ମଲିକ ଦାଦନ ଖଟିବାକୁ ଗୋଆ ଯାଇଥିବା ବେଳେ ସାନ ପୁଅ ମୀନକେତନ ବାପାଙ୍କ ସହ ରହୁଥିଲା। କାମ୍ବି ଗାଁରେ ଝଡ଼ାଫୁଙ୍କା କରିବା



ସହ ଚେରମୂଳି ଔଷଧ ଦେଉଥିଲେ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଝଡ଼ାଫୁଙ୍କା ଆଳରେ କାମ୍ବି ଗାଁର ମହିଳାମାନଙ୍କୁ ଖରାପ ନଜରରେ ଦେଖୁଥିଲେ। ତାଙ୍କ ସମ୍ପର୍କୀୟ କିଛି ମହିଳାଙ୍କ ସହ ମଧ୍ୟ ପାଶବିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି।

ସେହିପରି ଗାଁର କିଛି ପୁରୁଷଙ୍କ ଅକାଳରେ ମୃତ୍ୟୁ ହେବା ଏବଂ ସେମାନଙ୍କ ବିଧବା ପତ୍ନୀଙ୍କୁ ଖରାପ ବ୍ୟବହାର କରି ଆସୁଥିବାରୁ କାମ୍ବି ଗୁଣିଗାରେଡ଼ି କରୁଛନ୍ତି ବୋଲି ଗାଁଲୋକଙ୍କ ସନ୍ଦେହ ହୋଇଥିଲା। ଗୋଟିଏପଟେ ଗୁଣି ସନ୍ଦେହ, ଅନ୍ୟପଟେ ମହିଳାଙ୍କୁ ଅସଦାଚରଣ ଯୋଗୁଁ କାମ୍ବିଙ୍କ ଉପରେ ଗାଁ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ, ତାଙ୍କୁ ହତ୍ୟା କରିବାରୁ ସୁଯୋଗ ଖୋଜୁଥିଲେ। ଗତ ମଙ୍ଗଳବାର ଦିନ ସାନ ପୁଅ ମୀନକେତନ ଓ ଘରକୁ ଆସିଥିବା ସାନ ଝିଅ ସୁନ୍ଦରୀ ଏକ ଭୋଜିରେ ଯୋଗଦେବା ପାଇଁ ପାଖ ଗାଁକୁ ଯାଇଥିଲେ। ଘରେ ଏକୁଟିଆ କାମ୍ବି ଥିଲେ। ଏହାର ସୁଯୋଗ ନେଇ ରାତିରେ ଗାଁର ଏକାଧିକ ବ୍ୟକ୍ତି ମିଳିତ ଭାବେ କାମ୍ବିଙ୍କୁ ଘରୁ ଟେକି ନେଇ ଦାଣ୍ଡରେ ନିସ୍ତୁକ ପିଟିବା ପରେ କଟୁରୀରେ ହାଣି ହତ୍ୟା କରିଥିଲେ। ପରେ ପ୍ରମାଣ ଲୁଚାଇବା ପାଇଁ ଗାଁଠାରୁ ପ୍ରାୟ ୨କି.ମି ଦୂରରେ ଥିବା ଜଙ୍ଗଲର ଏକ ଆମ୍ବଗଛ ମୂଳରେ ଥିବା ପଥର ଉପରେ ପୋଡ଼ି ଦେଇଥିଲେ ବୋଲି ପୁଲିସ୍ ସୂଚନା ଦେଇଛି। ତେବେ ବୁଧବାର ସାନପୁଅ ଓ ଝିଅ ଘରକୁ ଆସି ଦେଖିବା ବେଳକୁ କାମ୍ବି ଘରେ ନଥିଲେ ଏବଂ ଘର ଆଗରେ କିଛି ରକ୍ତଛିଟା ପଡ଼ିଥିଲା। ତେବେ ତାଙ୍କ ବାପାଙ୍କୁ ହତ୍ୟା କରି ଗ୍ରାମବାସୀମାନେ ଜାଳି ଦେଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଅ-ଝିଅ ମୋହନା ପୁଲିସ୍‌କୁ ଖବର ଦେଇଥିଲେ। ରବିବାର ପୁଲିସ ଖବର ପାଇ କୁଇହୁରୁ ଗାଁରେ ତଦନ୍ତ କରିଥିଲା। ତଦନ୍ତ ପରେ ହତ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲା। ପୋଡ଼ା ଯାଇଥିବା ସ୍ଥାନରୁ ହାଡ଼ ପାଉଁଶ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା। ଆଜି ଏହି ଘଟଣାରେ ସମ୍ପୃକ୍ତ ୧୦ଜଣଙ୍କୁ ଗିରଫ କରିଛି।

## ବନ୍ୟଜନ୍ତୁ ଆକ୍ରମଣଜନିତ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି

# ୬ ଲକ୍ଷରୁ ୧୦ ଲକ୍ଷକୁ ବଢ଼ିଲା

ଭୁବନେଶ୍ୱର, ୯।୬ (ସମିସ): ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣ ଜନିତ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି ହୋଇଛି। ପୂର୍ବରୁ ମିଳୁଥିବା ୬ ଲକ୍ଷ ଟଙ୍କାର ଅର୍ଥରାଶିକୁ ସରକାର ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାସହ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ, ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ୍ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ, ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପକ୍କା ପାଚେରି, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ପଶୁ-ମଣିଷ ଲଢ଼େଇ ବୃଦ୍ଧି ପାଉଛି। ୨୦୧୩-୧୪ରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ, ଗତ ୧୦ ବର୍ଷ ମଧ୍ୟରେ ଜୀବଜନ୍ତୁଙ୍କ ଆକ୍ରମଣରେ ୧୨୧୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେବଳ ହାତୀ ଆକ୍ରମଣରେ ୯୯୪ ଜଣଙ୍କ ଜୀବନ ଯାଇଛି। ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ୨୨୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ୧୦ ବର୍ଷ ମଧ୍ୟରେ ସର୍ବାଧିକ ୨୦୨୨-୨୩ ମସିହାରେ ହାତୀ ଆକ୍ରମଣରେ ୧୪୮ ଓ ଅନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୩-୧୪ରେ ହାତୀ ଆକ୍ରମଣରେ ୬୭, ୨୦୧୪-୧୫ରେ ୬୫, ୨୦୧୫-୧୬ରେ ୮୯, ୨୦୧୬-୧୭ରେ ୬୬, ୨୦୧୭-୧୮ରେ ୧୦୫, ୨୦୧୮-୧୯ରେ ୮୫, ୨୦୧୯-୨୦ରେ ୧୧୭, ୨୦୨୦-୨୧ରେ ୧୩୯, ୨୦୨୧-୨୨ରେ ୧୧୩ ଓ ୨୦୨୨-୨୩ ମସିହାରେ ୧୪୮ ଜଣଙ୍କ ଜୀବନ ଯାଇଛି। ସେହିପରି ୧୦ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୬୬୦ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୨୧-୨୨ ବର୍ଷ ମଧ୍ୟରେ ୧୨୫ ଜଣ ଆହତ ହୋଇଥିବା ବେଳେ ୨୦୨୨-୨୩ ବର୍ଷରେ ୧୦୨ ଜଣ ଆହତ ହୋଇଛନ୍ତି।

## ୫୦ ଟପିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର, ୯।୬ (ସମିସ): ରାଜ୍ୟରେ ୫୦ଟପିଛି କରୋନା ରୋଗୀଙ୍କ ସଂଖ୍ୟା। ଆଜି ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏବେ ସୁଦ୍ଧା ମୋଟ ୫୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏଥିରୁ ୨୦ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଏବେ ୩୬ ଆକ୍ରାନ୍ତ ସକ୍ରିୟ ଅଛନ୍ତି। ଅଧିକାଂଶ ଆକ୍ରାନ୍ତ ସୁସ୍ଥ ରହିବା ସହ ଗୃହ ସଂଗରୋଧରେ ରହି ଚିକିତ୍ସିତ ହେଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ବଢୁଥିବା କରୋନା ଗ୍ରାଫ୍‌କୁ ନେଇ ବରିଷ୍ଠ ଡାକ୍ତର ଅଶୋକ ମହାପାତ୍ର କହିଛନ୍ତି, ଆଗାମୀ ଦେଢ଼ ମାସ ସବୁ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ିବ କି କମିବ, ତାହା ସ୍ପଷ୍ଟ ହେବ। ତେଣୁ ଅବହେଳା ନ କରି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

# ସାମାନ୍ୟ ବଚସାରୁ ତୀରମାଡ଼

ଖଇରପୁଟ/ବାଲିମେଳା, ୯।୬(ସମିସ): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧୀନ ରାସବେଡ଼ା ପଞ୍ଚାୟତର ପାଲକାଗୁଡା ଗ୍ରାମରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ତୀରମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆହତ ବ୍ୟକ୍ତିଜଣକ ହେଲେ, ରାସବେଡ଼ା ପଞ୍ଚାୟତ ଅଧୀନ ପାଲକାଗୁଡ଼ା ଗ୍ରାମର କୃପା ମୁଦୁଲିଙ୍କ ପୁଅ ତ୍ରିପତି ମୁଦୁଲି(୪୫)। ତୀରଟି ତାଙ୍କ ଛାତିର ଗଳି ଯାଇଛି। ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପାଲକାଗୁଡ଼ା ଗ୍ରାମର ହରି ମୁଦୁଲିଙ୍କ ପୁଅ ହାଡ଼ି ମୁଦୁଲି ଏବଂ ସେହି ଗ୍ରାମରେ ରହୁଥିବା




ତ୍ରିପତି ମୁଦୁଲିଙ୍କ ମଧ୍ୟରେ ଗତ ୮ତାରିଖ ଦିନ କୌଣସି କାରଣରୁ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ଶ୍ରୀପତିଙ୍କୁ ଟାଙ୍ଗିଆରେ ହାଣିବା ସହିତ ତୀରମାରିବାକୁ ଧମକ ଦେଇଥିଲା ହାଡ଼ି। ସେହିଦିନ ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀପତି ହାଡ଼ିଙ୍କୁ ବୁଝାଇବା ପାଇଁ ତାଙ୍କ ଘରକୁ ଯାଇଥିଲେ। ସେଠାରେ ହାଡ଼ି ହଠାତ୍ ଶ୍ରୀପତିଙ୍କ ଛାତିକୁ ତୀର ମାରିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ସକ୍ରିୟ ହେବାକୁ ପାଗ ଭିଡୁଛି ମୌସୁମୀ

ଭୁବନେଶ୍ୱର, ୯।୬(ସମିସ): ଏଥର ସଅଳ ଆସିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅଗ୍ରଗତିରେ ଗତ ମେ' ୨୯ ପରଠାରୁ ବିରାମ ଲାଗିଛି। ଫଳରେ ଓଡ଼ିଶା ସମେତ ଦେଶର ପ୍ରମୁଖ ରାଜ୍ୟମାନଙ୍କରେ ବର୍ଷାରେ ରୋକ୍ ଲାଗିଛି। ଏହା ପୁଣି ସକ୍ରିୟ ହୋଇ ପ୍ରଥମେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ବର୍ଷା କରାଇବ। ଏହାପରେ ଆସନ୍ତା ୧୨ରୁ ୧୫ ତାରିଖ ମଧ୍ୟରେ କର୍ଣ୍ଣାଟକ ଏବଂ କୋଙ୍କଣ-ଗୋଆ ଆଦି ଅଞ୍ଚଳରେ ପ୍ରବଳ ବର୍ଷା କରାଇବ। ଏହା ପରେ ପରେ ଓଡ଼ିଶାରେ ମଧ୍ୟ ମୌସୁମୀ ସକ୍ରିୟ ହେବା ସହ ରାଜ୍ୟରେ ବର୍ଷା ହୋଇପାରେ।

ଅନ୍ୟପଟେ ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଓଡ଼ିଶା ସଂଲଗ୍ନ ଦକ୍ଷିଣ ଗାଙ୍ଗେୟ-ପଶ୍ଚିମବଙ୍ଗ ଉପକୂଳରେ ବାୟୁମଣ୍ଡଳର ୧.୫ରୁ ୫.୮ କିଲୋମିଟର ଉଚ୍ଚତା ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଫଳରେ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ବହୁ ଅଧିକ ରହୁଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇଛି। ସୋମବାର ଝାରସୁଗୁଡ଼ାରେ ତାପମାତ୍ରା ୪୦.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୪୦.୩ ଡିଗ୍ରୀ ରେକର୍ଡ ହୋଇଛି। ମାତ୍ର ଉପକୂଳରେ ୩୫-୩୭ ଡିଗ୍ରୀ ତାପମାତ୍ରା ସାଙ୍ଗକୁ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତରୁ ଅଧିକ ରହିଥିବା ହେତୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ରାଜଧାନୀରେ ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଦିନ ୧୨ଟା ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୫ ଡିଗ୍ରିରେ ମଧ୍ୟରେ ଥିଲେ ମଧ୍ୟ ଆର୍ଦ୍ରତା ୬୮.୪ ପ୍ରତିଶତରୁ ଅଧିକ ରହୁଥିବାରୁ ପ୍ରବଳ ଗୁଳୁଗୁଳି ହୋଇଛି। ସକାଳେ ଆର୍ଦ୍ରତା ୮୦ ପ୍ରତିଶତରୁ ଅଧିକ ରହୁଥିବାରୁ ରାଜଧାନୀବାସୀ ଅସ୍ତବ୍ୟସ୍ତ ହେଉଛନ୍ତି।

### ରାଜ୍ୟରେ ଗୁଳୁଗୁଳି ସାଙ୍ଗକୁ ଜାରି ରହିବ ବର୍ଷା



ସଂପ୍ରତି ଦିନରେ ଗରମ ଓ ଗୁଳୁଗୁଳି ହେଉଥିବା ବେଳେ ଅପରାହ୍ଣ ପରେ ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଫଳରେ ଅନେକ ସ୍ଥାନରେ ସୋମବାର କାଳବୈଶାଖୀଜନିତ ବର୍ଷା ଅନୁଭୂତ ହୋଇଛି। ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଜଗତସିଂହପୁରରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ଅନୁଗୁଳରେ ୩୫, ଖୋର୍ଦ୍ଧାରେ ୩୩, ଭଦ୍ରକ ୨୨, ଯାଜପୁର ୨୦ ଓ କେନ୍ଦୁଝରରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ କନ୍ଧମାଳର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପବନ ଓ କିଛି କିଛି ସ୍ଥାନରେ ଭାରି ବର୍ଷା ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୟାଗଡ଼, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

# ଦୁର୍ଘଟଣାରେ ବାପ-ପୁଅ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ

ବାଲିଗୁଡ଼ା, ୯।୬ ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳରେ ଆଜି ଏକ ଦୁର୍ଘଟଣା ବାପା-ପୁଅଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବାଲିଗୁଡ଼ା ଥାନା ଅନ୍ତର୍ଗତ ରୁତୁଙ୍ଗିଆ ପଞ୍ଚାୟତ ସିରିଶିପାଙ୍ଗା ଗ୍ରାମର ହେମ କହଁର ଓ ତାଙ୍କ ପୁଅ ନୀଳମଣି କହଁର। ସୂଚନାନୁସାରେ, ହେମ ଓ ନୀଳମଣି ଖମଣଖୋଲ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ରବିବାର ରାତିରେ ଦୁହେଁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସୁତ୍ରା ପଞ୍ଚାୟତ ଗାଲିଗୁରା ଗାଁ ନିକଟରେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ ଗୁରୁତରଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ହେମଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ



ଗୁରୁତର ନୀଳମଣିଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟ ମଝିରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ବାଲିଗୁଡ଼ା ପୁଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ କରି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଗୋଟିଏ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ସ୍ଥାନୀୟ ପ୍ରଶାସନ ରେଡ୍‌କ୍ରସ୍ ପକ୍ଷରୁ ଆର୍ଥିକ ଅନୁଦାନ ସହ ଆବାସ ଗୃହ ଓ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକ ଜାତୀୟ ରାଜପଥ ଅବରୋଧରୁ ହଟିଥିଲେ।



# ଭୁବନେଶ୍ୱର ସିଟି

## ଅବାଧ ଗର୍ଭ ନିରୋଧକ ସାମଗ୍ରୀ ବିକ୍ରି

# ଔଷଧ ଦୋକାନରେ ଚଢ଼ଉ

ଭୁବନେଶ୍ୱର, ୯।୬(ସମିସ)

ରାଜଧାନୀର ଗଳିକନ୍ଦିରେ ଭ୍ରୂଣ ହତ୍ୟା ଔଷଧ (ଏମ୍‌ଟିପି) ଏବଂ ଗର୍ଭ ନିରୋଧକ ସାମଗ୍ରୀ ବିକ୍ରି ନେଇ ସୋମବାର ଡ୍ରଗ୍ କଣ୍ଟ୍ରୋଲ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ନୂଆପଲ୍ଲୀରେ ଥିବା ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ଉ କରାଯାଇଛି । ମେଡିକାଲ୍ ଟର୍ମିନେସନ୍ ଅଫ୍ ପ୍ରେଗନାନ୍ସି (ଏମ୍‌ଟିପି) କିଟ୍ ଅବୈଧ ବିକ୍ରୟ ଏବଂ ମହଜୁଦ ରିପୋର୍ଟ ଯାଞ୍ଚ କରିବା ପାଇଁ ଏନଫୋର୍ସମେଣ୍ଟ ଦଳ ରୋଜ୍ ଡ୍ରଗ୍ ହାଉସ୍, ମମତା ପଲ୍ସ ମେଡିଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଓଡ଼ିଶା କସମେଡ୍ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ବିଭିନ୍ନ ଖୁଚୁରା ଦୋକାନରେ ବୈଧ ପ୍ରେସକ୍ରିପସନ୍ ବିନା ମୋଟ ୨୭ଟି ଷ୍ଟ୍ରିପ୍ ଏମ୍‌ଟିପି କିଟ୍ ମହଜୁଦ ଥିବା ଜଣାପଡ଼ିଥିଲା । ଏହି ଔଷଧର ଦୁଇଟି ନମୁନା ସରକାରୀ ଭାବରେ ସଂଗ୍ରହ କରାଯାଇଥିଲା ଏହାର ଗୁଣବତ୍ତା ପରୀକ୍ଷା ପାଇଁ କେନ୍ଦ୍ରୀୟ ଔଷଧ ପରୀକ୍ଷାଗାରକୁ ପଠାଯିବ । ଏହି ଔଷଧଗୁଡ଼ିକ ବେଆଇନ ଭାବେ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା । ବିଶେଷକରି ରାଜଧାନୀର ବିଭିନ୍ନ ଲେଡିଜ୍ ହଷ୍ଟେଲ୍ ନିକଟରେ ଥିବା ଔଷଧ ଦୋକାନଗୁଡ଼ିକରେ ଏସବୁ ବିକ୍ରି ହେଉଥିବା ଜଣାପଡ଼ିଥିଲା । ବିନା ପ୍ରେସକ୍ରିପସନରେ ଏହି ମଣିଷମରା ମେଡିସିନକୁ ବିକ୍ରି କରାଯାଉଥିଲା । ଓଡ଼ିଶାର ଡ୍ରଗ୍ସ ନିୟନ୍ତ୍ରକଙ୍କ ନିର୍ଦ୍ଦେଶ ଅନୁଯାୟୀ ଚନ୍ଦନ କୁମାର ଗିରି, ଡ୍ରଗ୍ସ ଇନ୍ସପେକ୍ଟର (ଏନଫୋର୍ସମେଣ୍ଟ),



ଡକ୍ଟର ସୁଦର୍ଶନ ବିଶ୍ୱାଳ, ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର (ଭୁବନେଶ୍ୱର ସର୍କଲ-୨), ଏବଂ ପ୍ରବେଶ କୁମାର ଲେଙ୍କା, ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର୍ (ଭୁବନେଶ୍ୱର ସର୍କଲ-୧)ଙ୍କୁ ନେଇ ଗଠିତ ଏକ ଦଳ ମିଳିତ ଚଢ଼ଉ କରିଥିଲେ ।

ପ୍ରକାଶ ଥାଉ କି ୨୦୦୭ ମସିହା ନୟାଗଡ଼ରେ ଭ୍ରୂଣ ହତ୍ୟା ଘଟଣା ପରେ ରାଜ୍ୟର ଔଷଧ ଦୋକାନରେ ବେଆଇନ୍ ଭାବେ ବିକ୍ରି କରାଯାଉଥିବା ଗର୍ଭପାତ ଔଷଧ ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ଟିମ୍ ନିୟୋଜିତ

**ନମୁନା ରିପୋର୍ଟ ଆସିବା ପରେ ଲାଇସେନ୍ସ ବାତିଲ**

କରାଯାଇଥିଲା । ହେଲେ ଏସବୁ ପରେ ଏବେ ଏସବୁ ଔଷଧ କିଭଳି ବିକ୍ରି କରାଯାଉଥିଲା ତାକୁ ନେଇ ପ୍ରଶ୍ନ ଉଠିଛି । ବିନା ଡାକ୍ତରୀ ଚିଠାରେ ଗର୍ଭପାତ ପାଇଁ ଥିବା ଅନୱାଣ୍ଟେଡ୍ କିଟ୍ ବିକ୍ରିର ନିୟମ ନ ଥିଲା ବେଳେ ଏହା ଅବାଧରେ ବିକ୍ରି ହେଉଥିବା ଜଣାପଡ଼ିଛି ।

### କ'ଣ ରହିଛି ଏସ୍‌ଓପି

ଏସଓପି କହୁଛି, ଏହି କିଟ୍ ବିକ୍ରି କରିବା ପୂର୍ବରୁ ମେଡିସିନ୍ ଦୋକାନୀ ଗ୍ରାହକଙ୍କ ନିକଟରୁ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ପ୍ରେସକ୍ରିପ୍ସନ ଦେଖିବା ନିହାତି ଜରୁରୀ । କେବଳ ସେତିକି ନୁହେଁ ଏଥିପାଇଁ ଓଆର ନମ୍ବର ବି ଦେବାକୁ ହେବ । ଅର୍ଥାତ ସୁରକ୍ଷିତ ଗର୍ଭପାତ ପାଇଁ ଥିବା ଏକ ଫର୍ମରେ ଉଭୟ ଗର୍ଭପାତ ପାଇଁ ଚାହୁଁଥିବା ଯୁବତୀ କିମ୍ବା ମହିଳା ଓ ଏଥିପାଇଁ ପରାମର୍ଶ ଦେଇଥିବା ଡାକ୍ତରଙ୍କ ଦସ୍ତଖତ ଥିବ । କିନ୍ତୁ ଡାକ୍ତରଙ୍କ ବିନା ଅନୁମତିରେ ଗର୍ଭନଷ୍ଟ ପାଇଁ ଅନୱାଣ୍ଟେଡ୍ କିଟ୍ ବ୍ୟବହାର ଦ୍ୱାରା ସମ୍ପୃକ୍ତ ଯୁବତୀଙ୍କ ପ୍ରବଳ ରକ୍ତସ୍ରାବ ସହ ଜୀବନ ପ୍ରତି ମଧ୍ୟ ଗୁରୁତର ବିପଦ ରହିଥିବା କହିଛନ୍ତି ବିଶେଷଜ୍ଞ ।

## କାର୍ ଯୋଗାଇବା ଆଳରେ କୋଟିଏ ଠକେଇ

# ୯ ମାସ ପରେ ଅବସରପ୍ରାପ୍ତ ଏସ୍‌ପିଙ୍କ ପୁଅ ଗିରଫ

ଭୁବନେଶ୍ୱର, ୯।୬ (ସମିସ): ବିଳାସପୂର୍ଣ୍ଣ କାର ଯୋଗାଇବା ଆଳରେ କୋଟିଏ ୯ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଶୈଳଶ୍ରୀ ବିହାରରେ ରହୁଥିବା କଟକ ନେକ୍ସା ସୋରୁମ୍ ମ୍ୟାନେଜର ସମ୍ବିତ ପଣ୍ଡା (୩୨) । ସମ୍ବିତ୍ ହେଉଛନ୍ତି ଅବସରପ୍ରାପ୍ତ ଏସ୍‌ପି ବିଦ୍ୟୁତ ଚନ୍ଦ୍ର ପଣ୍ଡାଙ୍କ ପୁଅ ।

**■ ଅଭିଯୋଗ ରଖି ନ ଥିଲା ପୁଲିସ**
**■ କୋର୍ଟଙ୍କ ନିର୍ଦ୍ଦେଶରେ ରୁଜୁ ହୋଇଥିଲା ମାମଲା**

ପୁଲିସ ସୂଚନା ଅନୁସାରେ, ବ୍ୟବସାୟୀ ରୋହିତ ରୋଶନ ମହାନ୍ତି ପିଲାଦିନରୁ ବିଳାସପୂର୍ଣ୍ଣ କାର୍ ପ୍ରତି ଦୁର୍ବଳତା ରହିଛି । ସେ ୨୦୨୩ ମସିହା ମାର୍ଚ୍ଚ ମାସରେ ସମ୍ବିତ ସଂସ୍ପର୍ଶରେ ଆସିଥିଲେ । ସମ୍ବିତ ନିଜକୁ ଜଣେ ଫ୍ରିଲାନ୍ସ କାର୍ ବ୍ରୋକର ଓ ଭୁବନେଶ୍ୱରର ଅଡିର ପୂର୍ବତନ ପରିଚାଳକ ଭାବରେ ପରିଚୟ ଦେଇଥିଲା । ଆଉ ଏକ ମାସ ମଧ୍ୟରେ ନୂଆ ବିଳାସପୂର୍ଣ୍ଣ ଯାନବାହାନ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା । ରୋହିତ ତା' କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ କୋଟିଏ ୮ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ । ଟଙ୍କା ପାଇବା ପରେ ସମ୍ବିତ ଗାଡ଼ି ଯୋଗାଇନଥିଲା । ଏମିତିକି ରୋହିତଙ୍କ ସହିତ ଯୋଗାଯୋଗ ରଖିନଥିଲା । ବାରମ୍ବାର ଯୋଗାଯୋଗ ପରେ ସମ୍ବିତ ଦୁର୍ବ୍ୟବହାର କରିବା ସହିତ ଧମକ ଦେଇଥିଲା । ସମ୍ବିତ ତାଙ୍କୁ ଭ୍ରମିତ କରିବା ପାଇଁ ଜାଲ କାଗଜପତ୍ର ବ୍ୟବହାର କରିଥିଲା ଓ ସେ ପୂର୍ବରୁ ଅନେକ ବ୍ୟକ୍ତିଙ୍କୁ ଠକିଥିବା ପରବର୍ତ୍ତୀ ସମୟରେ ସମ୍ବିତ ଜାଣିବାକୁ ପାଇଥିଲେ । ଏନେଇ ରୋହିତ ପ୍ରଥମେ ଥାନାରେ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ ଅଭିଯୋଗ ରଖି ନ ଥିଲା । ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱର ଜେଏମଏଫସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଇନଫୋସିଟି ଥାନା ପୁଲିସ ଗତବର୍ଷ ସେପ୍ଟେମ୍ବର ମାସରେ ମାମଲା ରୁଜୁ କରିଥିଲା । ଆଜି କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ନେକ୍ସା ଶୋ'ରୁମରେ ଚଢ଼ଉ କରି ସମ୍ବିତକୁ ଗିରଫ କରିଥିଲା । ତେବେ ଏହି ମାମଲାରେ ଆଉ ଦୁଇ ଜଣ ମଧ୍ୟ ସମ୍ପୃକ୍ତି ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି ।

## ■ ସୁନାଚେନ୍ ଲୁଟ୍ ଉଦ୍ୟମ ବେଳେ ଦୁର୍ଘଟଣା

# ଅଭିଯୁକ୍ତ ଗିରଫ; ବାଇକ୍, ଖଣ୍ଡା ଜବତ

ଭୁବନେଶ୍ୱର, ୯।୬(ସମିସ): ମହିଳାଙ୍କ ଠାରୁ ସୁନାଚେନ୍ ଲୁଟ୍ ଉଦ୍ୟମ ବେଳେ ଦୁର୍ଘଟଣା ଘଟିଥିଲା । ଲୁଟେରାମାନେ ଧରାପଡ଼ିବା ଭୟରେ ଗାଡି ଛାଡ଼ି ପଳାଇଥିଲେ । ଗାଡ଼ିରୁ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଛି ପୁଲିସ । ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମର ଜନ୍ ରୁଦ୍ର ପ୍ରଧାନ । ତା' ନିକଟରୁ ବାଇକ୍ ଓ ଖଣ୍ଡା ଜବତ କରାଯାଇଛି । ଖବର ନେବାରୁ ଜଣାପଡ଼ିଛି ଯେ, ଗତ ମେ ୭ ରାତିରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ଜୟଦେବ ବିହାର ଓଭରବ୍ରିଜ୍ ନିକଟରେ ବାଇକ୍‌ରେ ଯାଉଥିବା ବେଳେ ଜନ୍ ରୁଦ୍ର ପ୍ରଧାନ ଓ ସହଯୋଗୀ ମହିଳାଙ୍କ ସୁନା ଚେନ୍ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ । ପ୍ରୟାସ ବିଫଳ ହେବା ପରେ ସେମାନେ ତାଙ୍କ ସ୍ୱାମୀଙ୍କ ପକେଟରୁ ଏକ ଭିଭୋ ମୋବାଇଲ୍ ଫୋନ୍ ଛଡ଼ାଇ ନେଥିଲେ । ବାଇକ୍ ଯୋଗେ ସେମାନେ ଖସିଯିବା ପାଇଁ ଉଦ୍ୟମ କରିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଘଟଣାସ୍ଥଳରେ ଲୁଟ କରିଥିବା ମୋବାଇଲ୍ ଫୋନ୍ ଏବଂ ତାଙ୍କ ମୋଟର ସାଇକେଲ୍ ଛାଡ଼ି ପଳାଇଯାଇଥିଲେ । ସେମାନେ ବ୍ୟବହାର କରିଥିବା ବାଇକ୍‌କୁ ଆଧାର କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା ପୁଲିସ । ବାଣୀବିହାରର କ୍ୟାମ୍ପସରେ ଏକ ଚଢ଼ଉ କରି ପୁଲିସ ଅଭିଯୁକ୍ତକୁ ଗିରଫ କରିଛି ।

## ■ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ସମ୍ବଲପୁରରୁ ଧରାପଡ଼ିଲା ପ୍ରେମିକ



ଭୁବନେଶ୍ୱର, ୯।୬ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ପ୍ରତାରଣା କରିଥିବା ପ୍ରେମିକକୁ ସମ୍ବଲପୁରରୁ ଗିରଫ କରିଛି ମହିଳା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଅଇଁଠାପାଲି ଥାନା ଶାନ୍ତି ନଗରରେ ରହୁଥିବା ଶୁଭ୍ରଜିତ ଜେନା (୩୨) । ପୁଲିସ ସୂଚନା ଅନୁଯାୟୀ, ଜଗତସିଂହପୁରର ଜଣେ ଯୁବତୀ ୪ ବର୍ଷ ତଳେ ଫେସବୁକ୍ ମାଧ୍ୟମରେ ଶୁଭ୍ରଜିତ ସହ ସମ୍ପର୍କରେ ଆସିଥିଲେ । ପର୍ବର ସମୟରେ ଉଭୟଙ୍କ ସମ୍ପର୍କ ଆଗକୁ ବଢ଼ିଥିବା ବେଳେ ଶୁଭ୍ରଜିତ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ତା' କଥାକୁ ବିଶ୍ୱାସ କରି ପୀଡ଼ିତା ବିଭିନ୍ନ ସମୟରେ ତାଙ୍କ ସହିତ ହୋଟେଲରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ । ଗତ ଏପ୍ରିଲ୍ ମାସରେ ଶୁଭ୍ରଜିତ କୋର୍ଟ ବିବାହ କରିବା ଆଳରେ ପୀଡିତାଙ୍କୁ ପାହାଳ ସ୍ଥିତ ଏକ ଗେଷ୍ଟ ହାଉସକୁ ଡାକିଥିଲା । ସେଠାରେ ପୁଣିଥରେ ଶାରୀରିକ ସମ୍ପର୍କ ରଖିଥିଲା । ପ୍ରେମ ସମ୍ପର୍କ ଭିତରେ ଯୁବତୀଙ୍କ ଅଜ୍ଞାତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା । ଯୁବତୀ ବିବାହ କରିବାକୁ କହିବାରୁ ସେ କଥାକୁ ଏଡ଼ାଇ ଦେଇଥିଲା । ପରବର୍ତ୍ତୀ ସମୟର ପୀଡ଼ିତା ବିବାହ ପାଇଁ ଚାପ ପକାଇବାରୁ ଶୁଭ୍ରଜିତ ଗାଳିଗୁଲଜ କରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲା । ସେ ଫଟୋ ଓ ଭିଡିଓକୁ ଭାଇରାଲ କରିବାକୁ ମଧ୍ୟ ଧମକ ଦେଇ ବ୍ଲାକମେଲ୍ କରିଥିଲା । ପରିବାର ରାଜି ହେଉ ନ ଥିବାରୁ ବିବାହ କରିବାକୁ ମନା କରିବା ସହିତ ଯୋଗାଯୋଗ ନମ୍ବରକୁ ବ୍ଲକ କରିଥିଲେ । ଏନେଇ ଯୁବତୀ ଜଣକ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ରବିବାର ରାତିରେ ସମ୍ବଲପୁର ଶାନ୍ତି ନଗରସ୍ଥିତ ଘରୁ ଶୁଭ୍ରଜିତକୁ ଗିରଫ କରିଥିଲା ।

# ପେଟ୍ରୋଲ ଢାଳି ପତ୍ନୀକୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର, ୯।୬ (ସମିସ): ପେଟ୍ରୋଲ ଢାଳି ପତ୍ନୀକୁ ହତ୍ୟା ଉଦ୍ୟମ କରିଥିବା ସ୍ୱାମୀକୁ ଗିରଫ କରିଛି ମହିଳା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଚଢେଇପଲ୍ଲୀ ଅଞ୍ଚଳର ଅରବିନ୍ଦ ନାୟକ (୨୬) ।

ପୁଲିସ ସୂଚନା ଅନୁସାରେ, ପୀଡ଼ିତା ମହିଳା ୨୦୨୦ ମସିହାରେ ନୟାଗଡ଼ କୋର୍ଟରେ ଅରବିନ୍ଦକୁ ବିବାହ କରିବା ପରେ ତା'ର ପରିବାର ସହିତ ରହୁଥିଲେ । ବିବାହର କିଛିଦିନ ପରେ ଅଧିକ ଯୌତୁକ ପାଇଁ ଅରବିନ୍ଦ ଓ ତାଙ୍କ ପରିବାର ଦ୍ୱାରା ମହିଳାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା । ପରେ ଦମ୍ପତି ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇ କାର୍ଗିଲ ବସ୍ତିରେ ରହିଥିଲେ । ଯେଉଁଠାରେ ଚରିତ୍ରକୁ ସନ୍ଦେହ କରି ପୁନର୍ବାର ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲା । ବାରମ୍ବାର ନିର୍ଯାତିତ ହେବାପରେ ପୀଡ଼ିତା ଅଲଗା ରହିଥିଲେ । ସାବିତ୍ରୀ ପାଳିବା ପାଇଁ ଗତ ସାବିତ୍ରୀ ବ୍ରତ ଦିନ ଅରବିନ୍ଦ ତାଙ୍କୁ ନୂଆଗାଁ ବିକିପୁର ସ୍ଥିତ ଭଡ଼ା ଘରକୁ ଡାକିଥିଲା । ସେଠାକୁ ଯିବାପରେ ସ୍ୱାମୀ ପୁଣି ତାଙ୍କୁ ନିର୍ଯାତନା ଓ ଦୁର୍ବ୍ୟବହାର କରିଥିଲା । ଖାଲି ଛାଡପତ୍ର ପତ୍ରରେ ଦସ୍ତଖତ କରିବାକୁ କହିବା ସହିତ ପ୍ରେମିକାକୁ ଫୋନ୍ ଯୋଗେ ଭୁଲ୍ ମାଗିବାକୁ ଚାପ ପକାଇଥିଲା । ପୀଡ଼ିତା ପ୍ରତିରୋଧ କରିବାରୁ ଅରବିନ୍ଦ ତାଙ୍କ ଉପରେ ପେଟ୍ରୋଲ ଢାଳି ଦେଇଥିଲା । କଥା ନ ମାନିଲେ ନିଆଁ ଲଗାଇ ହତ୍ୟା କରିବାକୁ ଧମକ ଦେଇଥିଲା । ପୀଡ଼ିତା ଭୟଭୀତ ହୋଇ କାଗଜପତ୍ରରେ ଦସ୍ତଖତ କରିବା ସହିତ ତା' ଦାବି ମୁତାବକ ସବୁ କାମ କରିଥିଲେ । ପେଟ୍ରୋଲ ଢାଳି ଥିବା ପ୍ରମାଣ ନଷ୍ଟ କରିବା ପାଇଁ ପୀଡ଼ିତାଙ୍କୁ ଗାଧୋଇବାକୁ ବାଧ୍ୟ କରିଥିଲା । ପରେ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ଛାଡ଼ି ଫେରାର ହୋଇ ଯାଇଥିଲା । ଏନେଇ ପୀଡ଼ିତା ଅଭିଯୋଗ କରିବା ପରେ ମହିଳା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ଅରବିନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଭାଙ୍ଗିବାକୁ ଆସି ଫେରିଗଲେ

ଭୁବନେଶ୍ୱର, ୯।୬(ସମିସ): ଜବରଦଖଲ ଉଚ୍ଛେଦ ପାଇଁ ବିଏମ୍‌ସିର ଏକ ଟିମ୍ ଆସିଥିଲେ । କିନ୍ତୁ କୌଣସି କାରଣ ବଶତଃ ଉଚ୍ଛେଦ ନ କରି ଫେରି ଯାଇଛନ୍ତି ଟିମ୍ । ତେବେ ଏହାକୁ ନେଇ ଉଚ୍ଛେଦକାରୀ ଟିମ୍ ପ୍ରତି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଖବର ନେବାରୁ ଜଣାପଡ଼ିଛି ଯେ, ୱାର୍ଡ ନମ୍ବର ୬୧ ସ୍ଥିତ ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀ ଅଞ୍ଚଳରେ ଜବରଦଖଲ କରି କିଛି ଯୁବକ ଏଠାରେ କ୍ଲବ୍ ହାଉସ୍ ଖୋଲିଥିଲେ । ପରେ ଏଠାରେ ଦୁଃଗ୍ଧ ବିକ୍ରୟ କାଉଣ୍ଟର୍, ପରିବା ଦୋକାନ ଏବଂ ସ୍ନାକ୍ସ କାଉଣ୍ଟର ଖୋଲିଲା । ଏହା ଦ୍ୱାରା ଜଣେ ବ୍ୟକ୍ତି ତାଙ୍କ ଘର ଭିତରକୁ ପ୍ରବେଶ କରିବା କଷ୍ଟକର ହୋଇଗଲା । ଅସାମାଜିକ ଯୁବକଙ୍କର ଉତ୍ପାତ ଅସହ୍ୟ ହେବାରୁ ଘର ମାଲିକ ଏନେଇ ବିଏମ୍‌ସି କମିସନରଙ୍କ ନିକଟରେ ଅଭିଯୋଗ କଲେ । ଜବରଦଖଲ ଉଚ୍ଛେଦ ଉଠିଲେ ସମସ୍ୟା ସାମାଧାନ ହେବ ବୋଲି ଆଶା ବାନ୍ଧି ବସିଲେ । ହେଲେ ସୋମବାର ବିଏମ୍‌ସିର ଉଚ୍ଛେଦକାରୀ ଟିମ୍ ଉଚ୍ଛେଦ କରିବାକୁ ଘଟଣାସ୍ଥଳରେ ପହଞ୍ଚିଲା । ଭାଙ୍ଗିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହେଲେ । ଜେସିବି ଆଗକୁ ବଢ଼ିଲା ଆଉ ଉଚ୍ଛେଦକାରୀ ଟିମ୍ ବି ସୁରକ୍ଷା ଦେଲା । ହେଲେ ଅଚାନକ କଣ ହେଲା ଉଚ୍ଛେଦକାର୍ଯ୍ୟ ବନ୍ଦ ହୋଇଗଲା । କୁହାଯାଉଛି କୁଆଡୁ ଏକ ଫୋନ୍‌କଲ୍ ଆସିଗଲା । ଏଣୁ ବିଏମ୍‌ସି ଅଧିକାରୀ ଜବରଦଖଲ ଉଚ୍ଛେଦ କରିବାକୁ ସାହସ ଜୁଟାଇ ପାରିଲେ ନାହିଁ । ଶେଷରେ ଉଚ୍ଛେଦକାରୀ ଦଳ ଫେରିଗଲେ । କୌଣସି ସମସ୍ୟାର ସମାଧାନ ହୋଇ ନ ଥିଲେ ମଧ୍ୟ ଅଭିଯୋଗର ଶୁଣାଣି ହୋଇଯାଇଛି ବୋଲି ବିଏମ୍‌ସି ପକ୍ଷରୁ ଦର୍ଶାଯାଇଛି । ଏହାକୁ ନେଇ ଅଭିଯୋଗକାରୀ ସାର୍ଥକ ମିଶ୍ର ନିରୁତ୍ସାହିତ ହୋଇଯାଇଥିବା କହିଛନ୍ତି । ଏସମ୍ପର୍କରେ ସ୍ଥାନୀୟ ଜେଡ଼ିସି ରାଜଲକ୍ଷ୍ମୀ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି । ଆମେ ଉଚ୍ଛେଦକରିବାକୁ ଯାଇଥିଲୁ । ହେଲେ ପୁଲିସର ସହାୟତା ମିଳିଲାନି । ଏଣୁ ଜବରଦଖଲକାରୀଙ୍କ ଠାରୁ ଏକ ସ୍ୱୀକାରପତ୍ର ଲେଖାଇଛୁ । ଜବରଦଖଲକାରୀ ନିଜେ ହଟିଯିବେ ବୋଲି ଲିଖିତ ଭାବେ ଜଣାଇବା ପରେ ବିଏମ୍‌ସି ଟିମ୍ ଫେରି ଆସିଥିବା କହିଛନ୍ତି ଶ୍ରୀମତୀ ନାୟକ ।

# ଜିଏଲ୍ କଲୋନୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, ୯।୬(ସମିସ): ବିଏମ୍‌ସିର ୧୧ ନମ୍ବର ଓାର୍ଡ ଅନ୍ତର୍ଗତ ଜିଏଲ୍ କଲୋନୀରେ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କର୍ପୋରେଟର ପ୍ରଭାସିନୀ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ନୂତନ କାର୍ଯ୍ୟର ଶୁଭ ଦେଇଥିଲେ । ୩୭ ଲକ୍ଷ ୩୮ ହଜାର ୬୫୫ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପୁରଞ୍ଜନ ପାଢ଼ୀ, ସମ୍ବିତ ମହାନ୍ତି, ମହେଶ୍ୱର ବିଶ୍ୱାଳଙ୍କ ସମେତ ବହୁ ମୁରବୀ ଉପସ୍ଥିତ ଥିଲେ ।

## ■ ଲୋକସେବା ଭବନରୁ ଚୋରି

# ୩ ମହିଳାଙ୍କ ସମେତ ୪ ଗିରଫ



ଭୁବନେଶ୍ୱର, ୯।୬ (ସମିସ): ଲୋକସେବା ଭବନରୁ ଚୋରି କରିଥିବା ଅଭିଯୋଗରେ ୩ ମହିଳାଙ୍କ ସମେତ ୪ଜଣ ଶ୍ରମିକଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍ ୫ କେଶରୀ ନଗର ବସ୍ତିରେ ରହୁଥିବା ପ୍ରଫୁଲ୍ଲ କୁମାର ଜେନା (୫୮), ଉର୍ମିଳା ପ୍ରଧାନ (୪୦), କ୍ରିଷ୍ଣା ବିଷୋୟୀ (୩୫) ଓ କୁମାରୀ ପ୍ରଧାନ (୩୫) ।

ପୁଲିସ ସୂଚନା ଅନୁସାରେ, ଗତ କିଛିଦିନ ମଧ୍ୟରେ ଲୋକସେବା ଭବନରୁ ଅନେକ ଏସି ଆଉଟ୍ ଡୋର ୟୁନିଟ୍ ଚୋରି ହେଉଥିଲା । ଅଭିଯୋଗ ହେବାପରେ ସେଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଥିଲା । ଉପୋରକ୍ତ ୪ ଜଣ ଶ୍ରମିକ ଆରଡି ସମ୍ମିଳନୀ କକ୍ଷ ଛାତରୁ ବାହାର ଏସି ୟୁନିଟ୍ ଭାଙ୍ଗି ତମ୍ବା ତାର ଚୋରି କରୁଥିବା ଦେଖାଯାଇଥିଲା । ଲୋକସେବା ଭବନର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଦୀପକ କୁମାର ସାହୁ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଓ ଫଟୋଗ୍ରାଫ୍ ସଂଗ୍ରହ କରିଥିଲା । ୟୁନିଟ୍-୫ କେଶରୀ ନଗର ବସ୍ତିରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ହେପାଜତରୁ ଚୋରି ସାମଗ୍ରୀ ଜବତ କରିଥିଲା ।

# ରାସ୍ତାରୁ ହଟିଲା ଷଣ୍ଢ ମୂର୍ତ୍ତି

ଭୁବନେଶ୍ୱର, ୯।୬(ସମିସ): ଦୀର୍ଘବର୍ଷ ହେଲା ଏକ ନମ୍ବର ହାଟ ରାସ୍ତା ମଝିରେ ଅପରିଷ୍କାର, ଆବର୍ଜନା ମଧ୍ୟରେ ପୂଜା ପାଉଥିବା ଏକ ଷଣ୍ଢମୂର୍ତ୍ତୀକୁ ବାବା ଆଖଣ୍ଡଳମଣୀଙ୍କ ମନ୍ଦିର ପାଖକୁ ସ୍ଥାନାନ୍ତରଣ କରାଯାଇଛି । ଫଳରେ ଆବଦ୍ଧ ହୋଇ ରହିଥିବା ରାସ୍ତାଟି ସର୍ବସାଧାରଣଙ୍କ ଲାଗି ମୁକ୍ତ ହୋଇପାରିଛି ବୋଲି ହାଟ ସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି । ୧୯୯୬ ମସିହାରେ ଏକ ନମ୍ବର ହାଟ (ପେଟ୍ରୋଲ ପମ୍ପ ପାଖ) ଫାଟକ ନିକଟରେ ଏକ ବୁଲା ଷଣ୍ଢର ମୃତ୍ୟୁ ଘଟିଥିଲା । ଷଣ୍ଢର ମୃତ୍ୟୁ ପରେ ତତକାଳୀନ ବ୍ୟବସାୟୀମାନେ ସେଠାରେ ଏକ ଷଣ୍ଢ ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ । ବ୍ୟବସାୟୀଙ୍କ ସହ ପରାମର୍ଶ ପରେ ରିତିନୀତି ଅନୁସାରେ ଷଣ୍ଢମୂର୍ତ୍ତିକୁ ଆଖଣ୍ଡଳମଣୀ ମନ୍ଦିର ପାଖରେ ସ୍ଥାପିତ କରାଯିବ ।

## ୧୩ ବର୍ଷ ହେଲା ନିଶା ମାଫିଆ ଫେରାର୍

# ବାଜିଲା ଡେଙ୍ଗୁରା, ଲାଗିଲା 'ଲଟକା'

ଭୁବନେଶ୍ୱର, ୯।୬ (ସମିସ)



**■ ଆତ୍ମସମର୍ପଣ ନ କଲେ ବଢ଼ିବ ଅଡୁଆ**
**■ ପଳାତକ ଘୋଷଣା କରି ଜବତ ହେବ ସମ୍ପତ୍ତି**

ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନକୁ ଜୋରଦାର କରିଛି କମିସନରେଟ ପୁଲିସ । ଏନବିଡବ୍ଲୁ (ଜାମିନ୍ ବିହୀନ ଗିରଫ ପରୱାନା) ଜାରି ସତ୍ତ୍ୱେ ଧରା ଦେଉ ନ ଥିବା ଅଭିଯୁକ୍ତଙ୍କ ଘର ଆଗରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ପକ୍ଷରୁ ଡେଙ୍ଗୁରା ବଜାଇବା ସହ ଲଟକା ଜାରି କରାଯାଇଛି । ଗଞ୍ଜେଇ କାରବାର ମାମଲାରେ ଫେରାର ଲୋକନାଥ ସାମଲର ଗୌତମ ନଗରସ୍ଥିତ ଘର ଆଗରେ ଲଟକା ଝୁଲାଇଛି ଶ୍ରୀ ଲିଙ୍ଗରାଜ ଥାନା ଥାନା ପୁଲିସ ।

ମିଳିଥିବା ସୂଚନା ଅନୁସାରେ, ନାଗେଶ୍ୱର ଟାଙ୍ଗୀ ଗୌତମ ନଗରର ଲୋକନାଥ ୨୦୧୨ ମସିହାରେ ଗଜପତି ଜିଲ୍ଲାର ଏକ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ତେବେ ଲୋକନାଥ ଫେରାର ରହିଥିବାରୁ ମାମଲାର ବିଚାର ପ୍ରକ୍ରିୟା ପ୍ରଭାବିତ ହୋଇଛି । ବାରମ୍ବାର ୱାରେଣ୍ଟ ଜାରି ସତ୍ତ୍ୱେ ସେ ଗିରଫ ହୋଇପାରିନାହିଁ । ପାରଳାଖେମୁଣ୍ଡି କୋର୍ଟ ଲୋକନାଥ ବିରୋଧର ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଥିଲେ । ଉକ୍ତ ଏନବିଡବ୍ଲ୍ୟୁ ଆଧାରରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ସୋମବାର ଗୌତମ ନଗର ସ୍ଥିତ ଲୋକନାଥର ଘର ଆଗରେ ଲଟକା ଜାରି କରିଛି । ଡେଙ୍ଗୁରା ପିଟିବା ସହିତ ଡାକବାଜି ଯନ୍ତ୍ରରେ ପ୍ରଚାର ପ୍ରସାର କରାଯାଇଛି । ଆସନ୍ତା ୩୦ ଦିନ ମଧ୍ୟରେ କୋର୍ଟ କିମ୍ବା ଥାନାରେ ହାଜର ହେବାକୁ କୁହାଯାଇଛି । ଯଦି ଏଥିରେ ଖିଲାପ ହୁଏ, ତେବେ ବିଏନ୍‌ଏସ୍‌ଏସ୍ ଧାରା ୮୪ ଓ ୮୫ ଅନୁସାରେ ପଳାତକ ଘୋଷଣା କରିବା ସହିତ ସମ୍ପତି ବାଜ୍ୟାପ୍ତି କରାଯିବ ବୋଲି ପୁଲିସ କହିଛି ।

### ବିଏନ୍‌ଏସ୍‌ଏସ୍ ଧାରା ୮୪ ଓ ୮୫ କ'ଣ?

କୌଣସି ମାମଲାରେ ଫେରାର ଥିବା ଅଭିଯୁକ୍ତ ନ ମିଳିଲେ ସେମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରିବା ପାଇଁ କୋର୍ଟରେ ଆବେଦନ କରିଥାଏ ପୁଲିସ । କୋର୍ଟ ଅଭିଯୁକ୍ତଙ୍କ ନାମରେ ଗିରଫ ପରୱାନା ଜାରି କରିଥାନ୍ତି । ଏହାପରେ ମଧ୍ୟ ଅଭିଯୁକ୍ତ ଧରା ନ ଦେଲେ ପୁଲିସ ବିଭିନ୍ନ ସ୍ଥାନରେ ୱାରେଣ୍ଟ ନୋଟିସ୍ ମାରିବା ସହ ଅଭିଯୁକ୍ତର ଘର ଆଗରେ ଲଟକା ଜାରି କରିଥାଏ । ଦିଆଯାଇଥିବା ନିର୍ଦ୍ଧାରିତ ସମୟରେ ଅଭିଯୁକ୍ତ ଯଦି ପୁଲିସ କିମ୍ବା କୋର୍ଟରେ ଆତ୍ମସମର୍ପଣ ନ କରେ ତେବେ ବିଏନ୍‌ଏସ୍‌ଏସ୍ ଧାରା ୮୪ ଓ ୮୫ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ । ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୮୪ ଅନୁଯାୟୀ ଅଭିଯୁକ୍ତକୁ ପଳାତକ ଘୋଷଣା କରା ଯାଇପାରିବ । ଏହାପରେ ବିଏନ୍‌ଏସ୍‌ଏସ୍ ଧାରା ୮୫ ଅନୁସାରେ ଅଭିଯୁକ୍ତର ସମ୍ପତ୍ତି ଆଟାଚ୍ କରିବାର ନିୟମ ରହିଛି ।

# ଗୋବିନ୍ଦ ମହାନ୍ତି ରାଜ୍ୟସ୍ତରୀୟ ସ୍ମାରକୀ ଶିକ୍ଷା ଶିବିର

ଭୁବନେଶ୍ୱର, ୯।୬(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ବରିଷ୍ଠ ବାମପନ୍ଥୀ ନେତା କମ୍ରେଡ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିବାର୍ଷିକୀ ଅବସରରେ ରାଜ୍ୟସ୍ତରୀୟ ସ୍ମାରକୀ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିକ୍ଷା ଶିବିର ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପାର୍ଟି ଶିକ୍ଷକ ଭାବରେ ଶ୍ରୀହର୍ଷ ରଥ, ଅମିୟ ମହାନ୍ତି, ରମେଶ ଚନ୍ଦ୍ର ପାଢ଼ୀ, ବିଜୟ ପଡ଼ିହାରୀ, ଡ. ମାନସ ବେହେରା, କିଶୋର ଜେନା ଓ ପ୍ରଶାନ୍ତ ମିଶ୍ର ଯୋଗ ଦେଇଥିଲେ । ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଉକ୍ତ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲାବେଳେ ଉଦ୍‌ଯାପନୀ ଉତ୍ସବରେ କ୍ଷୀରୋଦ ସିଂହଦେଓ, ଜୟନ୍ତ ଦାସ, ସୁର ଜେନା, କିଶୋର ଜେନା, ଆଲୋକପାତ କରିଥିଲେ ।




■ ରଥଖଳାରୁ...

## ପ୍ରଥମ ଭୂଇଁ ଫ୍ରେମ ନିର୍ମାଣ ଶେଷ



ପୁରୀ, ୯।୬(ସମିସ): ପାଖେଇ ଆସିଲା ରଥଯାତ୍ରା। ଆଉ ମାତ୍ର ୧୭ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ରଥଖଳା। ମଙ୍ଗଳବାର ତିନିରଥରେ ମୋଟ ୪୪ଟି ଯୋଖା ଫିଟିଙ୍ଗ୍ କରାଯାଇଛି। ରବିବାର କାମ ଶେଷ ହେବା ପୂର୍ବରୁ ଭୋଇ ସେବକମାନେ ତିନି ରଥର ନିର୍ମାଣ ଯୋଖାଗୁଡ଼ିକୁ ନେଇ ପ୍ରତ୍ୟେକ ରଥରେ ଡେରିଥିଲେ। ସୋମବାର ଏହି ଯୋଖାଗୁଡ଼ିକ ଫିଟିଙ୍ଗ୍ କରାଯାଇଛି। ଭୋଇ ସେବକମାନେ ରଥ ଚାଳିକୁ ଗାରେଡ଼ି ପାଇଁ ୧୨ ଫୁଟିଆ ଅସନ କାଠ ଯୋଗାଇଦେଇଛନ୍ତି। ଗୋଟିଏ ରଥରେ ୮ଟି ଲେଖାଏଁ ଗାରେଡ଼ି ଲଗାଯାଇଥାଏ। ଏହାସହ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ତିନିରଥ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ପ୍ରତ୍ୟେକ ରଥର ପ୍ରଥମ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇଛି। ଏଥିସହ ଏହି ଫ୍ରେମର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କାର୍ଯ୍ୟ ସରିଛି। ମଙ୍ଗଳବାର ଏହାକୁ ଖୋଲାଯାଇ ସାଇତା ଯାଇ ଦ୍ୱିତୀୟ ଭୂଇଁ ପଡ଼ିବ। ରୂପକାର ସେବକମାନେ ତିନି ରଥ ଦ୍ୱାର ବେଢ଼ାରେ ଲାଗିବା ପାଇଁ ନାଟ ଗୋଡରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପୋଟଳ ନିର୍ମାଣ ପାଇଁ ଜଂଘା କଣ୍ଟା, ବାଗିଆ କଣ୍ଟା, ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

### ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

# ପୁରୀକୁ ଗଡ଼ିବ ୩୬୫ ସ୍ୱତନ୍ତ୍ର ଟ୍ରେନ୍, ୨୫୦୦ ବସ୍

ପୁରୀ, ୯।୬(ସମିସ): ରଥଯାତ୍ରା ପାଇଁ ରେଳ ବିଭାଗ ପକ୍ଷରୁ ପୁରୀକୁ ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଯାତ୍ରୀଙ୍କ ସୁବିଧା ପାଇଁ ଅତିରିକ୍ତ ଟିକଟ୍ କାଉଣ୍ଟର୍ ଖୋଲାଯିବ। ସେହିପରି ପୁରୀକୁ ୨୫୦୦ ଅଧିକ ବସ୍ ଚଳାଚଳ କରିବ। ବସ୍ ଭଡ଼ାର ରେଟ୍ ଚାର୍ଟ ମଧ୍ୟ ପ୍ରଦର୍ଶିତ ହେବ। ରଥଯାତ୍ରା, ବାହୁଡ଼ା ଏବଂ ସୁନାବେଶ ପାଇଁ ତାଳବଣିଆରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ହେବ। ଏଠାରୁ ମାଗଣା ଅଟୋ ସେବା ଯୋଗାଇ ଦିଆଯିବ। ରଥଯାତ୍ରା ପାଇଁ ଟାଉନ୍ ହଲ୍ ପରିସରରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏପରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଏଜେଣ୍ଡା ଅନୁଯାୟୀ, ପ୍ରଥମେ ରଥକାଠ ଯୋଗାଣକୁ ନେଇ ତଥ୍ୟ ରଖିଥିଲେ ନୟାଗଡ଼ ଡିଏଫ୍‌ଓ। ଆବଶ୍ୟକତା ଅନୁଯାୟୀ, କାଠ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥନିର୍ମାଣ, ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜୁନ୍ ୨୬ରୁ ଜୁଲାଇ ୯ ତାରିଖ ମଧ୍ୟରେ ରଥଯାତ୍ରାକୁ ଆସିଥିବା କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ବ୍ୟକ୍ତିଙ୍କ ପିଛା ୫ ଲକ୍ଷ ଟଙ୍କାର ବୀମା କରାଯାଇଥିବା କହିଥିଲେ।

ସେହିପରି ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର୍ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଥିଲା। ଏହାବ୍ୟତୀତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ୬ଟି ସ୍ୱତନ୍ତ୍ର ବେଡ୍ କରାଯିବ। ତେବେ ସଂକ୍ରାମକ ରୋଗ ଚିକିତ୍ସାଳୟ ପରିସରରେ ତାଲା ପଡ଼ିଥିବା ୨୦ଟି ଆଇସିୟୁ ବେଡ୍‌କୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଥିଲା।

ଅପରପକ୍ଷେ, ରଥଯାତ୍ରାକୁ ଆଉ ମାତ୍ର ୧୭ଦିନ ବାକି ଥିବା ବେଳେ ଏପର୍ଯ୍ୟନ୍ତ ଅଧିକାଂଶ ବିଭାଗର ପ୍ରସ୍ତୁତି ଅଧପନ୍ତରିଆ ପଡ଼ିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଶେଷକରି ସ୍ୱାସ୍ଥ୍ୟ, ପରିବହନ, ବିଦ୍ୟୁତ୍, ପୌରସଂସ୍ଥାର କାମକୁ ନେଇ ବେଶ୍ ଉଦ୍‌ବେଗ ପ୍ରକାଶ ପାଇଥିଲା। ବସ୍ ମାଲିକ ଏବଂ ସହର ଭିତରେ ଅଟୋଚାଳକଙ୍କ ମନମାନୀକୁ ନେଇ ମଧ୍ୟ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଥିଲେ।

ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ତୁଷାରକାନ୍ତି ବେହେରା, ଆଶ୍ରିତ ପଟ୍ଟନାୟକ, ଓମ୍‌ପ୍ରକାଶ ମିଶ୍ର, ଉପାସନା ମହାପାତ୍ର ଓ ସୁନିଲ କୁମାର ମହାନ୍ତି ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

■ ବସ୍‌ଷ୍ଟାଣ୍ଡରୁ ବଡ଼ଦାଣ୍ଡ ଭକ୍ତଙ୍କୁ ମାଗଣା ଅଟୋରିକ୍ସା ସେବା
■ ତାଲା ପଡ଼ିଥିବା ଆଇସିୟୁ ବେଡ୍ କାର୍ଯ୍ୟକ୍ଷମ ଦାବି
■ ସହରରେ ଅଟୋ ଚାଳକଙ୍କ ମନମାନୀକୁ ନେଇ ଉଦ୍‌ବେଗ

## ନିୟୋଜିତ ହେବେ ୩୦୦ ଡାକ୍ତର

ପୁରୀ, ୯।୬(ସମିସ): ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା ଏକ ପ୍ରମୁଖ ପ୍ରସଙ୍ଗ। ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ସୁରୁଖୁରୁରେ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ତେବେ ଚଳିତବର୍ଷ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ୩୦୦ ଡାକ୍ତର ନିୟୋଜିତ ହେବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ରଥ ସମନ୍ୱୟ କମିଟି ବୈଠକ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ବର୍ତ୍ତମାନ ଦେଶ ସମେତ ରାଜ୍ୟରେ କୋଭିଡ୍ ସଂକ୍ରମଣ ବ୍ୟାପୁଛି। ହେଲେ ଏହି ଭାରିଆଣ୍ଟ ଏତେଟା ଗୁରୁତର ନୁହେଁ। ତେଣୁ କୋଭିଡ୍ ପାଇଁ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ଯେଉଁମାନଙ୍କଠାରେ କୋଭିଡ୍ ଲକ୍ଷଣ ରହିଛି ସେମାନେ ପୁରୀ ନ ଆସିବା ଭଲ। ଅସୁସ୍ଥ ଥିଲେ ମାସ୍କ ପିନ୍ଧିବା ଆବଶ୍ୟକ। ଅନ୍ୟପକ୍ଷରେ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ବ୍ୟବସ୍ଥା କରାଯାଇଛି।

# ବଜ୍ରପାତରେ ଗଲା ୩ ଜୀବନ

### ଫାଟିଗଲା କାନ୍ଥ, ଆଜବେଷ୍ଟସ୍; ୨ ଶିଶୁ ଗୁରୁତର

ପିପିଲି/ ଯାଁଳା/ ରଗଡ଼ି, ୯।୬(ସମିସ): ବଜ୍ରପାତ ଆଜି ରାଜ୍ୟରେ ୩ଜଣଙ୍କ ଜୀବନ ନେଇଛି। ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଯାଁଳାରେ ଜଣେ ଯୁବକ ଏବଂ ଯାଜପୁର ଜିଲ୍ଲା କୋରୋଇ ଥାନା ଅଞ୍ଚଳରେ ଜଣେ ଟ୍ରକ୍ ଖଲାସୀଙ୍କ ମୃତ୍ୟୁ ଘଟିଛି।

ସୂଚନାନୁଯାୟୀ, ପିପିଲି କୁଳଶେଖର ପାଟଣା ମାଳିବରାହୀ ଗ୍ରାମର ସୁରେଶ ରାୟ(୫୫) ଆଜି ଅପରାହ୍ଣ ପ୍ରାୟ ୩ଟାରେ ଟ୍ରାକ୍ଟର୍ ନେଇ ଜମିକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଚାଷଜମିରେ ହିଁ ଟଳି ପଡ଼ିଥିଲେ। ସେ ଧରିଥିବା ଛତାଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ତାଙ୍କ ଛାତି ଓ ପେଟ ମଧ୍ୟ ସିଝିଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ସୁରେଶଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରପାତରେ ଖୋର୍ଦ୍ଧା ଜିଲ୍ଲା ଗୁପ୍ତପଡ଼ାର ଦୁଃଶାସନ ନାଏକ (୨୮) ପ୍ରାଣ ହରାଇଥିବା ବେଳେ କନ୍ଦଳେଇ ଗ୍ରାମର ବାବୁଲି ଚତରଙ୍କ ପୁଅ ସମା ଚତର (୧୦) ଓ ଜେନା ବଇପାଇଙ୍କ ପୁଅ ସୁନୀଲ ଆହତ ହୋଇଛନ୍ତି। ସୋମବାର ଅପରାହ୍ଣରେ ହଠାତ୍ କାଳବୈଶାଖୀ ପ୍ରଭାବରେ ପାଣି ପବନ ମାଡି ଆସିଥିଲା। ସେହି ସମୟରେ ଦୁଃଶାସନ କୌଣସି କାମରେ କନ୍ଦଳେଇ ଗ୍ରାମକୁ ଆସିଥିଲେ। ଜୋର୍‌ରେ ବର୍ଷା ହେବାରୁ ସେ ଜଣଙ୍କ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଦୁଃଶାସନ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଠିକ୍ ୩/୪ ମିନଟ୍ ପରେ ଆଉ ଏକ ବଜ୍ରପାତ ହୋଇଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଗାଁର ଜେନା ବଇପାଇଙ୍କ ଘର କାନ୍ଥ ଓ ଆଜବେଷ୍ଟସ୍ ଫାଟି ଯାଇଥିଲା ଏବଂ ଘରେ ଖେଳୁଥିବା ତାଙ୍କ ପୁଅ ସୁନୀଲ ଓ ପଡ଼ୋଶୀ ଘରର ସମା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ମୃତାହତମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ଦୁଃଶାସନଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଶିଶୁଦ୍ୱୟ ଏବେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଚନ୍ଦକା ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟ ଏକ ଘଟଣାକ୍ରମେ କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଛକ ନିକଟ ମା' ବାଗେଶ୍ୱରୀ ହୋଟେଲ ନିକଟରେ ଆଜି ଏକ ବଜ୍ରପାତରେ ଜଣେ ଟ୍ରକ୍ ହେଲପରଙ୍କ ମୃତ୍ୟୁ ଘଟିଛି। ସେହିପରି ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଦିନ ପ୍ରାୟ ୨ଟା ବେଳେ ଏହି ଅଘଟଣ ଘଟିଥିଲା। ଖାଇବା ପାଇଁ ହୋଟେଲ ନିକଟରେ ଟ୍ରକ୍ ରଖି ଉଭୟ ସିମେଣ୍ଟ କୁଣ୍ଡରେ ଗାଧୋଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। କେନ୍ଦୁଝରରୁ ଲୁହାପଥର ଗୁଣ୍ଡ ଟ୍ରକ୍ ନେଇ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଅନୁଗୋଳ ଜିଲ୍ଲା ରେଙ୍ଗାଲି ଡ୍ୟାମ୍ ସାଇଟ୍ ଥାନା ବଜ୍ରକୋଟ ଗ୍ରାମର ଦିଲ୍ଲୀପ ନାୟକ (୨୪)। ଆହତ ଡ୍ରାଇଭର ହେଲେ କେନ୍ଦୁଝର ବାଂଶପାଳ ଥାନା କଲଣ୍ଡା ଗ୍ରାମର ପପୁ ଖୁଣ୍ଟିଆ(୨୭)।

## ଫାଟିଲା ମନ୍ଦିର ଦଧିନଉତି



ଭଦ୍ରକ, ୯।୬(ସମିସ): ଆଜି ମଧ୍ୟାହ୍ନରେ ବଜ୍ରପାତରେ ଭଦ୍ରକ ବ୍ଲକ ହରିପୁର ପଞ୍ଚାୟତ ହରିପୁର ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସୂଚନାନୁଯାୟୀ, ଶ୍ରୀଜଗନ୍ନାଥ ମନ୍ଦିରର ଦଧିନଉତିର ନିମ୍ନ ଭାଗ ଭାଙ୍ଗିଯାଇଛି। ସେହିଭଳି ଗାଁର ଶିବମନ୍ଦିର ଗର୍ଭଗୃହରେ ଶକ୍ତି ପରିସର ଭାଙ୍ଗି ଯାଇଛି। ମନ୍ଦିରର ସାଜସଜା ପାଇଁ ନିର୍ମିତ ନାଗ, ହାତୀ ଆଡ଼ି ମଧ୍ୟ ବଜ୍ରପାତରେ ଭାଙ୍ଗି ଯାଇଛି। ଏହାକୁ ନେଇ ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ତୁରନ୍ତ ଏହାର ମରାମତି ଲାଗି ପୂଜକ ରଶ୍ମିରଞ୍ଜନ ମିଶ୍ର, ଗ୍ରାମବାସୀ ସୁରେନ୍ଦ୍ର ପ୍ରସାଦ ବାରିକ ଓ ସିଦ୍ଧେଶ୍ୱର ବାରିକ ପ୍ରମୁଖ ଦାବି କରିଛନ୍ତି।

ଶିବ ଲିଙ୍ଗର ପରିସର ଫାଟିଲା

### କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ଶିକ୍ଷକଙ୍କ ସମେତ ୯ ବାଲିମାଫିଆ ଗିରଫ

ବାଲେଶ୍ୱର/କପ୍ତିପଦା, ୯।୬ (ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଓ ତାଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ୯ଜଣ ବାଲିମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଥିବା ଜଣାଯାଇଛି। ସେ ହେଲେ, କପ୍ତିପଦା ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟର ଭବାନନ୍ଦ ନାୟକ। ତାଙ୍କୁ ଆଜି ପୁଲିସ୍ ପୁରୀ ଜିଲ୍ଲା ଅସ୍ତରଙ୍ଗରୁ ଉଠାଇ ଆଣିଛି। ତେବେ ଜଣେ ଶିକ୍ଷକ କିଭଳି ବାଲିମାଫିଆ ପାଲଟିଲେ ଏବଂ ଅତିରିକ୍ତ ତହସିଲଦାରଙ୍କ ଭଳି ଜଣେ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ସାହସ ଜୁଟାଇଲେ, ତାହା ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷେ, ଏହି ଘଟଣାରେ ପୁଲିସ୍ ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି ଟାଟା ଜାମସେଦ୍‌ପୁରରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦୀପକ ପାଢ଼ୀ ଏବଂ ଅନନ୍ତ ଦାସ ଓରଫ୍ ଅଜୁକୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ ପୁରୀର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବାଞ୍ଚଳ ପୁଲିସ ରେଞ୍ଜ ଡିଆଇଜି ଡ. ସତ୍ୟଜିତ ନାୟକ ଏହି ସୂଚନା ଦେଇଛନ୍ତି।

ଧରାପଡ଼ିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ, ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ, ସରକାରୀ କାମରେ ବାଧା ସୃଷ୍ଟି, ଆଇନଶୃଙ୍ଖଳା ପରିସ୍ଥିତି ନଷ୍ଟ ଓ କ୍ଷୁଣ୍ଣ କରିବା ପାଇଁ ଉଦ୍ୟମ ଭଳି ସଂଗୀନ ଦଫା ଲଗାଯାଇଛି ବୋଲି ଆଇଜି ସୂଚନା ଦେଇଛନ୍ତି। ବାକି ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖରେ କପ୍ତିପଦା ଥାନା ସମ୍ମୁଖରେ ଅତିରିକ୍ତ ତହଦସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ କରାଯାଇଥିଲା। ୨୦ରୁ ଊର୍ଦ୍ଧ୍ୱ ବାଲିମାଫିଆ ତାଙ୍କୁ କାର୍‌ରୁ ଘୋଷାଡ଼ି ନେବା ସହ ସାର୍ଟ କଲର୍ ଧରି ମାଡ଼ ମାରିଥିଲେ। ଏହାସହ ତାଙ୍କ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନିର୍ଦ୍ଦେଶକ୍ରମେ ୪ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବାଲି ମାଫିଆମାନଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ କରାଯାଇଥିଲା।

### ମହଙ୍ଗା ପଡ଼ିଲା ଭାଇ-ଭାଉଜଙ୍କ କଳିରେ ମଧ୍ୟସ୍ଥତା

## ସାନ ଭାଇ ମାଡ଼ରେ ଭଉଣୀ ମୃତ

ବଣାଇଁ, ୯।୬(ସମିସ): ଭାଇ-ଭାଉଜଙ୍କ ମଧ୍ୟରେ ମଧ୍ୟସ୍ଥତା କରିବା ଭଉଣୀକୁ ମହଙ୍ଗା ପଡ଼ିଲା। ସାନଭାଇର ଲୁହାରଡ୍ ମାଡ଼ରେ ଚାଲିଗଲା ଭଉଣୀର ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ବଣାଇଁ ଉପଖଣ୍ଡ ମହୁଲପଡ଼ା ଥାନା ଡଲେଇସରା ପଞ୍ଚାୟତ ଜିନକଳା ଗ୍ରାମରେ ଘଟିଛି। ମୃତ ଯୁବତୀଜଣଙ୍କ ହେଲେ, ମହରଗୀ ମହନ୍ତ। ସୂଚନାନୁଯାୟୀ, ଜିନକଳା ଗ୍ରାମର ସ୍ୱର୍ଗତ ବିଶ୍ୱମ୍ବର ମାହାନ୍ତଙ୍କ ପୁଅ ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ଦିନ ଝଗଡ଼ା ହେଉଥିଲା। ରବିବାର ବିଳମ୍ବିତ ରାତିରେ ମଧ୍ୟ କୌଣସି କାରଣକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିଜୟ ନିଜ ସ୍ତ୍ରୀକୁ ଏକ ଲୁହାଛଡ଼ରେ ମାରପିଟ୍ କରିଥିଲେ। ଏହା ଦେଖି ବିଜୟଙ୍କ ବଡ଼ବାପା ଝିଅ ତଥା ସମ୍ପର୍କୀୟ ବଡ଼ ଭଉଣୀ ମହରଗୀ ଝଗଡ଼ା ନ କରିବାକୁ କହିଥିଲେ। ଏଥିରେ ବିଜୟ ଉତ୍ତ୍ୟକ୍ତ ହୋଇ ଏକ ଲୁହାଛଡ଼ରେ ମହରଗୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ, ଘଟଣାସ୍ଥଳରେ ମହରଗୀ ଟଳି ପଡ଼ି ଛଟପଟ ହୋଇଥିଲେ। ବିଜୟ ତାଙ୍କୁ ଚିକିତ୍ସା ଲାଗି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶିକାରୀ ତୀରରେ ଘାଇଲା ଦନ୍ତା ମୃତ

ଆନନ୍ଦପୁର, ୯।୬(ସମିସ): ଶିକାରୀ ତୀରମାଡ଼ରେ ଗୁରୁତର ହୋଇଥିବା ଏକ ଦନ୍ତାହାତୀ ଆଜି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୋଳିମାଟି ପଞ୍ଚାୟତ କରଡ଼ାବଣି ଅଞ୍ଚଳରେ ଏହି ଅଘଟଣ ଘଟିଛି। ବନ ବିଭାଗ ଅଧିକାରୀ ହାତୀଟିର ବ୍ୟବଚ୍ଛେଦ କରାଇବା ପରେ ଶବକୁ ପୋତି ଦେଇଛନ୍ତି। ସୂଚନାନୁଯାୟୀ, ହାତୀଦାନ୍ତ ଲୋଭରେ ୧୫ରୁ ୨୦ ଦିନ ତଳେ କେହି ଶିକାରୀ ଦନ୍ତାକୁ ତୀରମାଡ଼ କରିଥିଲା। ସୌଭାଗ୍ୟକୁ ହାତୀଟି ବଞ୍ଚିଯାଇଥିଲେ ହେଁ ଅଞ୍ଚଳରେ ଆହତ ଅବସ୍ଥାରେ ଘୂରି ବୁଲୁଥିଲା। ଖବର ପାଇ ବନ ବଭାଗ ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଚଳାଇଥିଲା।

## ଆଇଇଡି ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ସହିଦ



ମାଲକାନଗିରି, ୯।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାର କୋଣ୍ଟାରେ ନକ୍ସଲଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି। ଏଥିରେ କୋଣ୍ଟା ଥାନା ଇନ୍‌ଚାର୍ଜ (ଟିଆଇ) ଓ ଏସ୍‌ଡିପିଓ ମଧ୍ୟ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ପାଟ୍ରୋଲିଂ ବେଳେ ଏଭଳି ଅଘଟଣ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ପୁଲିସ୍ ବିଭାଗରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷେ, ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି। ସୂଚନାନୁସାରେ, ଛତିଶଗଡ଼ର ସୁକମା ଜିଲ୍ଲାର କୋଣ୍ଟା ଏରାବୋରା ଅଞ୍ଚଳରେ ପୁଲିସ୍ ଦଳ ପାଟ୍ରୋଲିଂରେ ବାହାରିଥିଲେ। ଏହି ପାଟ୍ରୋଲିଂରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେଙ୍କ ସହ କୋଣ୍ଟା ଥାନା ଇନ୍‌ଚାର୍ଜ ଏବଂ ଏସ୍‌ଡିପିଓ ମଧ୍ୟ ସାମିଲ୍ ଥିଲେ। ପାଟ୍ରୋଲିଂ ଚାଲିଥିବା ବେଳେ କୋଣ୍ଟା ଅଞ୍ଚଳରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ହଠାତ୍ ବିସ୍ଫୋରଣ କରିଥିଲା। ଯେଉଁଥିରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ଗୁରୁତର ଆହତ ହୋଇଥିଲେ। ସେହିପରି ଏଥିରେ ଅନ୍ୟ ଜଣେ ଯବାନ ଓ ଅଧିକାରୀ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅତିରିକ୍ତ ଏସ୍‌ପି ଶ୍ରୀ ଗିରପୁଞ୍ଜେ ସହିଦ ହୋଇଥିବା ସୂଚନା ମିଳିଛି।

## ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ

ଭୁବନେଶ୍ୱର, ୯।୬(ସମିସ): ରାଜ୍ୟ ସରକାର ଓଏଏସ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଦକ୍ଷିଣାଞ୍ଚଳ ଡିଭିଜନ-ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟର ଅତିରିକ୍ତ କମିଶନର ବୀରସେନ ପ୍ରଧାନଙ୍କୁ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୁକାନ୍ତ କୁମାର ବେହେରାଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆ ଯାଇଥିବାବେଳେ ଲିପ୍ସା ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ, ସିଓନା ମିଶ୍ର ଓ କନକ ଚମ୍ପା ମେହେରଙ୍କୁ ରାଜସ୍ୱ ପାର୍ଷଦ କାର୍ଯ୍ୟାଳୟ-ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜନ କୋର୍ଟର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ମିଳିଛି। ମଞ୍ଜୁଲତା ମଲ୍ଲିକଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ କମିଶନଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର, ପୀତାମ୍ବର ଭୋଇଙ୍କୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର(ବନ୍ଦୋବସ୍ତ ଓ ଚକବନ୍ଦୀ), ଶାନ୍ତନୁ କୁମାର ମହାନ୍ତିଙ୍କୁ ରାଜ୍ୟ ମଦ ନିଗମର ସାଧାରଣ ପରିଚାଳକ, ଆଶୁତୋଷ ସାମଲଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ କମିଶନଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଦେବାଶିଷ ପଟ୍ଟନାୟକ(ବି)ଙ୍କୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତ ମିଳିଥିବା ବେଳେ ରବିନାରାୟଣ ସାହୁଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ନବକୃଷ୍ଣ ଜେନାଙ୍କୁ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ, ସୁନିଲ କୁମାର କେରକେଟାଙ୍କୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ, ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ, ବିଜୟାନନ୍ଦ ନାୟକଙ୍କୁ ନୟାଗଡ ଅତିରିକ୍ତ ଜିଲ୍ଲାପାଳ, ଅଭିମନ୍ୟୁ ବେହେରାଙ୍କୁ ଗଞ୍ଜାମ-କୋରାପୁଟ ବନ୍ଦୋବସ୍ତ କାର୍ଯ୍ୟାଳୟ ବ୍ରହ୍ମପୁରର ସେଟେଲମେଣ୍ଟ ଅଫିସର, ସଞ୍ଜୟ କୁମାର ରାଉତଙ୍କୁ ବାଲେଶ୍ୱର ଜିଲାପରିଷଦ ମୁଖ୍ୟ ଜିଲା ଅଧିକାରୀ, ତପନ କୁମାର ନାୟକଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ ସହିତ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମୁନିନ୍ଦ୍ର ହୋନାଙ୍ଗଙ୍କୁ ଗଜପତି ଅତିରିକ୍ତ ଜିଲାପାଳ, ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଦେବଗଡ଼ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିତେନ୍ଦ୍ର କୁମାର ନାୟକଙ୍କୁ କେନ୍ଦ୍ରାପଡା ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗେଶ୍ୱର ନାୟକଙ୍କୁ ସୁନ୍ଦରଗଡ଼ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜୟ କୁମାର ବେହେରାଙ୍କୁ ଗଞ୍ଜାମ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁଙ୍କୁ ଭଦ୍ରକ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବୁଲବୁଲ୍ ବେହେରାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର, କାଜଲ ପ୍ରଧାନଙ୍କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ-କଟକଙ୍କ ଉପସଚିବ, ଆଶିଷ ରଞ୍ଜନ ସାହୁଙ୍କୁ ଢେଙ୍କାନାଳ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶରତ ମାଝୀଙ୍କୁ ବଲାଙ୍ଗୀର ମୁନିସପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶୁଭଶ୍ରୀ ତ୍ରିପାଠୀଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଉପସଚିବ ଭାବେ ନିଯୁକ୍ତ କରାଯାଇଛି।

## ସର୍ବଭାରତୀୟ ଇପିଏଫ୍ ପେନସନ୍ ସଂଘର କାର୍ଯ୍ୟକାରିଣୀ



ଭୁବନେଶ୍ୱର, ୯।୬(ସମିସ): ଇପିଏଫ୍ ପେନସନ୍ ସଂଘର ସର୍ବଭାରତୀୟ ସଂଗଠନ ଇପିଏଫ୍ ୯୫ ଜାତୀୟ ସମନ୍ୱୟ କମିଟିର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ସଭାପତି ପ୍ରକାଶ ୟେଣ୍ଡେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ପାଠକ ସଂଗଠନର ବିଗତ ଦିନର କାର୍ଯ୍ୟକ୍ରମଗୁଡ଼ିକର ସୂଚନା ପ୍ରଦାନ କରିଥିଲେ। ରାଜସ୍ଥାନ ସମେତ ଓଡ଼ିଶା, ପଞ୍ଜାବ, କର୍ଣ୍ଣାଟକ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ହରିୟଣା, ଗୋଆ, ଦିଲ୍ଲୀ, ମଧ୍ୟପ୍ରଦେଶ ପ୍ରଭୃତି ଅନେକ ରାଜ୍ୟରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ।

କାର୍ଯ୍ୟକାରୀ ସଭାପତି ଭୀମରାଓ ଡୁଙ୍ଗରେ, ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ପୁଣ୍ଡଲିକ ପାଣ୍ଡେ, ଚନ୍ଦ୍ରଶେଖର ପରଶାଇ, ପ୍ରଫୁଲ୍ଲ ଦାସ, ବିକ୍ରମ ଛୋଟରାୟ, ସଞ୍ଜନା ରିଚାରିୟା, ରାମ ଭଦ୍ରେୟା ଓ ଦାଦା ଟୁକାରାମ ଜୋଡେ ପ୍ରମୁଖ ବୈଠକରେ ଉଦ୍‌ବୋଧନ ଦେଇ ଇପିଏଫ୍ ପେନସନ୍‌ଭୋଗୀଙ୍କ ସମସ୍ୟା ତଥା କେନ୍ଦ୍ର ସରକାରଙ୍କ ଏହି ସମସ୍ୟାର ସମାଧାନ କରିବାରେ ନକାରାତ୍ମକ ମନୋଭାବକୁ ଦୃଢ଼ ନିନ୍ଦା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଏନସିଆର ସଭାପତି ଗୁରୁମୁଖ ସିଂ ଓ କୋଷାଧ୍ୟକ୍ଷ ରିତେଶ ମୌର୍ଯ୍ୟ ଯୋଗଦେଇ ବର୍ଦ୍ଧିତ ପେନସନ ବାବଦରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଇପିଏଫ୍ କର୍ତ୍ତୃପକ୍ଷ ଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସର୍ବନିମ୍ନ ପେନସନ୍ ଓ ବର୍ଦ୍ଧିତ ପେନସନ୍ ପ୍ରଦାନର ସମସ୍ୟା ବାବଦରେ ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ସାରା ଦେଶରେ ବୃହତ୍ତର ଜନ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ହରଗୋବିନ୍ଦ ଶର୍ମା ସଭା ପରିଚାଳନା କରିଥିଲେ।

# ଶିଶୁକୁ ବସ୍ତୁ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ: ହାଇକୋର୍ଟ

କଟକ, ୯।୬(ସମିସ): ଜଣେ ଶିଶୁକୁ ଉଭୟ ପିତାମାତାଙ୍କ ସ୍ନେହ ଓ ଭଲ ପାଇବାର ଆବଶ୍ୟକତା ରହିଥାଏ। ତେବେ ପିତାମାତାଙ୍କ ମଧ୍ୟରେ ଥିବା ଅହଂକାର ଓ କ୍ରୋଧ ପାଇଁ ଶିଶୁକୁ ଏକ ନିର୍ଜୀବ ବସ୍ତୁ ଭାବେ ବ୍ୟବହାର କରାଯିବା ଅନୁଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି କହିଛନ୍ତି। ଏକ ଦାମ୍ପତ୍ୟ କଳହ ତଥା ଛାଡ଼ପତ୍ର ମାମଲା ବିଚାରାଧୀନ ଥିବା ବେଳେ ଜଣେ ପିତାଙ୍କର ନିଜର ଛୋଟ ଶିଶୁପୁତ୍ରକୁ ଭେଟିବା ପାଇଁ ରହିଥିବା ଅଧିକାରକୁ ଅନୁମତି ପ୍ରଦାନ କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ଓ ଆବେଦନକାରୀ ପତ୍ନୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ପ୍ରକାଶିତ ରାୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି ଯେ ପିତାମାତାଙ୍କୁ ତାଙ୍କ ସନ୍ତାନ ସହ ଯୋଗଯୋଗ କରିବାକୁ କିମ୍ବା ଭେଟିବାକୁ ମନା କରାଯିବା ଉଚିତ ନୁହେଁ। ପତି-ପତ୍ନୀଙ୍କ ମଧ୍ୟରୁ କାହାକୁ ତାଙ୍କ ସନ୍ତାନ ସହ ସାକ୍ଷାତ କରିବାର ଅଧିକାରରୁ ବଞ୍ଚିତ କରିବା ସମୟରେ ଯୁକ୍ତିଯୁକ୍ତ କାରଣ ଦର୍ଶାଯିବା ଆବଶ୍ୟକ। ଏଣୁ ପ୍ରତିପକ୍ଷ ସ୍ୱାମୀଙ୍କର ତାଙ୍କ ପୁଅକୁ ଭେଟିବାର ଅଧିକାର ପିଲାର ସର୍ବୋପରି ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ସ୍ଥିର କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।



ମାମଲାରୁ ପ୍ରକାଶ, ପ୍ରତିପକ୍ଷ ସ୍ୱାମୀ ତାଙ୍କ ସ୍ତ୍ରୀ (ଏଠାରେ ଆବେଦନକାରୀ)ଙ୍କଠାରୁ ଛାଡ଼ପତ୍ର ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଛାଡ଼ପତ୍ର ଆବେଦନ ସହିତ ସେ ତାଙ୍କ ପୁଅର ହେପାଜତ ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆବେଦନ ମଧ୍ୟ ଦାଖଲ କରିଥିଲେ। ଛାଡ଼ପତ୍ର ଆବେଦନର ଫଇସଲା ସମୟରେ ସେମାନଙ୍କ ପିଲାର ହେପାଜତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ନିମ୍ନ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟରେ ତାଳଚେର ସିଭିଲ ଜଜ୍ ପ୍ରତିପକ୍ଷ ପିତାଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରି ତାଙ୍କ ସନ୍ତାନକୁ ଭେଟିବା ଅଧିକାରକୁ ଅନୁମତି ପ୍ରଦାନ କରିଥିଲେ। ପ୍ରତିପକ୍ଷ ପିତା ଭରଣପୋଷଣ ପ୍ରଦାନରେ ଅବହେଳା କରୁଥିବା ଦର୍ଶାଇ ନିମ୍ନ ଅଦାଲତଙ୍କ ଏହି ଆଦେଶ ବିରୋଧରେ ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ଏହି ଆଧାରକୁ ଗ୍ରହଣ ନକରି ଆବେଦନଟିକୁ ଖାରଜ କରିଦେଇଛନ୍ତି।

# ସମ୍ପାଦକୀୟ



ଅନ୍ଧ ଭାବରେ କୌଣସି ପ୍ରସଙ୍ଗକୁ ବିଶ୍ୱାସ ନ କରି ତାହାର ଗୂଢ଼ ତତ୍ତ୍ୱକୁ ବୁଝିବା ଦିଗରେ ଅଟଳ ରହିବା ଉଚିତ।
ଜେ. କ୍ରିଷ୍ଣମୂର୍ତ୍ତି

ସକାଳ THE SAKALA

## ସମ୍ପର୍କର ସୀମା

ରାଜନୈତିକ ପାଣିପାଗକୁ ଦେଖି ଅଙ୍କ କଷିବାରେ ମାହିର ବିତ୍ତଶାଳୀ କର୍ପୋରେଟ୍ ସଂସ୍ଥା। ନିର୍ବାଚନୀ ଚାନ୍ଦା ଆକାରରେ ସେମାନେ ନିବେଶ କରିଥା'ନ୍ତି ଆଗକୁ କ୍ଷମତାକେନ୍ଦ୍ରରୁ ଫାଇଦା ହାସଲ ପାଇଁ। ଏଲନ୍ ମସ୍କ ସେମାନଙ୍କଠାରୁ କିଛି ଭିନ୍ନ ନୁହନ୍ତି। ସେ ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ରିପବ୍ଲିକାନ୍ ଦଳକୁ ୨୯୦ ନିୟୁତ ଡଲାର ନିର୍ବାଚନ ଚାନ୍ଦା ଦେଇ ପ୍ରଚାରରେ ଲାଗିପଡ଼ିଥିଲେ। ତେଣୁ ଟ୍ରମ୍ପ ଦ୍ୱିତୀୟବାର ରାଷ୍ଟ୍ରପତି ହେବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଭୂମିକାରୁ ନିବିଡ଼ ସମ୍ପର୍କ ଓ ବନ୍ଧୁତାର ସୁଯୋଗ ନେଇ ସେ ଯୋଡ଼ି ହୋଇଗଲେ ହ୍ୱାଇଟ୍ ହାଉସ୍ ସହ। ଏପରକି ଦକ୍ଷତା ବିକାଶ ଓ ବ୍ୟୟ ସଂକୋଚନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହି ମସ୍କ ଆମେରିକା ପ୍ରଶାସନିକ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଗଲେ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ସମଗ୍ର ବିଶ୍ୱରେ ହଟଚମଟ ସୃଷ୍ଟି କରିଥିବା ବେଳେ ତାହାର ପ୍ରାରମ୍ଭିକ କାର୍ଯ୍ୟାନ୍ୱୟନରେ ଅନ୍ୟତମ ଅଂଶୀଦାର ହେବା ସହ ନିଜର ପ୍ରାଧାନ୍ୟ ବୃଦ୍ଧି ଓ ବ୍ୟବସାୟିକ ସୁବିଧା ସୁଯୋଗ ମଧ୍ୟ ହାସଲ କଲେ। ଆମର ଏଠାରେ କହିବାର କଥା ପଙ୍କିଳ ରାଜନୀତି ଓ ପ୍ରଶାସନିକ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଅଂଶଗ୍ରହଣର ସୁଯୋଗ ପ୍ରଦାନ ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି, ଯାହାର ପ୍ରତିଫଳନ ଘଟିଛି ଟ୍ରମ୍ପ ଓ ମସ୍କ ମଧ୍ୟରେ ହୋଇଥିବା ବାକ୍ୟ ବିନିମୟରୁ। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆଗତ 'ବିଗ ବ୍ୟୁଟିଫୁଲ୍ ବିଲ୍'(ବଜେଟ୍)ରେ ହସ୍ତକ୍ଷେପ ଓ ପରାମର୍ଶର ସୁଯୋଗ ନ ପାଇ କ୍ଷୁବ୍ଧ ହୋଇଛନ୍ତି ମସ୍କ। ଏଠାରେ ସୂଚାଇ ଦିଆଯାଇପାରେ କି ମସ୍କ ରାଜନୈତିକ ଆଦର୍ଶ ଓ ନୀତି ଦୃଷ୍ଟିରୁ ଜଣେ ସଚ୍ଚା ରିପବ୍ଲିକାନ୍ ପାର୍ଟିରି ସଦସ୍ୟ ବା ସମର୍ଥକ ଏ କଥା ନୁହେଁ। ବାରାକ୍ ଓବାମା ରାଷ୍ଟ୍ରପତିତ୍ୱ କାଳରେ ସେ ଡେମୋକ୍ରାଟିକ୍ ପାର୍ଟି ସରକାରରୁ ମଧ୍ୟ ବିପୁଳ ସୁବିଧା ସୁଯୋଗ ହାସଲ କରିଥିଲେ।

ମସ୍କ କ୍ଷମତାରୁ ଅପସରି ଯିବା ପରେ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା ଆରମ୍ଭ କରିଦେଲେ। ଟ୍ରମ୍ପ ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ, ସେ ଉପରାଷ୍ଟ୍ରପତି ଭାନ୍ସଙ୍କୁ ଦାୟିତ୍ୱ ଦେଇ ଇସ୍ତଫା ଦେବା ଉଚିତ ବୋଲି ମସ୍କ କହିଥିବା ବେଳେ ସେ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ରର କ୍ଷମତା ଅଳିନ୍ଦରେ ଏଭଳି ବିବାଦାସ୍ପଦ ବୟାନବାଜି ବିଶ୍ୱର କତିପୟ ନେତୃତ୍ୱଙ୍କୁ ନିଶ୍ଚୟ ଆମୋଦିତ କରୁଥିବ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ବିବାଦରୁ ସୃଷ୍ଟ ପରିସ୍ଥିତି ସମଗ୍ର ବିଶ୍ୱରେ କେବଳ ହଟଚମଟ ସୃଷ୍ଟି କରିନାହିଁ ଆର୍ଥିକ ମାନ୍ଦାବସ୍ଥାକୁ ଡାକି ଆଣିଛି। ଏପରିକି ଖୋଦ୍ ଆମେରିକା ବଜାରରେ ଖାଉଟି ସାମଗ୍ରୀ ମାତ୍ରାଧିକ ମୂଲ୍ୟବୃଦ୍ଧି ଘଟିଛି। ଟ୍ରମ୍ପଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ପ୍ରୋତ୍ସାହିତ କରୁଥିବା ମସ୍କ ଏବେ ପ୍ରତିକୂଳ ପରିସ୍ଥିତି ସମ୍ପର୍କରେ ଚେତାବନୀ ଦେଇଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା କି ମସ୍କ ତାଙ୍କର ସାମାଜିକ ଗଣମାଧ୍ୟମ ମଞ୍ଚରେ ଯୌନ ଉତ୍ପୀଡ଼ନ ଓ ମାନବ ଚାଲାଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲରେ ଟ୍ରମ୍ପଙ୍କ ନାମ ରହିଥିବାର ଦର୍ଶାଇଛନ୍ତି। ଏହି ଫାଇଲ ଏ ପର୍ଯ୍ୟନ୍ତ ସାର୍ବଜନିନ କରାଯାଇନାହିଁ। ତେଣୁ ମହାଅଭିଯୋଗ ଭଳି ବୋମା ପକାଇବାର ସମୟ ଏବେ ଉପସ୍ଥିତ। ଏହାକୁ କେନ୍ଦ୍ର କରି ଡେମୋକ୍ରାଟିକ୍ ଦଳ ପକ୍ଷରୁ ନ୍ୟାୟ ବିଚାର ଓ ଏଫ୍‌ବିଆଇ ଫାଇଲ୍ ପ୍ରକାଶ କରିବାକୁ ଦାବି ହୋଇଛି। ମସ୍କ ଜାଣିଛନ୍ତି ଆମେରିକା ରାଷ୍ଟ୍ରପତିଙ୍କ ଅଖଣ୍ଡ କ୍ଷମତା ପରିସର କେତେ ବିପୁଳ। ମସ୍କ ହାସଲ କରିଥିବା ସରକାରୀ ସହାୟତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରତ୍ୟାହାର କରିନେବାକୁ ଧମକ ଦିଆଯିବା ପରେ ସେ ଚମକି ପଡ଼ିଛନ୍ତି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ସେ ଟ୍ରମ୍ପ ବିରୋଧୀ ସମସ୍ତ ଟ୍ୱିଟ୍‌କୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ବୁଝାମଣା ସକାଶେ ସୁଯୋଗ ସୃଷ୍ଟି କରିଛି।

ମସ୍କଙ୍କ ପୃଷ୍ଠଭୂମି ସମ୍ପର୍କରେ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୁଏ ଯେ ୨୦୦୯ ଆମେରିକା ପୁନଃନିବେଶ ଆଇନ ବଳରେ କାଲିଫର୍ଣ୍ଣିଆରେ ୪୬୫ ନିୟୁତ ଡଲାର ଋଣ ହାସଲ କରିଥିଲେ। ଫ୍ଲୋରିଡାସ୍ଥିତ ଉପଗ୍ରହ-ଏକ୍ସର କାର୍ଯ୍ୟଶୈଳୀ ସମ୍ପର୍କରେ ଓବାମାଙ୍କ ଗସ୍ତବେଳେ ମସ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୬ ପର୍ଯ୍ୟନ୍ତ ସେ ଟ୍ରମ୍ପଙ୍କ ଅନୁଗତ ତାଲିକାରେ ନଥିଲେ। ଡିଟେଜି ହତ୍ୟା ଉଦ୍ୟମ ଘଟଣାକ୍ରମରୁ ସେ ଟ୍ରମ୍ପଙ୍କ ନିକଟବର୍ତ୍ତୀ ହୋଇଥିଲେ। ପରବର୍ତ୍ତୀ ସମ୍ପର୍କ ଏତେ ନିବିଡ଼ ହେଲା ଯେ ଉଭୟ ଉଭୟଙ୍କୁ ପ୍ରଶଂସାରେ ପୋତି ପକାଇଲେ। ବଜେଟ୍ ପ୍ରସ୍ତୁତି ଓ ଆଗତ ପୂର୍ବରୁ ଋଣ ଓ ନିଅଣ୍ଟିଆ ସ୍ଥିତି ସମ୍ପର୍କରେ ତାଙ୍କର ମତାମତ କାହିଁକି ନିଆଗଲା ନାହିଁ ଦର୍ଶାଇ ସେ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବଜେଟ୍ ବ୍ୟବସ୍ଥା ଅତି ଘୃଣ୍ୟ ଓ ଜଘନ୍ୟ କହି ଏହାକୁ ଗୃହୀତ କରାଇ ନ ଦେବା ପାଇଁ ସେ ଆହ୍ୱାନ ଦେଲେ। ଟ୍ରମ୍ପଙ୍କ ସହ ସମ୍ପର୍କ ଓ ନିର୍ବାଚନ ବିଜୟ ଘଟଣା ପରେ ପରେ ମସ୍କଙ୍କ କମ୍ପାନୀ ସେୟାର ମୂଲ୍ୟ ୧ ଟ୍ରିଲିୟନ୍ ଡଲାର ଅତିକ୍ରମ କରିଥିଲା। ଏହି ବିବାଦ ପରେ ଟେସ୍‌ଲାର ବଜାର ମୂଲ୍ୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ମସ୍କ ଏବେ ମଧ୍ୟ ମନେ କରନ୍ତି ଯେ ତାଙ୍କ ଯୋଗୁଁ ହିଁ ଟ୍ରମ୍ପ ନିର୍ବାଚନରେ ବିଜୀୟ ହୋଇଛନ୍ତି। ନ ହେଲେ ନୂଆ ଦଳ ଗଢ଼ିବାର ସ୍ୱପ୍ନ ସେ ଦେଖିନଥା'ନ୍ତେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକାରେ ନୂଆ ଦଳ ଗଠନ କରିବାର ସମୟ ଉପସ୍ଥିତ ଦର୍ଶାଇ ମତାମତ ଲୋଡ଼ିଛନ୍ତି ମସ୍କ। ତାଙ୍କର ଏହି ପ୍ରସ୍ତାବକୁ ୮୦ ପ୍ରତିଶତ ମଧ୍ୟବିତ୍ତ ବର୍ଗ ସମର୍ଥନ କରିଛନ୍ତି। ୫୬ ଲକ୍ଷରୁ ଅଧିକ ଲୋକ ଅନ୍‌ଲାଇନ୍‌ରେ ତାଙ୍କ ପୋଷ୍ଟରେ ଭୋଟ ଦେଇଛନ୍ତି। 'ଦି ଆମେରିକାନ୍ ପାର୍ଟି' ଗଠନ କରିବାର ସେ ସୂଚନା ଦେଇଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିନାହାନ୍ତି।

ରୁଷ ରାଷ୍ଟ୍ରପତି ପୁଟିନଙ୍କ ଅତି ନିକଟତମ ସହଯୋଗୀ ତଥା ରୁଷ ପ୍ରଧାନମନ୍ତ୍ରୀ ଏହି ଘଟଣାରେ ବେଶ୍ ହାସ୍ୟୋଦ୍ଦୀପକ ବ୍ୟଙ୍ଗ କରି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ଶାନ୍ତିଚୁକ୍ତିକୁ ଯୁକ୍ତିଯୁକ୍ତ ଶୁଳ୍କରେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏପରିକି ଷ୍ଟାରଲିଙ୍କର ସେୟାରକୁ ଦେୟ ଭାବେ ଗ୍ରହଣ କରିବାକୁ ରୁଷ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହାର ପ୍ରତିକ୍ରିୟାରେ ମସ୍କ ହସୁଥିବା ଇମୋଜିକୁ ପ୍ରତୀକ ରୂପେ ଗ୍ରହଣ କରିଛନ୍ତି। ଏପରିକି ରାଜନୈତିକ ଆଶ୍ରୟ ଓ ବ୍ୟବସାୟିକ ସ୍ୱାଧୀନତା ଦେବାର ପ୍ରତିଶ୍ରୁତି ସୂଚାଇ ଦିଆଯାଇଛି। ଏହା ଯେ କେବଳ ରୁଷସ୍ତରରେ ସୀମିତ ଅଛି ଏ କଥା ନୁହେଁ, ବାଣିଜ୍ୟ ଶୁଳ୍କ ରଣନୀତିରେ ଲହୁଲୁହାଣ ହେଉଥିବା ରାଷ୍ଟ୍ର ସମୂହ ଆଗକୁ ଟ୍ରମ୍ପଙ୍କ ନାଲିଆଖିକୁ କେତେଦୂର ଖାତିର କରିବେ ସେ ନେଇ ମଧ୍ୟ ସନ୍ଦେହ ଉପୁଜିଛି।

ବିତ୍ତୀୟ ସାମର୍ଥ୍ୟର ଯେ ରାଜନୀତିରେ କୌଣସି ଭୂମିକା ନାହିଁ ଏ କଥା ନୁହେଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ କର୍ପୋରେଟ୍ ସଂସ୍ଥା ନିଜ ଅର୍ଥବଳରେ କ୍ଷମତାସୀନ ହୋଇ ଦେଶକୁ ଶାସନ କରିପାରିବ। ରାଜନେତା ଓ ଶିଳ୍ପପତିଙ୍କ ମଧ୍ୟରେ ସମ୍ପର୍କର ସୀମା ବା ଲକ୍ଷଣରେଖା ରହିଛି। ଅର୍ଥବଳରେ ତାହାକୁ ଉଲ୍ଲଙ୍ଘନ କଲେ କେବଳ ସମ୍ପର୍କ କ୍ଷୁଣ୍ଣ ହେବ ନାହିଁ, ବିତ୍ତୀୟ ସାମ୍ରାଜ୍ୟ ଧ୍ୱଂସ ହୋଇଯିବ। ବିଳମ୍ବରେ ହେଲେ ମଧ୍ୟ ମସ୍କ ଏହା ବୁଝିପାରିଥିବା ଭଳି ମନେ ହୁଏ। ●

## ଯୁଦ୍ଧପ୍ରିୟ ବିଶ୍ୱ

**ମନୋଜ କୁମାର ମହାନ୍ତି**

ଇତିହାସରେ ଏମିତି କେଉଁ ଶତାବ୍ଦୀ ନାହିଁ, ଯେଉଁଠି ଲହୁ ଓ ଲହୁର ଦରିଆ ବୋହିନାହିଁ। ଏକଦା ଶାନ୍ତିମୈତ୍ରୀର ମନ୍ତ୍ର ଉଚ୍ଚାରଣ କରୁଥିବା ମଣିଷ ସ୍ୱପ୍ନ ଦେଖିଛି ଏକଛତ୍ରବାଦର। ସେ ପ୍ରେମ ସୌହାର୍ଦ୍ଦର ଗୀତ ଗାଇବା ପାଇଁ ଆହ୍ୱାନ କଲା ଭିତରେ ଉପତ୍ୟକା ସମୂହକୁ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରିଛି। ସବୁଠି ସେଇ ଲୋମହର୍ଷଣକାରୀ କୋଳାହଳ ପରିବେଶ। ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବାରୁଦ ଗନ୍ଧ ବିଶ୍ୱରେ ସୃଷ୍ଟି କରିଛି ଅଶାନ୍ତ ବାତାବରଣ। ଶାନ୍ତି-ମୈତ୍ରୀ-କରୁଣାର ବାର୍ତ୍ତା ବାଣ୍ଟୁଥିବା ମଣିଷ ପୁଣି ଏତେ ହିଂସ୍ର ହୁଏ କେମିତି? ଏକ ସୁନ୍ଦର ସବୁଜିମା ପୃଥିବୀର ପରିକଳ୍ପନା କରୁକରୁ ରକ୍ତର ହୋଲି ଖେଳିବାକୁ ଆଗେଇ ଆସେ କିପରି? ପ୍ରତ୍ୟେକ ମଣିଷ ଚାହେଁ ଟିକେ ସୁଖରେ ରହିବାକୁ, ଶାନ୍ତିରେ ନିଃଶ୍ୱାସ ମାରିବାକୁ, ଜୀବନକୁ ସରସ-ସୁନ୍ଦର-ମଧୁମୟ କରିବାକୁ। ଶାନ୍ତିର ଆବଶ୍ୟକତାକୁ ଅନୁଭବ କରି ମଧ୍ୟ କାହିଁକି ସେ ଯୁଦ୍ଧକୁ ଆହ୍ୱାନ କରେ?

ଯାଯାବର ହୋଇ ଏକୁଟିଆ କାଳତିପାତ କରୁଥିବା ଜୀବନ ବିପଦପୂର୍ଣ୍ଣ ଅନୁଭବ କଲା ପରେ ମଣିଷ ଚାହିଁଲା ସଂଘବଦ୍ଧ ଜୀବନ। ସାଥୀ ହୋଇ ସହାବସ୍ଥାନ ପରେ ସମୟକ୍ରମେ ସଂଘବଦ୍ଧ ଜୀବନ ମଧ୍ୟରେ ଆରମ୍ଭ ହେଲା ପ୍ରତିଦ୍ୱନ୍ଦ୍ୱିତା। ସେହି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ଚାହିଁଲା ତା'ର ନିଜର ସ୍ୱତନ୍ତ୍ର ପରିଚୟ। ଧୀରେ ଧୀରେ ପୃଥିବୀକୁ ନିଜର କରିବାକୁ ସ୍ୱପ୍ନ ଦେଖିଲା। ନିଜ ମଧ୍ୟରେ ସ୍ୱେଚ୍ଛାଚାରୀ ଉଗ୍ରମାନସିକତାର ବୀଜ ଅଙ୍କୁରିତ ହେବାରେ ଲାଗିଲା। ନିଜକୁ ଅନ୍ୟମାନଙ୍କଠାରୁ ବୁଦ୍ଧିମାନ ଓ ଦକ୍ଷ ଭାବିଲା। ସମସ୍ତଙ୍କୁ ଏକତ୍ରିତ କରି ସେମାନଙ୍କର ମୁଖିଆ ହୋଇ ଧନଜୀବନର ଉତ୍ତରଦାୟିତ୍ୱ ନିଜ କାନ୍ଧକୁ ନେଇ ଅନ୍ୟମାନଙ୍କୁ ନିଜ ନିୟନ୍ତ୍ରଣକୁ ଆଣିଲା।

ନିଜ ପରିସୀମାକୁ ବିସ୍ତାର କରିବା ସହ ଅନ୍ୟକୁ ନିଜ ଅଧୀନରେ ରଖିବାର ମନୋଭାବ ତା'କୁ ଶିଖାଇଲା ଦ୍ୱନ୍ଦ୍ୱ। ବାହୁବଳ, ଅର୍ଥବଳ ଓ ବିଚକ୍ଷଣ ବୁଦ୍ଧି ସାହାଯ୍ୟରେ କିଛି ବିଶ୍ୱାସୀମାନଙ୍କୁ ଆତ୍ମୀୟତାର ମୋହରେ ବାନ୍ଧି ଅସ୍ତ୍ରଶସ୍ତ୍ରର ସାହାରା ନେଇ ଅନ୍ୟକୁ ଯୁଦ୍ଧର ଆହ୍ୱାନ ଦେଲା। ବିଜୟୀ ହେଲା ପରେ ସେ ଅନ୍ୟଠାରୁ ନିଜକୁ ଶକ୍ତିଶାଳୀ ଯୋଦ୍ଧା ଭାବେ ଆତ୍ମଘୋଷିତ କରାଇବା ସହ ଯୁଦ୍ଧବିଦ୍ୟା, ରଣକୌଶଳ ଏବଂ ସୈନ୍ୟଶିବିର ପ୍ରସ୍ତୁତିପୂର୍ବକ ବିଶାଳ ସାମ୍ରାଜ୍ୟ ଗଠନରେ ଲାଗିପଡ଼ିଲା। ଗୋଟେପରେ ଗୋଟେ ଅଞ୍ଚଳକୁ ଆକ୍ରମଣ କରି ବିଜୟର ସ୍ୱାଦ ତା'ର ପ୍ରଭୁତ୍ୱକୁ ବିଶ୍ୱ ଦରବାରରେ ଉପସ୍ଥାପନ କଲା। ନିଜ ସାମ୍ରାଜ୍ୟର ଭୌଗୋଳିକ ମାନଚିତ୍ରର ପରିସୀମା ବର୍ଦ୍ଧନ, ଧନସମ୍ପଦ ଲୁଣ୍ଠନ ସହ ନିଜ ପରାକ୍ରମ ଧ୍ୱଜା ଉଡ଼େଇବା ଲକ୍ଷ୍ୟରେ ସେ ଯୁଦ୍ଧକୁ କଲା ଏକ ବୃହତ୍ ମାଧ୍ୟମ। ନିଜ ସାମ୍ରାଜ୍ୟର ବୈଭବ ତଥା ପ୍ରାଚୁର୍ଯ୍ୟ ଲକ୍ଷ୍ୟରେ ଅନ୍ୟ ସାମ୍ରାଜ୍ୟକୁ ଆକ୍ରମଣ କରି ଅମାପ ଧନସମ୍ପଦ ହାତେଇବାକୁ ଚାହିଁଲା। ଏହା ଥିଲା ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ଯୁଦ୍ଧ ମାନସିକତା।

ବିଶ୍ୱ ଇତିହାସରେ ଅନେକଗୁଡ଼ିଏ ଛୋଟବଡ଼ ସାମ୍ରାଜ୍ୟ ମୁଣ୍ଡଟେକିଛି। ପୁଣି ସମୟଚକ୍ରରେ ପତନ ଘଟିଛି। ଜୟ-ପରାଜୟ ସହ କେତେ ରାଜ୍ୟ ଓ ରାଜବଂଶର ସୂର୍ଯ୍ୟୋଦୟ, ପୁଣି ସୂର୍ଯ୍ୟାସ୍ତ ହୋଇଛି। ତା'ପରେ ଆରମ୍ଭ ହୋଇଛି ଔପନିବେଶବାଦର ଯୁଗ। ଧୀରେ ଧୀରେ ଉପନିନେଶଗୁଡ଼ିକ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ବିଶ୍ୱ ମାନଚତ୍ରରେ ନିଜର ପ୍ରତିଷ୍ଠା ଅର୍ଜନ କରିଛନ୍ତି।। ଯଦିଓ ରାଜତନ୍ତ୍ରର ଅବସାନ ଘଟି ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି; କିନ୍ତୁ ଯୁଦ୍ଧ ମନୋବୃତ୍ତି ବଦଳିନାହିଁ। କେବଳ ଯୁଦ୍ଧ ଓ ଆକ୍ରମଣର ପୃଷ୍ଠଭୂମି ବଦଳିଯାଇଛି। ରାଜତନ୍ତ୍ର ଶାସନ ସମୟର ଯୁଦ୍ଧକୁ ଗଣତନ୍ତ୍ରରେ ନୂତନ ରୂପେ ଉପସ୍ଥାପିତ କରାଯାଇଛି। ବାରୁଦ, ବନ୍ଧୁକ ଓ ଗୁଳିଶବ୍ଦ ଯୁଦ୍ଧ ଆକ୍ରମଣକୁ ଆହୁରି ମଜବୁତ୍ କରିଛି। ଅସ୍ଥିର ଗଣତନ୍ତ୍ର, ଅସନ୍ତୋଷ ପ୍ରଜା ଓ ଗୃହଯୁଦ୍ଧର ସୁଯୋଗ ନେଇ ବାହ୍ୟଶକ୍ତିର ପ୍ରବେଶ ସହ ସେମାନଙ୍କର ଆଧିପତ୍ୟ ବିସ୍ତାର ହୋଇଛି। ଗଣତନ୍ତ୍ର ପ୍ରତିଷ୍ଠା ଦ୍ୱାରା ରାଜତନ୍ତ୍ରର ଯୁଦ୍ଧ ଓ ଆକ୍ରମଣ ଭୟରୁ ମଣିଷକୁ ଦୂରେଇ ରଖିବା ପାଇଁ ପ୍ରତ୍ୟେକ ରାଷ୍ଟ୍ର ପ୍ରୟାସ କରିଛି।

ମିଳିତ ଜାତିସଂଘର ପ୍ରୟାସରେ ପ୍ରତ୍ୟେକ ରାଷ୍ଟ୍ର ମଧ୍ୟରେ କିପରି ସୁସମ୍ପର୍କ ଓ ଶାନ୍ତି ସ୍ଥାପନ ହେବ ସେଥିପାଇଁ ଚୁକ୍ତି ସ୍ୱାକ୍ଷରିତ ହେଲା। କିନ୍ତୁ ମଣିଷର ପ୍ରକୃତି ପରିବର୍ତ୍ତନ ହେଉଛି ବା କେଉଁଠୁ? ଦାମ୍ଭିକ ବ୍ୟକ୍ତିମାନେ ସମସ୍ତଙ୍କ ଭାଗ୍ୟଡୋରିକୁ ନିଜ ହସ୍ତରେ ରଖିବାକୁ ସଦାସର୍ବଦା ଚାହାନ୍ତି। ରାଜତନ୍ତ୍ର କିମ୍ବା ଗଣତନ୍ତ୍ରରେ ସର୍ବୋଚ୍ଚ ଶାସନ ଓ ଆସନରେ ଅଧିଷ୍ଠିତ ବ୍ୟକ୍ତିବିଶେଷ ହିଁ ବିଶ୍ୱ ଅଶାନ୍ତ ପରିବେଶ ପାଇଁ ଦାୟୀ। ଯୁଦ୍ଧର ପ୍ରମୁଖ କାରଣ ହେଉଛି; ନିଜର ଅସ୍ତିତ୍ୱ ସହ ରାଷ୍ଟ୍ରର ସ୍ୱାଭିମାନ ସହ ସମ୍ମାନ। କେବେ ଧର୍ମ ଓ ପରମ୍ପରା ସଂସ୍ଥାପନ ପାଇଁ ତ ପୁଣି କେବେ ସାମୂହିକ ବିକାଶ ପାଇଁ। ନିଜ ମାଟିର ସ୍ୱାଭିମାନ ସହ ଅତୀତ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ କେହିକେହି ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି।

ଭାରତ ଇତିହାସରେ ଦୁଇ ପ୍ରମୁଖ ଓ ପୌରାଣିକ ମହାଯୁଦ୍ଧ ରାମାୟଣ ଓ ମହାଭାରତ। ଉଭୟ ରାବଣ ଓ ଦୁର୍ଯ୍ୟୋଧନର ଅହଙ୍କାର ଓ ଜିଦଖୋର ମନୋବୃତ୍ତିର ଆତ୍ମପ୍ରକାଶ। ମୌର୍ଯ୍ୟମାନଙ୍କର ବିଜୟଯାତ୍ରାକୁ ଅବ୍ୟାହତ ରଖିବା ଥିଲା କଳିଙ୍ଗ ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ। କଳିଙ୍ଗ ରାଜ୍ୟ ଉପରେ ନିଜର ଆଧିପତ୍ୟ ବିସ୍ତାର ଥିଲା ମୌର୍ଯ୍ୟମାନଙ୍କର ବୃହତ୍ ସ୍ୱପ୍ନ। ଅଷ୍ଟାଦଶ ଶତାବ୍ଦୀର ନେପୋଲିୟନ ୱାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଉରୋପୀୟ ରାଜତନ୍ତ୍ରର ସର୍ବୋଚ୍ଚ ଶାସନର ବିଲୋପ। ସବୁଠାରୁ ଭୟଙ୍କର ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଥିଲା ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ। ୧୯୧୪ର ପ୍ରଥମ ବିଶ୍ୱଯୁଦ୍ଧର ସୂତ୍ରପାତ ମୂଳରେ ଉଗ୍ରଜାତୀୟତାବାଦ, ସାମରିକ ଶକ୍ତିର ପ୍ରତିଯୋଗିତା, ସାମ୍ରାଜ୍ୟବାଦ ନୀତି ଏବଂ କୂଟନୈତିକ ଚୁକ୍ତି। ପୁନଶ୍ଚ ୧୯୩୯ର ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଚ୍ଛଦପଟ୍ଟରେ ଥିଲା ବିଶ୍ୱର ଅର୍ଥନୈତିକ ଅବସାଦ, ଭର୍ସେଲ ଚୁକ୍ତି, ଜାପାନ ଓ ଜର୍ମାନୀରେ ସାମରିକବାଦର ବୃଦ୍ଧି। ଊନବିଂଶ ଶତାବ୍ଦୀରୁ ଆରମ୍ଭ ହେଇଥିବା ଯୁଦ୍ଧଠାରୁ ବିଂଶ ଶତାବ୍ଦୀର ଯୁଦ୍ଧର ସାଜସଜ୍ଜା ଆହୁରି ଭୟଙ୍କର। ଏହା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପୂର୍ବପ୍ରସ୍ତୁତି। ଇରାକ ଓ ଆମେରିକାର, ୟୁକ୍ରେନ ଓ ରୁଷିଆର, ଇସ୍ରାଏଲ ଓ ଇସଲାମିକ ରାଷ୍ଟ୍ରସମୂହ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧର ପରିଣତି ଆଜି ଆମ ଆଖି ସାମନାରେ।

ଏବେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଶଦେଶ ମଧ୍ୟରେ। ସମସ୍ତଙ୍କର ଗୋଟିଏ ଚିନ୍ତା ନିଜ ଦେଶର ସୁରକ୍ଷା ଓ ବାହ୍ୟ ଆକ୍ରମଣରୁ ନିଜର ରକ୍ଷା। ସେଥିପାଇଁ ରାଷ୍ଟ୍ରସମୂହ ପ୍ରତିରକ୍ଷା ବିଭାଗ ଓ ସାମରିକ ଶକ୍ତି ଉପରେ ଧ୍ୟାନରତ। ନିଜକୁ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରରୂପେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଲାଗି ପଡ଼ିଛନ୍ତି। ଭାରତର ପଡ଼ୋଶୀରାଷ୍ଟ୍ର ପରମାଣୁ ଆକ୍ରମଣକୁ ଆଖିରେ ରଖି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ। ଅଧୁନା ପୃଥିବୀ ପରମାଣୁ ଯୁଦ୍ଧର ଡାକରା ଦେଉଛି। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଉତ୍ତର କୋରିଆ, ଇସ୍ରାଏଲ, ଚୀନ୍, ଭାରତ ଓ ପାକିସ୍ତାନ ସାମିଲ୍ ଅଛନ୍ତି। ଚୀନ୍, ଆମେରିକା ଓ ରୁଷିଆ ପରମାଣୁ ବୋମାର ସାହାରାରେ ବିଶ୍ୱକୁ ନିଜ ଅଧୀନକୁ ନେବାକୁ ପ୍ରୟାସ ଜାରି ରଖିଛନ୍ତି। ପରମାଣୁ ଶକ୍ତିସମ୍ପନ୍ନ ଚୀନ୍ ଏସିଆ ମହାଦେଶର ରାଷ୍ଟ୍ରସମୂହର ଭାଗ୍ୟଭବିଷ୍ୟତକୁ ତା' ହାତମୁଠାରେ ରଖିବାକୁ ସଦାସର୍ବଦା ଚେଷ୍ଟିତ। ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଇଉରୋପୀୟ ଦେଶସହ ବିଶ୍ୱରେ ନିଜକୁ ବଡ଼ଭାଇ ଭାବେ ଉପସ୍ଥାପିତ କରିବାରେ ବ୍ୟଗ୍ର। ନିଜ ସାମରିକ ଅସ୍ତ୍ରଶସ୍ତ୍ର ବିକ୍ରି ପାଇଁ ସେ ଯୁଦ୍ଧକ୍ଷେତ୍ର ପ୍ରସ୍ତୁତିରେ ଲାଗିପଡ଼ିଛି। ଏବେ ଦେଶଦେଶ ମଧ୍ୟରେ ଜନସାଧାରଣ ଗୃହଯୁଦ୍ଧରେ ଲିପ୍ତ। ସେଥିମଧ୍ୟରୁ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଓ ସିରିଆ।

ଅନ୍ୟର ଅସ୍ତିତ୍ୱକୁ ବିଲୋପ କରି ନିଜର ବିଜୟଧ୍ୱଜା ଉଡ଼ାଇବା ସହ ଇତିହାସରେ ନିଜ ନାମ ଲିପିବଦ୍ଧ ହିଁ ଅଧିକାଂଶ ଯୁଦ୍ଧର ଉଦ୍ଦେଶ୍ୟ। କେତେବେଳେ ଧର୍ମକୁ ଆଧାର କରି ଧର୍ମଯୁଦ୍ଧ ତ କେତେବେଳେ ସାମରିକ ଶକ୍ତିର ପ୍ରୟୋଗ ପୂର୍ବକ ସାମ୍ରାଜ୍ୟର ବିସ୍ତାର ସହ ଅନ୍ୟର ସଭ୍ୟତାକୁ ଦମନ କରିବାର ମନୋବୃତ୍ତି। ନିଜ ଧର୍ମସଂସ୍କୃତିର ସ୍ଥାପନ ସହ ଅନ୍ୟ ଧର୍ମର ବିଲୋପ ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହ ନିଜ ରାଷ୍ଟ୍ରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଏ ଯୁଦ୍ଧ। ସଭ୍ୟତାର ଧ୍ୱଂସ, ରକ୍ତପାତ, ମାନବଜାତିର ନରସଂହାର ହିଁ ତ ପ୍ରତ୍ୟେକ ଯୁଦ୍ଧର ମାନସିକତା। ଅନ୍ୟକୁ ବାସଚ୍ୟୁତ କରିବା, ରକ୍ତର ହୋଲି ଖେଳିବା ସହ ସୁନ୍ଦର ପୃଥିବୀକୁ କଦାକାର, ବୀଭତ୍ସ ଓ ସବୁଜିମାକୁ ଶ୍ରୀହିନ କରିବା ପାଇଁ ତ ଯୁଦ୍ଧ। ପୃଥିବୀପୃଷ୍ଠରୁ ଯୁଦ୍ଧ କେବେ ବି ଶେଷ ହେବନାହିଁ। ଯୁଦ୍ଧଠୁ ମଣିଷ ନା କେବେ ଦୂରେଇଛି ନା ଦୂରେଇ ପାରିବ। ଶାନ୍ତି ପ୍ରତିଷ୍ଠାର ଶତଚେଷ୍ଟା କରି ମଧ୍ୟ ସେ ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିପାରିବ ନାହିଁ। ସେ ଶାରୀରିକ ଓ ମାନସିକ ସ୍ତରରେ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କାରଣ ନିଜର ଆତ୍ମସୁରକ୍ଷା ପାଇଁ ଯୁଦ୍ଧ ହିଁ ଏକମାତ୍ର ବିକଳ୍ପ। ●

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ଜୈବିକ ଚାଷରେ ଜୀବଜଗତର କଲ୍ୟାଣ

**ସୁରେନ୍ଦ୍ର ମେହେର**

ବିଂଶ ଶତାବ୍ଦୀର ଦ୍ୱିତୀୟଭାଗରେ ଆରମ୍ଭ ହୋଇଥିବା 'ସବୁଜ ବିପ୍ଳବ' କୃଷି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ଥିଲା ବିଶ୍ୱକୁ ଖାଦ୍ୟ ଅଭାବରୁ ଦୂର କରିବା। କୃଷି ଉତ୍ପାଦନରେ ବ୍ୟାପକ ବୃଦ୍ଧି ଆଣିବା ପାଇଁ ଅଧିକ ଅମଳକ୍ଷମ ବିହନ ସହ ବହୁଳ ପରିମାଣରେ ରାସାୟନିକ ସାର ଓ କୀଟନାଶକର ପ୍ରଚଳନ ହେଲା। ଆମେରିକାର ବୈଜ୍ଞାନିକ ନର୍ମାନ ବୋରଲାଗଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ପ୍ରାରମ୍ଭରେ ବିକାଶଶୀଳ ଦେଶଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା।

ଭାରତରେ ଖାଦ୍ୟ ନିରାପତ୍ତା ଏବଂ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ ଲକ୍ଷ୍ୟରେ ୧୯୬୦ ଦଶକରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବର ପ୍ରଭାବ ପ୍ରଶଂସନୀୟ ଥିଲା। ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶରେ ଗହମ ଓ ଚାଉଳ ଭଳି ମୁଖ୍ୟ ଫସଲର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଲା। ଭାରତ ଖାଦ୍ୟ ଅଭାବୀ ସଙ୍କଟରୁ ମୁକୁଳି ଏକ ଶସ୍ୟ ବଳକା ଦେଶରେ ରୂପାନ୍ତରିତ ହେଲା। କିନ୍ତୁ ଅଧିକରୁ ଅଧିକ ଉତ୍ପାଦନ ଆଶାରେ ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ଓ କୀଟନାଶକର ବ୍ୟବହାରରେ ବ୍ୟାପକ ବୃଦ୍ଧି ଘଟିଲା। ଫଳରେ ମାଟିର ସ୍ୱାସ୍ଥ୍ୟ ଓ ପରିବେଶର ପ୍ରଭୂତ କ୍ଷତି ଘଟିଲା। ପରିସ୍ଥିତିର ମୁକାବିଲା ପାଇଁ ଚାଷୀମାନେ ଆହୁରି ଅଧିକ ରାସାୟନିକ ପଦାର୍ଥ ପ୍ରୟୋଗ କରିବାକୁ ବାଧ୍ୟ ହେଲେ। ଏହାର ପ୍ରଭାବରେ ମାଟିର ଗୁଣବତ୍ତାରେ ଅବନତି ଦ୍ୱାରା ଜଳସମ୍ପଦ ଓ ଫସଲ ବିବିଧତା ହ୍ରାସ ଭଳି ସମସ୍ୟା ସୃଷ୍ଟି ହେଲା, ଯାହା ସମୟକ୍ରମେ ଉତ୍ପାଦର ସାମଗ୍ରିକ ମୂଲ୍ୟକୁ ପ୍ରଭାବିତ କଲା। ଏହିପରି ଭାବେ ଦିନକୁ ଦିନ ପାରମ୍ପରିକ ବିହନର ବ୍ୟବହାରରେ ହ୍ରାସ, ମୃତ୍ତିକାର ପ୍ରାକୃତିକ ପୋଷକ ତତ୍ତ୍ୱ ଓ ଖଣିଜ କଣିକାଗୁଡ଼ିକର ଅଭାବ ଦ୍ୱାରା ଉତ୍ପାଦିତ ଫସଲଗୁଡ଼ିକରେ କ୍ଷତିକାରକ ରାସାୟନିକ ପଦାର୍ଥର ପରିମାଣ ବୃଦ୍ଧି ହେଲା।

କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର କେବଳ ମୃତ୍ତିକା ନୁହେଁ, ମାନବ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ରାସାୟନିକ ପଦାର୍ଥଗୁଡ଼ିକର ଅବଶିଷ୍ଟାଂଶ ମଧ୍ୟ ଫସଲ ଜରିଆରେ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବା ଦ୍ୱାରା ସ୍ନାୟୁଗତ ବିକାର, ଶ୍ୱାସକ୍ରିୟା ସମସ୍ୟା, ହରମୋନର ଅସନ୍ତୁଳନ ପରି ବିଭିନ୍ନ ରୋଗ ଶରୀରକୁ ଆକ୍ରାନ୍ତ କରୁଛି। ଦୀର୍ଘସମୟ ପର୍ଯ୍ୟନ୍ତ କୃଷି ପ୍ରବାହରେ ଥିବା ରାସାୟନିକ ଓ କୀଟନାଶକ ପଦାର୍ଥର ସଂସ୍ପର୍ଶରେ ରହିବା ଦ୍ୱାରା ଚର୍ମ ରୋଗ ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୁର୍ବଳ ହେଉଛି। ଜଳସେଚନ କିମ୍ବା ବର୍ଷା ସମୟରେ ଅତିରିକ୍ତ ସାର ମାଟିରୁ ପ୍ରବାହିତ ହୋଇ ପୋଖରୀ, ନାଳ, ନଦୀ ଓ ଭୂତଳ ଜଳରେ ମିଶିଯାଏ ଯାହା ଜଳ ପ୍ରଦୂଷଣର ମୁଖ୍ୟ କାରଣ। କୀଟନାଶକଗୁଡ଼ିକର ଅବଶିଷ୍ଟାଂଶ ଜୀବଜଗତକୁ କ୍ଷତି ପହଞ୍ଚାଏ ଏବଂ ଜୈବ ବିବିଧତାକୁ ନଷ୍ଟ କରେ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା ବ୍ୟାପକ ଭାବରେ ପ୍ରାକୃତିକ ସମତୁଲତାକୁ ପ୍ରଭାବିତ କରେ।



ଏ ସବୁର ନିରାକରଣ ପାଇଁ ଜୈବିକ ଓ ପ୍ରାକୃତିକ କୃଷି ଭଳି ସୁରକ୍ଷିତ ତଥା ଚିରସ୍ଥାୟୀ କୃଷି ପଦ୍ଧତିକୁ ପ୍ରତ୍ୟାବର୍ତ୍ତନ କରିବା ଆବଶ୍ୟକ। ଆଧୁନିକ କୃଷିରୁ ଜୈବିକ କୃଷି ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ହେଉଛି ରାସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ସ୍ଥାୟୀ ଏବଂ ପରିବେଶ ଅନୁକୂଳ କୃଷି ପଦ୍ଧତିକୁ ଗ୍ରହଣ କରିବା। ଏହା ମାଟିର ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବ ଏବଂ ପରିବେଶ ପ୍ରଦୂଷଣକୁ ହ୍ରାସ କରିବ। ଏଥିସହିତ ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶକୁ ସୁଦୃଢ ଏବଂ ଚାଷକୁ ଅଧିକ ସୁଲଭ ଓ ଉତ୍ପାଦନକ୍ଷମ କରିପାରିବ। ଜୈବିକ କୃଷିର ପ୍ରମୁଖ ଉପାଦାନଗୁଡ଼ିକ ମଧ୍ୟରେ ଜିଆ ଖତ, ଗୋବର ଖତ, ଜୈବିକ ସାର, ମଲ୍‌ଚିଂ(ଆଚ୍ଛାଦ ଚାଷ), ମିଶ୍ରିତ ଫସଲ ଓ ଜୈବିକ କୀଟ ପରିଚାଳନା ଆଦି ଅନ୍ତର୍ଭୁକ୍ତ, ଯାହା ସବୁପ୍ରକାରର ଚାଷ ପାଇଁ ଏକ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ପଦ୍ଧତି ଅଟେ।

ଜୈବିକ କୃଷି ଚାରୋଟି ମୌଳିକ ନୀତି ଦ୍ୱାରା ପରିଚାଳିତ। ଏହା ମାଟି, ଉଦ୍ଭିଦ, ପ୍ରାଣୀଜଗତ ଓ ସମଗ୍ର ପୃଥିବୀର ସୁସ୍ଥତାର ଉନ୍ନତି ଏବଂ ଏହାର ସଂରକ୍ଷଣ ଉପରେ ପର୍ଯ୍ୟବସିତ। ଏହା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତ ମଧ୍ୟରେ ସୁସମ୍ପର୍କ ଗଠନ କରିବା ସହ ପରିବେଶ ଏବଂ ଉନ୍ନତ ଜୀବନକୁ ସୁନିଶ୍ଚିତ କରେ। ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଓ ପରିବେଶର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଦାୟିତ୍ୱପୂର୍ଣ୍ଣ ଓ ସତର୍କତା ମୂଳକ ଜୈବିକ କୃଷି ପରିଚାଳନା ଯଥେଷ୍ଟ ଗୁରୁତ୍ୱ ବହନ କରେ।

ଜୈବିକ କୃଷିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା କରିବା ଏବଂ ଉଚ୍ଚ ପୋଷାକଯୁକ୍ତ ଖାଦ୍ୟ ଉତ୍ପାଦନ କରିବା। ଏହା ମାଟିର ଉର୍ବରତାକୁ ବୃଦ୍ଧି ଓ ସଂରକ୍ଷଣ କରେ, ଯେତେ ସମ୍ଭବ ନବୀକରଣୀୟ ସମ୍ବଳର ବ୍ୟବହାରକୁ ପ୍ରାଥମିକତା ଦିଏ। ଜୈବିକ କୃଷି ମାନବ ସଭ୍ୟତା ଓ ପୃଥିବୀ ପାଇଁ ଏକ ବରଦାନ ସଦୃଶ। ବର୍ତ୍ତମାନର ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟର ବର୍ଦ୍ଧିତ ଚାହିଦା ପୂରଣ କରିବା ସହ ରପ୍ତାନି ବଜାରରେ ଏହାର ଚାହିଦା ବଢ଼ାଇ ଚାଷରୁ ଅଧିକ ଆୟ ସୃଷ୍ଟି କରାଯାଇପାରିବ। ●

ଭୁବନେଶ୍ୱର, ମୋ: ୯୪୩୭୫୮୯୦୨୬

## ଏକ ପ୍ରକୃତ ତାରକା ଯୁଦ୍ଧ

**ଶ୍ରୀନନ**

୧୯୭୭ ମସିହାରେ ଜର୍ଜ ଲୁକାସଙ୍କ ନିର୍ମିତ ଲୋକପ୍ରିୟ ହଲିଉଡ୍ ଚଳଚ୍ଚିତ୍ର 'ଷ୍ଟାର ୱାର୍ସ' ବା 'ତାରକା ଯୁଦ୍ଧ'ର କାହାଣୀ ଥିଲା ଆମଠାରୁ ପ୍ରାୟ ୧୧ ବିଲିୟନ ଆଲୋକବର୍ଷ ଦୂରରେ ଥିବା ଏକ ମହାକାଶୀୟ ତାରକାପୁଞ୍ଜ ସାମ୍ରାଜ୍ୟକୁ ଏହାର ଅତ୍ୟାଚାରୀ ଶାସନ କବଳରୁ ମୁକ୍ତ କରିବା ଲାଗି ହୋଇଥିବା ଯୁଦ୍ଧର କାହାଣୀ। ଭିଏତନାମ ଯୁଦ୍ଧକୁ ଦୃଷ୍ଟିରେ ରଖି ଏହାର କାହାଣୀ ରଚନା କରାଯାଇଥିଲା। ତେବେ ବର୍ତ୍ତମାନ ଏଭଳି ବାସ୍ତବ ଅଥଚ ଭିନ୍ନପ୍ରକାର ପରିଘଟଣା ଘଟୁଥିବାର ଆବିଷ୍କାର କଲେଣି ବୈଜ୍ଞାନିକମାନେ, ଯାହାକୁ ପ୍ରକୃତରେ 'ତାରକା ଯୁଦ୍ଧ' ନାମରେ ନାମିତ କରାଯାଇପାରିବ।

ଏ ଯୁଦ୍ଧରେ ଦୁଇଟି ତାରକା ପୁଞ୍ଜ ବା 'ଗାଲାକ୍ସି' ପରସ୍ପର ଆଡ଼କୁ ଖୁବ୍ ଦ୍ରୁତ ବେଗରେ ମାଡ଼ି ଆସୁଛନ୍ତି ଘଣ୍ଟାକୁ ପ୍ରାୟ ୧.୮ ନିୟୁତ କିଲୋମିଟର ବେଗରେ। ଗୋଟିଏ ଅନ୍ୟଟି ଉପରକୁ ନିକ୍ଷେପ କରୁଛି ଅତି ଶକ୍ତିଶାଳୀ ବିକିରଣ, ଯାହାଫଳରେ ବାଷ୍ପୀୟ ବାଦଲଗୁଡ଼ିକ ଦୂରକୁ ଠେଲି ହୋଇଯାଉଛି। ତେଣୁ ସେଥିରେ ନୂତନ ତାରକା ସୃଷ୍ଟି ହେବାର ଅବକାଶ ରହୁନାହିଁ। ପ୍ରଥମେ ପ୍ରାୟ ୪ ବର୍ଷ ତଳେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଚିହ୍ନଟ ହୋଇଥିବା ଏହି ପରିଘଟଣାକୁ ଖଗୋଳ ବିଜ୍ଞାନୀମାନେ ନାମ ଦେଇଛନ୍ତି 'କସ୍ମିକ୍ ଜୋଉଷ୍ଟ' ବା 'ମହାକାଶରେ ତାରକା ଯୁଦ୍ଧ।' ଏହା ଫଳରେ ସେବର ତାରକାମଣ୍ଡଳ ଦ୍ୱୟ ପରସ୍ପର ସହିତ ମିଶି ଏକାକାର ହେବାର ସମ୍ଭାବନା ରହିଛି। ଯଦି ଏପରି ହୁଏ ତେବେ ସେଥିରୁ ବୃହତ୍ତର ତାରକାମଣ୍ଡଳଟିଏ ଗଠିତ ହୋଇପାରେ।

**ବିଜ୍ଞାନ ବାର୍ତ୍ତା**

ଏହି ବିରଳ ଘଟଣା ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଦ୍ୟକାଳରେ ତାରକାମଣ୍ଡଳଗୁଡ଼ିକରେ କିପରି ପରିବର୍ତ୍ତନ ଆସିଲା ସେ ସମ୍ପର୍କରେ ଖଗୋଳ-ବିଜ୍ଞାନୀମାନଙ୍କୁ ବୁଝିପାରିବାର ସୁଯୋଗ ଦେଇଛି। ପ୍ରସିଦ୍ଧ ଖଗୋଳ ବିଜ୍ଞାନୀ ଡଂଗ୍-ଉ କିମ୍ ନିକଟରେ ଆମେରିକୀୟ ସମ୍ବାଦ ସରବରାହ ସଂସ୍ଥା 'ସିଏନ୍‌ଏନ୍'କୁ ଏକ ସାକ୍ଷାତକାର ଦେଇ କହିଛନ୍ତି ଯେ, ଏହା ହେଉଛି ଏ ପ୍ରକାର ଗବେଷଣାର ଏକ ଅତ୍ୟନ୍ତ ଚିତ୍ତାକର୍ଷକ କ୍ଷେତ୍ର।

ବୈଜ୍ଞାନିକମାନେ ଏବର ପର୍ଯ୍ୟବେକ୍ଷଣ ପାଇଁ ବ୍ୟବହାର କରୁଛନ୍ତି 'ଅତି ବୃହତ୍ ଦୂରବୀକ୍ଷଣ ଯନ୍ତ୍ର'। ପ୍ରକୃତରେ ଏହା ଏକ ଜ୍ୟୋତିର୍ବିଜ୍ଞାନ ବ୍ୟବସ୍ଥା ଏବଂ ଏଥିରେ ରହିଛି ୪ଟି ଅଲଗା ଅଲଗା ଦୂରବୀକ୍ଷଣ ଯନ୍ତ୍ର। 'ୟୁରୋପିଆନ୍ ସଦର୍ଣ୍ଣ ଅବଜର୍ଭେଟୋରୀ' ବା ୟୁରୋପୀୟ ଦାକ୍ଷିଣାତ୍ୟମାନ ମନ୍ଦିର ଦ୍ୱାରା ଚିଲିର ଆତାକାମା ମରୁଭୂମିରେ ୧୯୯୮ ମସିହାରେ ପ୍ରତିଷ୍ଠିତ ବ୍ୟବସ୍ଥାଟି ଉଭୟ ଦୃଶ୍ୟମାନ ଏବଂ ପାରଲୋହିତ ଆଲୋକରେ କାର୍ଯ୍ୟ କରେ। ଉପରୋକ୍ତ ବୈଜ୍ଞାନିକମାନେ ଏହା ସାହାଯ୍ୟରେ ଦେଖିବାକୁ ପାଇଛନ୍ତି ଗୋଟିଏ ତାରକା ମଣ୍ଡଳର 'କ୍ୱାସାର୍' ବୋଲି ଉଜ୍ଜ୍ୱଳ ଅନ୍ତଃସ୍ଥଳ ଅନ୍ୟ ଏକ ନିକଟବର୍ତ୍ତୀ ତାରକା ମଣ୍ଡଳକୁ କ୍ଷତି ପହଞ୍ଚାଇବାର। ଏହି 'କ୍ୱାସାର୍'ଟି ଆମ ଛାୟାପଥର ବିକିରଣଠାରୁ ପ୍ରାୟ ସହସ୍ରଗୁଣ ଅଧିକ ଶକ୍ତିଶାଳୀ ବିକିରଣ କରୁଥିବା ଏକ କୃଷ୍ଣଗର୍ତ୍ତ ଭଳି ମନେ ହେଉଥିବା ବିଚିତ୍ର ଅତ୍ୟଧିକ ବସ୍ତୁତ୍ୱସମ୍ପନ୍ନ ପିଣ୍ଡଠାରୁ ଶକ୍ତି ପ୍ରାୟ ହେଉଛି।

ପାସ୍‌କୁଇଅର୍ ନୋଟେଡାମେଙ୍କ ସୂଚନା ଅନୁସାରେ ସେ ମନେ କରୁଥିଲେ ଯେ, ଆକ୍ରମଣକାରୀ ତାରକା ମଣ୍ଡଳର 'କ୍ୱାସର'ର ଚତୁଃପାର୍ଶ୍ୱରେ ଭରି ରହିଛି କେବଳ ବାଷ୍ପ ଅଣୁ। ଅତିବୃହତ୍ ଦୂରବୀକ୍ଷଣ ଯନ୍ତ୍ରରେ ପର୍ଯ୍ୟବେକ୍ଷଣ କଲାପରେ ଏଠାରେ ଦୁଇଟି ତାରକା ମଣ୍ଡଳ ଥିବାର ଚିହ୍ନଟ କରାଯାଇପାରିଲା। ପୁନଶ୍ଚ ପ୍ରଥମଟିର ବିକିରଣ ମାଡ଼ ଦ୍ୱିତୀୟଟିରେ ନୂତନ ତାରକା ସୃଷ୍ଟି ଲାଗି ଉଦ୍ଦିଷ୍ଟ ବାଷ୍ପୀୟ ବାଦଲରେ ଥିବା ଉଦ୍‌ଜାନକୁ ଅଲଗା କରି ଦେଉଥିବାରୁ ଏବଂ ସେଗୁଡ଼ିକ ଛୋଟ ଓ ପତଳା ହୋଇଯାଉଥିବାରୁ ନୂଆ ତାରକା ସୃଷ୍ଟି ଅସମ୍ଭବ ହେଉଥିବା ଜଣାପଡ଼ିଲା। 'କ୍ୱାସାର୍'ର ବିକିରଣ କିପରି ନିକଟସ୍ଥ ତାରକାମଣ୍ଡଳର ତାରକା ସୃଷ୍ଟିକାରୀ ବାଷ୍ପକୁ ପ୍ରଭାବିତ କରେ ତାହା ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ସମର୍ଥ ହେଲେ।

ଉପରୋକ୍ତ ଘଟଣା ଘଟୁଥିବା ସ୍ଥାନର 'କ୍ୱାସାର୍'ର ବିକିରଣ ଏତେ ଶକ୍ତିଶାଳୀ ଯେ ତା ମଧ୍ୟରେ ନିକଟବର୍ତ୍ତୀ ତାରକା ମଣ୍ଡଳକୁ ସହଜରେ ଦେଖିବା ସମ୍ଭବ ହୁଏନାହିଁ। ସେଥିପାଇଁ ଏହି ବିରଳ ଦୃଶ୍ୟର ସନ୍ଧାନ ପାଇବା ପାଳଗଦାରୁ ଛୁଞ୍ଚିଟିଏ ଖୋଜି ପାଇବା ଭଳି ଘଟଣା ବୋଲି କହନ୍ତି ଅନ୍ୟତମ ବୈଜ୍ଞାନିକ ସର୍ଗେଲ୍ ବାଲାଶେଭ୍। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶିଳପୁଆରେ ଛେଚି ସ୍ୱାମୀଙ୍କୁ ହତ୍ୟା; ସ୍ତ୍ରୀ ଗିରଫ

ଯୋଡ଼ା,୯।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ ୱାର୍ଡ ନଂ ୧ର ତଲକ୍‌ହାଟିଂରେ ଶିଳପୁଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ସ୍ତ୍ରୀକୁ ଗିରଫ କରିଛି। ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ସମୟରେ ସ୍ୱାମୀ କେନ୍ଦୁଆ ଲୋହାର(୪୦) ଓ ତାଙ୍କ ସ୍ତ୍ରୀ ଲେମ୍ବ୍ରି ଲୋହାରଙ୍କ ମଧ୍ୟରେ କଳି ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଲେମ୍ବ୍ରି ଘରେ ଥିବା ଶିଳପୁଆରେ କେନ୍ଦୁଆଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ରାତିରେ ତାଙ୍କୁ ପ୍ରଥମେ କମାର ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଏବଂ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଛି। ଯୋଡ଼ା ପୁଲିସ ସୋମବାର ସାଇଣ୍ଟିଫିକ୍ ଟିମ୍ ସହ ଅଭିଯୁକ୍ତ ଘରକୁ ଯାଇ ଆକ୍ରମଣରେ ବ୍ୟବହୃତ ହୋଇଥିବା ଶିଳପୁଆ, ଅନ୍ୟାନ୍ୟ ପ୍ରମାଣ ଓ ରକ୍ତ ନମୁନା ସଂଗ୍ରହ କରିଥିଲା।

■ ରାଜକନିକା ଥାନାରେ ଯବାନଙ୍କ ନାଁରେ ସଂଗିନ୍ ଅଭିଯୋଗ

## ଶତ୍ରୁକୁ ଦେଉଛନ୍ତି ଦେଶର ଗୁପ୍ତତଥ୍ୟ

ରାଜକନିକା,୯।୬(ସମିସ): ସୋସିଆଲ ମିଡିଆରେ ଭିଡିଓ କରିବା ଆଳରେ ଜଣେ ଯବାନ ଚତୁରତାର ସହ ଦେଶର ଗୁପ୍ତତଥ୍ୟ ଶତ୍ରୁ ଦେଶକୁ ଯୋଗାଉଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ରାଜକନିକା ଥାନାରେ ହୋଇଛି। ଦେଶର ସୁରକ୍ଷା ଦୃଷ୍ଟିରୁ ଭାରତୀୟ ସେନା ଫେସବୁକ୍, ଇନ୍ଷ୍ଟଗ୍ରାମ ଓ ୮୯ଟି ମୋବାଇଲ ଆପ୍ଲିକେସନ୍‌କୁ ସମ୍ପୂର୍ଣ୍ଣ ବ୍ୟାନ୍ କରିଥିବା ବେଳେ ଭାରତୀୟ ସେନାରେ ନିଯୁକ୍ତ ଥିବା ରାଜକନିକା ଥାନା ଅନ୍ତର୍ଗତ ବରଦା ଗ୍ରାମର ଜଣେ ଯବାନ ନିଜ ସୋସିଆଲ ମିଡିଆ 'ମିଥୁନ୍ ବାବା ବୁଲେଟ୍' ମାଧ୍ୟମରେ ସେନା କ୍ୟାମ୍ପର ଫଟୋ, ଭିଡିଓ, ଅସ୍ତ୍ରଶସ୍ତ୍ର, ସେନାର ଗତିବିଧି ଓ ଗମନାଗମନ ପଥର ଭିଡିଓ ଅପଲୋଡ୍ କରୁଛନ୍ତି। ଏପରି କରି ସେ ଶତ୍ରୁଦେଶକୁ ତଥ୍ୟ ଯୋଗାଇବା ଜାରି ରଖିଛନ୍ତି ବୋଲି କିଛି ଯୁବକ ଥାନାରେ ଏତଲା ଦେଇଛନ୍ତି।

ଦୀର୍ଘ ୩ବର୍ଷ ଧରି ସୋସିଆଲ ମିଡିଆରେ ତତ୍ପର ହେବା, ଅପରେସନ ସିନ୍ଦୂରକୁ ନେଇ ଅରୁଚିକର ମନ୍ତବ୍ୟ ଦେବା, ଦେଶର ନେତୃତ୍ୱ ପ୍ରତି ଆଶାଳୀନ ଶବ୍ଦ ବ୍ୟବହାର କରିବା ଭଳି କାଣ୍ଡ ଭିଆଉଥିବା ଯବାନଙ୍କ ସମ୍ପର୍କରେ ଅଧିକ ଅନୁସନ୍ଧାନ କରି ସମ୍ପୃକ୍ତ ସେନା ଶିବିରକୁ ଏହି ଘଟଣା ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରକାଶ ଚନ୍ଦ୍ର ନାୟକ, ଦିଲ୍ଲୀପ ପରିଡା, ବିଜୟ ସାହୁ, ତପନ ସାହୁ, ଶ୍ରେୟସ ଦାସ, ଶୁଭ୍ରଜିତ ବିଶ୍ୱାଳ, ନିହାର ସ୍ୱାଇଁ, ଜଗବନ୍ଧୁ ନାୟକ, ସୁମନ୍ତ ନାୟକ, ଦେବଜ୍ୟୋତି ଜେନା, ସୁଶାନ୍ତ ବାରିକ ପ୍ରମୁଖ ଏତଲା ଦେଇ ଦେଶର ସୁରକ୍ଷା ପ୍ରତି ଅଧିକ ସତର୍କ ରହିବାକୁ ନିବେଦନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୌତୁକରେ ୫୮...

ଭିଏତନାମରେ ଦାମୀ ତଥା ବିଳାସପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚିତ ହୋଇଥାଏ। ସେହିପରି ପାରମ୍ପରିକ ଔଷଧ ପାଇଁ ମଧ୍ୟ ସିଭେଟ ରକ୍ତ ଓ ମାଂସକୁ ବ୍ୟବହାର କରାଯାଇଥାଏ। ଯେଉଁଥିପାଇଁ ଚୀନ୍ ଓ ଭିଏତନାମରେ ସିଭେଟ ବିଲେଇର ଅନେକ ଚାହିଦା ରହିଛି।

### ଏଣିକି ରେକର୍ଡ...

ମସ୍ତିଷ୍କର ଗତିବିଧିକୁ ତର୍ଜମା କରି ମଣିଷ ଦେଖୁଥିବା ସ୍ୱପ୍ନର ଅର୍ଥ ବିଶ୍ଳେଷଣ କରାଯିବା ସମ୍ଭବ। ସମ୍ପ୍ରତି ଏହି ଯନ୍ତ୍ରାଂଶଟିର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି ଓ ଖୁବ୍‌ଶୀଘ୍ର ଏହି ଉପକରଣର ନିର୍ମାଣ ଶେଷ ହେବ ବୋଲି ପ୍ରୟୋଗଶାଳାର ବୈଜ୍ଞାନିକମାନେ ଆଶା ରଖିଛନ୍ତି।

### ଚାଷୀ ରାସ୍ତାରେ...

ବିଭାଗ ଧାନ କିଣା ନେଇ ବାରମ୍ବାର ସମୀକ୍ଷା କରୁଛି। ହେଲେ ଚାଷୀଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏଥର ଆଉ ମିଲ୍ ମାଲିକଙ୍କ ମନମାନୀ ଚଳିବନି; ମଣ୍ଡିରେ ଦଲାଲରାଜ ହେବନି। କଟ୍‌ନୀଛଟ୍‌ନୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏମିତିକି ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀମାନଙ୍କୁ ଆଶ୍ୱାସନା ଦେଲେ। ମାତ୍ର ଚାଷୀମାନେ କଟନିଛଟନିର ଶିକାର ହୋଇ ଅଭିଯୋଗ କରିବା ବେଳକୁ କାର୍ଯ୍ୟାନୁଷ୍ଠାନ ଶୂନ।

କଟ୍‌ନୀଛଟ୍‌ନୀ ନ ହେଲେ ମଣ୍ଡିରୁ ଧାନ ଉଠୁନାହିଁ। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ କ୍ୱିଣ୍ଟାଲ୍ ପିଛା ୧୦ରୁ ୧୨ କିଲୋ କଟ୍‌ନୀଛଟ୍‌ନୀ କରାଯାଉଥିବାବେଳେ ଉତ୍ତର ଓ ଉପକୂଳ ଓଡ଼ିଶାରେ ୫ରୁ ୬ କିଲୋ କଟାଯାଉଛି। ଚାଷୀମାନେ ଆନାଲାଇଜର୍ ପରୀକ୍ଷାରେ ପାସ୍ କରୁଛନ୍ତି। ଉଚ୍ଚମାନର ଧାନ ଆଣିବା ସହ ଧାନର ଏଫଏକ୍ୟୁ ବି ଭଲ ରହୁଛି। ଏହା ସତ୍ତ୍ୱେ ବି କଟ୍‌ନୀଛଟ୍‌ନୀ କବଳରୁ ବର୍ତ୍ତିପାରୁନାହାନ୍ତି। ଯେଉଁଠି ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି, ସେଠି ଯୋଗାଣ ଅଧିକାରୀ ତୁରନ୍ତ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା ଗାଡ଼ି ଡାକି ଧାନ ପଠାଇ ଦେଉଛନ୍ତି। ଟୋକନ ପାଇବା ପରେ ଚାଷୀ ଧାନ ଆଣୁଛନ୍ତି। ହେଲେ ଚାଷୀଙ୍କୁ ହଇରାଣ କରିବା ଓ ଧାନର ମାନକୁ ଖରାପ କରିବା ଉଦ୍ଦେଶ୍ୟରେ ଦିନ ଦିନ ଧରି ଧାନକୁ ପକାଇ ରଖିଦିଆଯାଉଛି। ମିଲର୍ ଓ ଯୋଗାଣ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଷୀଙ୍କୁ ହଇରାଣ କରିବା ପାଇଁ ଏଭଳି କରାଯାଉଥିବା ଅଭିଯୋଗ ହେଉଛି।

କୃଷକ ନେତା ରାମଚନ୍ଦ୍ର ସାହୁ କହିଛନ୍ତି ଯେ ମିଲରଙ୍କ ଚାପ ଯୋଗୁଁ ସରକାର ଧାନ କିଣାରେ ସଂସ୍କାର ଆଣୁନାହାନ୍ତି। କଟ୍‌ନୀଛଟ୍‌ନୀଠାରୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଗୋଟିଏପଟେ ସବସିଡି ଦେଲୁ ବୋଲି ପ୍ରଚାର କରୁଛନ୍ତି, ଅନ୍ୟପଟେ ଚାଷୀଙ୍କ ପେଟକୁ ଲାତ ମାରୁଛନ୍ତି। ଚାଷୀମାନେ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଖରିଫ୍ ଋତୁରେ ବି ମିଲର୍‌ଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏମିତିକି ମିଲର୍‌ମାନେ ଚାଷୀଙ୍କୁ ଠକିଥିବା ପ୍ରମାଣିତ ବି ହୋଇଥିଲା। ହେଲେ ଏଯାବତ୍ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନି। ତେବେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆମେ ନିୟମିତ ଭାବେ ଜିଲ୍ଲାୱାରୀ ରିପୋର୍ଟ ସଂଗ୍ରହ କରୁଛୁ। ପଶ୍ଚିମ ଓଡ଼ିଶାରେ କିଛି ଅଭିଯୋଗ ଆସିଥିଲା, ତା'ର ତୁରନ୍ତ ସମାଧାନ କରାଯାଇଛି।

### ୫ ଘଣ୍ଟା ଜାତୀୟ...

ଭାବେ ରାସ୍ତା ଉପରେ ବସି ରହିଥିଲେ। ଜାତୀୟ ରାଜପଥ ହୋଇଥିବାରୁ ଲକ୍ଷାଧିକ ଗାଡ଼ି ଅଟକି ରହିଥିଲା। ସଙ୍ଗେ ସଙ୍ଗେ ପୁଲିସ, ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଘଟଣା ସ୍ଥଳକୁ ପହଞ୍ଚିଥିଲା। ଚାଷୀମାନେ ନୂତନ ସରକାର ଓ ଜିଲ୍ଲା ପ୍ରଶାସନ ହାଏ ହାଏ ନାରା ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରଥମ ଥର ମିଲକୁ ଟାର୍ଗେଟ ମିଳୁ ନଥିବା କଥା ଶୁଣିବାକୁ ମିଳୁଛି। ପୂର୍ବ ସରକାରଙ୍କ ସମୟରେ ଏପରି କେବେ ଘଟିନଥିଲା। ଯୋଗାଣ ବିଭାଗକୁ ଏନେଇ ପ୍ରଶ୍ନ କଲେ ରାଜ୍ୟ ସରକାର ଟାର୍ଗେଟ ଦେଇ ନଥିବା କହୁଛନ୍ତି। ସରକାର ଧାନ କ୍ରୟ ପାଇଁ ଟାର୍ଗେଟ ବୃଦ୍ଧି କରିବାକୁ ନାମାନିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଥିବେ ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଅଶୋକ ପ୍ରଧାନ। ଏହା ସହ ଡିଏଲପିସି ବୈଠକର କୌଣସି କ୍ଷମତା ନାହିଁ। ସବୁ ନିଷ୍ପତି ଭୁବନେଶ୍ୱରରୁ ନିଆଯାଉଛି, ତେଣୁ ଏମିତି ସମସ୍ୟା ବାରମ୍ବାର ଉପୁଜୁଛି। ଆନ୍ଦୋଳନ ସ୍ଥଳକୁ ଆସିଥିବା ମାନେଶ୍ୱର ତହସିଲଦାର ବ୍ରଜ କିଶୋର ସାହୁ କହିଛନ୍ତି ଯେ, ପୂର୍ବରୁ ଦିଆଯାଇଥିବା ଟାର୍ଗେଟ ଅନୁସାରେ ସବୁ ମଣ୍ଡିରୁ ଧାନ କିଣା ସରିଛି। ତେବେ ବର୍ତ୍ତମାନ ମଧ୍ୟ କିଛି ଚାଷୀଙ୍କ ଧାନ ବିକ୍ରି କରିବାକୁ ବାକି ରହିଛି। ତେଣୁ ଗତକାଲି ରାଜ୍ୟ ସରକାର ଏକ ରିଭାଇଜଡ ଟାର୍ଗେଟ ସ୍ଥିର କରିଛନ୍ତି। ଜିଲ୍ଲା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେନ କହିଛନ୍ତି ଯେ ସରକାର ଆଜି ପର୍ଯ୍ୟନ୍ତ ୧୨ ଲକ୍ଷ ୪୪ ହଜାର କ୍ୱିଣ୍ଟାଲର ଟାର୍ଗେଟ ଦେଇଥିଲେ। ଏତିକି ଧାନ କିଣିବାକୁ ସୋସାଇଟି ମାନଙ୍କୁ ଅନୁମତି ଦିଆଯାଇଛି। ତେବେ ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କ ପାଇଁ ୧୩ ଲକ୍ଷ ୬୭ ହଜାର କ୍ୱିଣ୍ଟାଲ ଟାର୍ଗେଟର ଆବଶ୍ୟକତା ଅଛି। ତେଣୁ ସନ୍ଧ୍ୟା ସୁଦ୍ଧା ବଳକା ଥିବା ଟାର୍ଗେଟ ଦେଇ ଦିଆଯିବ ବୋଲି କୁହାଯାଇଛି।

ଜିଲ୍ଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଛନ୍ତି ଚାଷୀ। ଟାର୍ଗେଟ ନଥିବା ନାଁରେ ଆସନ୍ତାକାଲି ଠାରୁ କୌଣସି ମଣ୍ଡିରେ ଧାନ ପଡି ରହିବ ନାହିଁ ବୋଲି ସମ୍ବଲପୁର ଜିଲ୍ଲାପାଳଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ରୋକ ଆନ୍ଦୋଳନରୁ ଓହରିଥିଲେ। ମିଲରେ ଧାନ ଅନଲୋଡ ଶୀଘ୍ର ହେବ। କୌଣସି ଚାଷୀ ଏପରି ସ୍ଥିତିର ସମ୍ମୁଖୀନ ହେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳରୁ ଓହରିଥିଲେ। ଅପରାହ୍ନ ପ୍ରାୟ ୧ ଟା ବେଳକୁ ସ୍ୱାଭାବିକ ଗାଡ଼ି ଚାଳନା ହୋଇଥିଲା। ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପାଳନ ନହେଲେ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ସଭାପତି ଦେବେନ୍ଦ୍ର ପ୍ରଧାନ କହିଛନ୍ତି।

### ଜେଲ୍ ଗଲେ...

ଏହାପରେ ଭିଜିଲାନ୍ସ ତାଙ୍କ ଅଫିସ ଓ ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉପଜିଲ୍ଲାପାଳ ଧୀମାନଙ୍କ ଘରୁ ଆଉ ୪୭ ଲକ୍ଷ ଟଙ୍କା ମିଳିଥିଲା।

ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମା ଜୟପାଟଣା ବ୍ଲକ ଆମଯୋର ଅଞ୍ଚଳର ଜଣେ କ୍ରସର ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। କ୍ରସର ମାଲିକ ଅନ୍ୟ ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଉପଜିଲ୍ଲାପାଳଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତି ହୋଇଥିଲା। ଯୋଜନା ଅନୁଯାୟୀ ପ୍ରଥମ କିସ୍ତି ବାବଦରେ ୧୦ ଲକ୍ଷ ନେବା ପାଇଁ ଡିଲ୍ ହୋଇଥିଲା। ସରକାରୀ କ୍ୱାର୍ଟର୍ସରେ ଦାବି ମୁତାବକ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଶ୍ରୀ ଚକ୍‌ମାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଥିଲେ। ଲାଞ୍ଚ ମାମଲାରେ ଜଣେ ଆଇଏଏସ୍ ଅଫିସର ଗିରଫ ହେବା ଓଡ଼ିଶାରେ ଏହା ହେଉଛି ପ୍ରଥମ ଘଟଣା। ଏନେଇ ଭିଜିଲାନ୍ସ ଏସ୍‌ପି ଏମ୍. ରାଧାକ୍ରିଷ୍ଣନ କହିଛନ୍ତି ଯେ, ଜଣେ ବ୍ୟବସାୟୀ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ସେଇ ଆଧାରରେ ମାମଲା କରାଯାଇ ତାଙ୍କୁ ନଗଦ ଟଙ୍କା ସହ ଗିରଫ କରାଯାଇଛି। ଏବେ ସେ ବିଚାର ବିଭାଗୀୟ ହାଜତକୁ ଯାଇଥିଲେ ମଧ୍ୟ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

ଲାଞ୍ଚ କାରବାର ସଂପର୍କରେ ଅଭିଯୋଗ ମିଳିବା ପରେ ଭିଜିଲାନ୍ସ ଅଧିକାରୀ ଭୁବନେଶ୍ୱରରୁ ଆସି ଭବାନୀପାଟଣାରେ ୫ଦିନ ଧରି ଡେରା ପକାଇଥିଲେ। ଉପଜିଲ୍ଲାପାଳ ଚକମା ମିଟିଂ ଲାଗି ଭୁବନେଶ୍ୱର ଚାଲିଯାଇଥିବା ଜାଣିବା ପରେ ଭିଜିଲାନ୍ସର ଅଧିକାରୀମାନେ ଫେରିନଯାଇ ପଡ଼ୋଶୀ ଜିଲ୍ଲା ବଲାଙ୍ଗିରରେ ରହି ଅପେକ୍ଷା କରିଥିଲେ। ରବିବାର ମିଟିଂ କାର୍ଯ୍ୟ ସାରି ଉପଜିଲ୍ଲାପାଳ ଧୀମାନ ଚକମା ଧର୍ମଗଡରେ ପହଞ୍ଚୁଥିବା ଖବର ପାଇ ଭିଜିଲାନ୍ସର ସମସ୍ତ ଅଧିକାରୀ ଧର୍ମଗଡରେ ପହଞ୍ଚିଥିଲେ। ଯୋଜନା ମୁତାବକ ଉପଜିଲ୍ଲାପାଳ ଉକ୍ତ ବ୍ୟବସାୟୀଙ୍କ ଠାରୁ ନଗଦ ୧୦ ଲକ୍ଷ ଟଙ୍କା ଗ୍ରହଣ କରି ନିଜ ବାସଭବନରେ ପହଞ୍ଚିବା ପରେ ପୂର୍ବରୁ ଜାଲ ବିଛାଇ ଅପେକ୍ଷା କରିଥିବା ଭିଜିଲାନ୍ସ ଟିମ ଧର୍ମଗଡ଼ସ୍ଥିତ ତାଙ୍କର ସରକାରୀ ବାସଭବନକୁ ପ୍ରବେଶ କରି କ୍ୟାମିକାଲ ବୋଳା ଟଙ୍କା ଜବତ କରିଥିଲେ। ହାତ ଧୋଇବା ଏବଂ ଟେବୁଲ ଡ୍ରୟର ଧୋଇବା ଉଭୟ ରାସାୟନିକ ପ୍ରତିକ୍ରିୟା ପରେ ୧୦ ଲକ୍ଷ ଲାଞ୍ଚ ଟଙ୍କା ଗ୍ରହଣ କରିଥିବା ପ୍ରମାଣିତ ହୋଇଥିଲା। କେବଳ ସେତିକି ନୁହେଁ ତାଙ୍କ ସରକାରୀ ବାସଭବନରେ ତଲାସି ସମୟରେ ଆହୁରି ୪୭ ଲକ୍ଷ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ମୋଟ ନଗଦ ଟଙ୍କା ୫୭ ଲକ୍ଷ ୪୭ ହଜାର ୬ଶହ ଭିଜିଲାନ୍ସ ଜବତ କରିଛି। ଏବେ ବି ତଲାସି ଜାରି ରହିଛି। ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୩.୦୬.୨୦୨୫ ଅଣ୍ଡର ସେକ୍ସନ ୭ ପି.ସି. ଆଇନ, ୨୦୧୮ ଅନୁଯାୟୀ ପି.ସି. (ସଂଶୋଧନ) ଆଇନ ଦ୍ୱାରା ମାମଲା ପଞ୍ଜୀକୃତ କରାଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ।

୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ହେଉଛନ୍ତି ଧୀମାନ ଚକ୍‌ମା। ତାଙ୍କ ଘର ତ୍ରିପୁରାର କାଞ୍ଚନପୁର ଅଞ୍ଚଳରେ। ୨୦୨୦ରେ ସେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ନିଜ ପରିବାର ତଥା ହୋମ୍ ଟାଉନ୍‌ରୁ ସେ ପ୍ରଥମ ଆଇଏଏସ୍ ଥିଲେ। ଧୀମାନଙ୍କ ବାପା ଜଣେ ଶିକ୍ଷକ ଏବଂ ମାଆ ଜଣେ ଗୃହିଣୀ। ଧୀମାନ ଅଗରତାଲା, ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସ ପାଠ ସାରି ୨୦୧୯ରେ ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ। ଭଲ ର୍ୟାଙ୍କ୍ ଆସିଥିଲେ ମଧ୍ୟ ସେ ଆଇଏଫ୍‌ଏସ୍ ଅଫିସର ହୋଇଥିଲେ। ପ୍ରଥମେ ତାଙ୍କୁ ମୟୂରଭଞ୍ଜରେ ପୋଷ୍ଟିଂ ମିଳିଥିଲା। ପରେ ୨୦୨୧ରେ ସିଭିଲ୍ ସର୍ଭିସ ପରୀକ୍ଷାରେ ୫୨୦ ର୍ୟାଙ୍କ୍ ରଖି ଓଡ଼ିଶା କ୍ୟାଡର୍ ଆଇଏଏସ୍ ଭାବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ। ଉଚ୍ଚ ପ୍ରଶାସନିକ ପଦବୀରେ ରହି ସମାଜ ପାଇଁ ଅନେକ କିଛି କରିବାର ସ୍ୱପ୍ନ ଦେଖିଥିବା ଯୁବ ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମା କିନ୍ତୁ ନିଯୁକ୍ତି ପାଇବା ପରେ ଦୁର୍ନୀତିରେ ବୁଡ଼ି ରହିଥିଲେ। ସେ ଲୋକମାନଙ୍କୁ ଧମକଚମକ ଦେଇ ମୋଟା ଅଙ୍କର ଲାଞ୍ଚ ଦାବି କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଶେଷରେ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

### ଜଳୁଛି ମଣିପୁର...

ପ୍ରଭାବିତ ହେଉଛନ୍ତି। ରାସ୍ତା ବନ୍ଦ ହୋଇଥିବା ଯୋଗୁଁ ଜରୁରୀ ସାମଗ୍ରୀ ଯୋଗାଣ ଠପ୍ ହୋଇଯାଇଛି। ତେଣୁ ବିଭିନ୍ନ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ଚୁରାଚାନ୍ଦପୁର ଏବଂ ରାଜଧାନୀ ଇମ୍ଫାଲ ଏଥିରେ ବିଶେଷ ପ୍ରଭାବିତ ହୋଇଛି। ଖାଦ୍ୟ ସାମଗ୍ରୀ ଏବଂ ଔଷଧର ଘୋର୍ ଅଭାବ ଦେଖା ଦେଇଛି। ହିଂସା ପ୍ରଭାବିତ ଅନେକ ଅଞ୍ଚଳରେ ଔଷଧ ମଧ୍ୟ ମିଳୁ ନାହିଁ। ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ଏବେ ସବୁ ସାମଗ୍ରୀ ମିଜୋରାମ ଦେଇ ଆସୁଛି। ଏଥିପାଇଁ ସବୁ ମହଙ୍ଗା ହୋଇଯାଇଛି। ଆଉ ପୂର୍ବଭଳି ସ୍ଥିତି ନାହିଁ।

ସୂଚନା ଅନୁଯାୟୀ ଚୁରାଚାନ୍ଦପୁରକୁ କୁକି ସମ୍ପ୍ରଦାୟର ଗଡ଼ ଧରାଯାଏ। ଏହା ଜାତୀୟ ରାଜପଥ-୨ ଏବଂ ୩୭ ଉପରେ ନିର୍ଭରଶୀଳ। ଏହା ଆସାମ ଏବଂ ନାଗାଲାଣ୍ଡକୁ ମଣିପୁର ସହ ଯୋଡୁଛି। ଏବେ ଏହି ରାସ୍ତା ବନ୍ଦ ରହିଛି। ତେଣୁ ଟ୍ରକଗୁଡିକ ଦୀର୍ଘ ପଥ ଅତିକ୍ରମ କରି ମିଜୋରାମ ଦେଇ ଆସୁଛନ୍ତି। ଏଥିଯୋଗୁଁ ପରିବହନ ମୂଲ୍ୟ ବୃଦ୍ଧି ପାଉଛି। ୨୦୨୩ ମେ' ୩ରୁ ଆରମ୍ଭ ହୋଇଥିବା ହିଂସାରେ ଏ ପର୍ଯ୍ୟନ୍ତ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୧୫୦୦ରୁ ଅଧିକ ଆହତ ହେଲେଣି। ୭୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହେଲେଣି। ୬ ହଜାରରୁ ଅଧିକ ଏତଲା ରୁଜୁ ହେଲାଣି। ତଥାପି ହିଂସା ବନ୍ଦ ହେଉନି।

ଅରମ୍ବାଇ ଟେଙ୍ଗୋଲର ନେତା କାନନ ସିଂହଙ୍କ ଗିରଫକୁ ନେଇ ଆରମ୍ଭ ହୋଇଥିବା ଏହି ସଦ୍ୟ ହିଂସା ଯୋଗୁ ଇମ୍ଫାଲର ବିଭିନ୍ନ ସ୍ଥାନରେ ପୁଲିସ ଏବଂ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ଏହାକୁ ଦେଖି ୫ ଜିଲ୍ଲାରେ ଇଣ୍ଟରନେଟ ବନ୍ଦ କରିଦିଆଯାଇଛି।

### ଏମ୍‌ବିଏ, ଏମ୍‌ସିଏ...

ଅବେଦନ କରୁଥିବା କିଛି ନିଯୁକ୍ତି ଆଶାୟୀ ପ୍ରକାଶ କରିଛନ୍ତି।

ରାଉରକେଲା ପୁଲିସ ଜିଲ୍ଲାରେ ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଁ କମ୍ପ୍ୟୁଟର ଜ୍ଞାନ, ଗାଡି ଚାଳନା ଜ୍ଞାନ, ରୋଷେଇ କରିବା ଜ୍ଞାନ, ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ଆବେଦନକାରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞାପନରେ ପ୍ରକାଶିତ ହୋଇଥିଲା। ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ, ଏକ ସ୍ୱେଚ୍ଛାସେବୀ ସେବା ଥିବା ଓ ୩ ବର୍ଷର କାର୍ଯ୍ୟାକାଳ ପାଇଁ ଉଦ୍ଦିଷ୍ଟ ଥିବା ଚାକିରି ବୋଲି ବିଜ୍ଞାପନରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ତଥାପି ଆଜି ୯୦୬୧ ଜଣ ଯୁବକ ଯୁବତୀ ଲିଖିତ ପରୀକ୍ଷା ଦେଇଛନ୍ତି। ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଦୁଇଟି ସିଟିଂରେ ଓଡ଼ିଆ ପ୍ରବନ୍ଧ ଲିଖନ ଓ ସାଧାରଣ ଜ୍ଞାନ ପରୀକ୍ଷା ହୋଇଥିଲା। ପରେ ୨ କି.ମି ଚାଲିବା ସହ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ହୋଇଥିଲା। ପୋଲିସ ପକ୍ଷରୁ ଇସ୍ପାତ ଷ୍ଟାଡିୟମରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସପି, ୧୭ ଜଣ ଇନ୍ସପେକ୍ଟର, ୯୬ ଜଣ ଏସ୍‌ଆଇ, ୧୦୦ ଜଣ ହୋମଗାର୍ଡ ଏବଂ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। କେବଳ ଏତିକି ନୁହେଁ ଏକକାଳୀନ ଷ୍ଟାଡିୟମ ପଡ଼ିଆରେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ହେଉଥିବାରୁ ଆକାଶମାର୍ଗରୁ ଡ୍ରୋନ୍ ମାଧ୍ୟମରେ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ଆଗାମୀ ଦିନରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ପାଇଁ ହୋମଗାର୍ଡ ନିଯୁକ୍ତି ପରୀକ୍ଷା ହେବ ବୋଲି ଜଣାପଡିଛି।

### ସ୍ତ୍ରୀକୁ ହତ୍ୟା...

ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏକ ହତ୍ୟା ମାମଲା ରୁଜୁ କରିବା ସହ ଶବ ଜବତ କରି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣା ପରଠାରୁ ନରେନ୍ଦ୍ର ଫେରାର୍ ହୋଇଯାଇଥିବା ବେଳେ ପୁଲିସ୍ ଖୋଜାଖୋଜି ଜାରି ରଖିଥିଲା। ତେବେ ସନ୍ଧ୍ୟାରେ ଗାଇବା ଗାଁ ପଛପଟେ ଥିବା କାଜୁ ଜଙ୍ଗଲରେ ନରେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ପୁଲିସ ମୃତଦେହକୁ ଉଦ୍ଧାର କରିପାରିନାହିଁ। ନରେନ୍ଦ୍ରଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଛି। ମଙ୍ଗଳବାର ପରିବାରଲୋକେ ଆସିବା ପରେ ଗଛରୁ ମୃତଦେହ ଓହ୍ଲାଯିବ ବୋଲି ସେରଙ୍ଗ ଆଇଆଇସି ପ୍ରମୋଦ କୁମାର ଖଣ୍ଡୁଆଳ କହିଛନ୍ତି। ଶେଷ ଖବର ଲେଖା ହେବା ବେଳକୁ ମୃତଦେହକୁ ପୁଲିସ ଜଗି ରହିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.ETCECONIBBS 2025023, ତା.03.06.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଅଧୀନସ୍ଥ କଳାହାଣ୍ଡି (ନରଲା) ଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଅଡ଼ିକାଲ ଓଭର ହଲିଙ୍ଗ୍ (POH) କାରଖାନାର ସ୍ଥାପନ ସମ୍ବନ୍ଧୀୟ ସଂରଚନାରେ ମାଟିକାମ, ଛୋଟ ବ୍ରିଜ୍‌ଗୁଡ଼ିକର ସମ୍ପାଦନ, P.Way ଲିଙ୍କିଙ୍ଗ୍ କାର୍ଯ୍ୟର ସମ୍ପାଦନ (କାରଖାନା ସହିତ), ବାଲାଷ୍ଟ ଯୋଗାଣ ଏବଂ ଅନ୍ୟ ଆନୁସଙ୍ଗିକ କାର୍ଯ୍ୟସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2225.48 ଲକ୍ଷ, EMD (ଟଙ୍କାରେ): 12,62,700/-, କାର୍ଯ୍ୟ ଶେଷ ହେବା ଅବଧି: 18 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.07.2025 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନଗୁଡ଼ିକପ୍ରତି ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନା ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସର୍ତ୍ତ ଆବଶ୍ୟକତାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-40/CI/25-26

**AFFIDAVIT**

By vitue of an affidavit CF No.: 54 sworn before Executive Magistrate, Bhubaneswar Dt.09.06.2025 I, Ramesh Kumar Patro, S/o.: Udayanath Patro, R/o Vil: Sakti Nagar, Near UCP Engineering School, P.S.: Berhampur Sadar, Dist.: Ganjam declare that I have changed name of my daughter from Roshni Patro to Roshoni Patro. Henceforth, she shall be known as Roshoni Patro for all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

I, Balaram Harijan, S/o- Late Pakulu Harijan, resident of At/PO- KONA GOAN, Via-BORIGUMMA, Dist.- Koraput, Odisha, PIN-764056 declare by this affidavit No. 78AA 537777, dtd.- 09/06/ 2025 that now onwards I shall be known as **BALARAM NAYAK** and my late father as **PAKULU NAYAK** as for all future purposes.

**NOTICE**

By virtue of an affidavit sworn before Executive Magistrate, Jagatsinghpur on dated 17.03.2025, I Biki Swain W/o Dipak Kumar Swain of Vill: Aunri, PO: Goda, P.S.: Erasama, Dist: Jagatsinghpur, Odisha, Pin-754110 declare that I have changed my son's name from Biswanath Swain to Somanath Swain. Henceforth, he shall be known as Somanath Swain for all purposes.

Sd/- Biki Swain

**NOTICE (above 18 years of age)**

By virtue of an affidavit sworn before Notary Public, Udala, Mayurbhanj, dated 07-06-2025 I, Kailash Chandra Naik, Address At- Badkaranjia, PO-Badkaranjia, PS- Khunta, Dist-Mayurbhanj, Odisha, Pin-757019 declare that I have changed my name from **Kaylash Cjndra Naik** to **Kailash Chandra Naik**. Henceforth, I shall be known as **Kailash Chandra Naik** for all purposes.

Kailash Chandra Naik

**AFFIDAVIT**

By virtue of an affidavit Sl.No. - 634125, dtd. 05.06.2025 before the Notary Public, Malkangiri, I, Pannarani Malik have changed my name from **Pana Mallick** to **Pannarani Malik.** Henceforth I shall be know as **Pannarani Malik** for all purposes.

Sd/- Pannarani Malik.

**LOST**

ମୁଁ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ପିତା କ୍ଷୀରୋଦ କୁମାର ମିଶ୍ର ଓ ଶ୍ରୀମତୀ ସ୍ୱରାଜ୍ୟ ମିଶ୍ର, ସ୍ୱାମୀ କ୍ଷୀରୋଦ କୁମାର ମିଶ୍ର, ହାତୀପଥର ରୋଡ୍, ତୃତୀୟଗଳି, ରାଣୀଗୁଡ଼ା ଫାର୍ମ, ରାୟଗଡ଼ା, ଏହାଦ୍ୱାରା ଘୋଷଣା କରୁଅଛୁ ଯେ, ଆମର ମୂଳ ପଞ୍ଜିକୃତ ବିକ୍ରୟ ଡକୁମେଣ୍ଟ ନମ୍ବର 11581001579 ତାରିଖ 08-10-2010ରେ ରାୟଗଡ଼ା ତହସିଲ, ଜିଲ୍ଲା ରାୟଗଡ଼ା ଅନ୍ତର୍ଗତ ମୌଜାରେ ଅବସ୍ଥିତ ସମ୍ପତ୍ତି ସହିତ ଜଡ଼ିତ ଯାହାର ଖାତା ନମ୍ବର 50/147, ପ୍ଲଟ ନମ୍ବର 145/239/377 ଏବଂ ପରିମାଣ ଏକର 0.012 Decimal ଅଟେ। ଉକ୍ତ ଡକୁମେଣ୍ଟ ମୋର ପରିବହନ ସମୟରେ ହଜିଯାଇଛି। ମୁଁ ବ୍ୟାଙ୍କରୁ ଋଣ ନେବାକୁ ଯାଉଛି। ଯଦି କାହା ପାଖରେ ମୂଳ ଡକୁମେଣ୍ଟ ଅଛି କିମ୍ବା କୌଣସି ଆପତ୍ତି ଅଛି ତେବେ ଏହି ନୋଟିସର 7 ଦିନ ମଧ୍ୟରେ ବ୍ୟାଙ୍କକୁ ଜଣାଇବାକୁ ଅନୁରୋଧ କରୁଅଛୁ

**AFFIDAVIT**

By virtue of an affidavit sworn before The Notary Public, Sunabeda dated 06/06/2025 I, Smt. Lachami Hantal W/o Dhanarjaya Hantal Vill:- Debatiguda PO- Hatibari PS- Padwa District-Koraput declare that I have changed my name from **Lachami Khara** to **Lachami Hantal.** Henceforth, I shall be known as **Lachami Hantal** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Satyabadi, CF No- 1303 dated 09.06.2025, I, Manas Jena S/o late Bhikari Jena, At: Dugal, Po: Brahmanapada, P.S: Satyabadi, Dist: Puri - 752014, Odisha have changed my daughter's name from **Papali Jena** to **Sradhanjali Jena**. Henceforth she will be known as **Sradhanjali Jena** for all purposes.

Sd/- Manas Jena

**TRUST FUND DEGREE COLLEGE**

BARGARH - 768 028

Ref. No. 133/TFDC/2025 Date. 09.06.2025

e-mail: tfdc.bgh98@gmail.comw website : www.tfdegreecollege.org

WALK IN INTERVIEW
TRUST FUND DEGREE COLLEGE.BARGARH.
Phone No.06646 - 231498

Desirous candidates having more then 55 % of marks in concerned subject at P.G. Level May attend the walk In Interview for the post of Lecturer in Political Science to be held on dt.20.06.2025 at 10.00 A.M.

N.B.- No T.A. IDA. will be provided to the candidate.

Sd/- Principal in-Charge-cum- Secretary
TRUST FUND DEGREE COLLEGE, BARGARH.

**AFFIDAVIT**

By virtue of affidavit before Notary Bolangir, I PRAMOD KUMAR MAHARANA S/O - Bhagabana Badhei, SHANTIPADA, PS BALANGIR TOWN, Dist BALANGIR, Odisha, PIN - 767002, do hereby declare by this affidavit no. 287, Dt.18.03.2025, that I have changed my name From **PRAMOD KUMAR BADHEI** to **PRAMOD KUMAR MAHARANA**. Hence now onwards I shall be known as **PRAMOD KUMAR MAHARANA** for all future purposes.

**AFFIDAVIT**

I, Sujata Malik, W/o: Shyam Sundar Malik, residing of House No.: 1, Riviera Green, P.O.: Naharakanta, P.S.: Pahala, Bhubaneswar-752101, Dist.: Khordha, Odisha declare by this affidavit No.: 18454, dtd. 06.06.2025 that now onwards I shall be known as **Sujata Mallik** for all future purposes.

O-258

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID-ccerwcrayagada@gmail.com

Letter No.1089 _/ Date:05.06.2025

**2nd Corrigendum**

In Continuation to this office bid identification No. NCB-06/ RWCRGDA/2025-26 invited vide this office letter No-539 dated-11.04.2025 & 1st corrigendum letter No-912 dated-15.05.2025 partial modification of TCN has been made as follows:

| Sl.No. | Item | Time schedule as per Original TCN | Time schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05. 2025 Up to 5.00 P.M. | Extended up to 5.00 PM of 04.07.2025 |
| 2 | Date & time of seeking tender clarification if any | Dt.15.05.2025 Up to 5.00 P.M. | Dt.03.07.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 At 11.00 A.M. | Dt.05.07.2025 At 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Chief Construction Engineer, Rural Works Circle, Rayagada

OIPR - 25196/11/0017/2526

**AFFIDAVIT**

By virtue of an affidavit sworn before The Notary Public, Sunabeda dated 06/06/2025 I, Sri Dhanarjaya Hantal S/o Sitaram Hantal Vill:- Debatiguda PO- Hatibari PS- Padwa District-Koraput declare that I have changed my name from **Dhanajaya Gemel** to **Dhanarjaya Hantal.** Henceforth, I shall be known as **Dhanarjaya Hantal** for all purposes.

Dhanarjaya Hantal.

**AFFIDAVIT**

I, Subhasree Swagatika Nayak, W/o- Pramod Kumar Nayak resident of At- Barha Domanda, P.o- Bhamanda, P.S- Rajkanika, Dist- Kendrapara, Odisha. Declare by this affidavit No. 4502, dated- 09/06/2025 that now onwards I shall be known as **SHUVASHREE SWAGATIKA NATH** for all future purposes.

C-482

**OFFICE OF THE MUNICIPAL COUNCIL: BALANGIR**

No. 2601 /BM/Dt. 04.06.2025 //

**e Procurement Notice**

**BID IDENTIFICATIONNUMBER - BLGRMPTY/02(01-12)/2025-26**

Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

| | | | |
|---|---|---|---|
| 1 | Name of the Work | : | Civil Construction work as mentioned in DTCN |
| 2 | No. of works | : | 12(Twelve) Nos. |
| 3 | Estimated Cost. | : | Rs.5.00 Lakhs to Rs.18.60 Lakhs |
| 4 | Period of Completion | : | 3 Calendar Month |
| 5 | Date and Time of on line Bidding | : | from 11.00 AM of 09.06.2025 to 5.00 PM of 23.06.2025 |
| 6 | Online Bids shall be Open on | : | 24.06.2025 on 11.00 AM |
| 7 | Name & Address of the Officer Inviting Bid | : | Executive Officer, Balangir Municipality |

8 Further details can be seen from the website www.tendersorissa.gov.in

9 Further any addendum/ corrigendum/ clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.

Executive Officer
Balangir Municipality

OIPR - 13169/11/0060/2526

**AFFIDAVIT**

By virtue of an affidavit No-153, dtd- 19/05/2025 before The Executive Magistrate Ambabhona, (Bargarh). I, **Nalini Parua** aged about 42 years, W/o- Niranjan Parua, resident of At/Po- Dwari, Ps/Tah- Ambabhona, Dist- Bargarh, Pin- 768045 Odisha do hereby declare that, my maiden name is **Puspanjali Bhue**, D/o- Kshyamanidhi Bhue, @ Bunaki Bhue of Bhatli after marriage to Niranjan Parua of Dwari. I have changed my name from **Puspanjali Bhue to Nalini Parua.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Nalini Parua** (new name).

**Nalini Parua**

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 30/12/2024. I, **Rahima Bibi**, W/o- Md. Bellar Khan, resident of Village- Badajaria, Po- Jaria, P.S- Pattamundai, Dist- Kendrapada, Odisha, declare that, my Name has been mentioned **R. Lala** instead of **Rahima Bibi** in post office account of Jaria branch. Henceforth, both the name **Rahima Bibi** and **R. Lala** is one and same person for all purposes.



## ଉତ୍ସବମୁଖର ରାଜଧାନୀ ରଜ ବଜାର

# ମେହେନ୍ଦି ପାଇଁ ଆଗୁଆ ବୁକିଂ, ଡ୍ରେସ୍ ଦୋକାନରେ ଭିଡ଼

ଭୁବନେଶ୍ୱର, ୯।୬(ସମିସ)

ରଜ ଆଉ ୪ଦିନ ଥିବାବେଳେ ୧୫ଦିନ ଆଗରୁ କିଣାକିଣି ଆରମ୍ଭ କରିଦେଲେଣି ରାଜଧାନୀବାସୀ। ରାଜଧାନୀରେ ସକାଳ ୧୦ଟାରୁ ରାତି ୧୦ ପର୍ଯ୍ୟନ୍ତ ସମସ୍ତ ମଲ୍, ଫୁଟପାଥ୍ ଆଦିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

ରଜପାଇଁ ଏକ ମାସକ ଆଗରୁ ଅର୍ଡର ହୋଇସାରିଛି ଅନେକଙ୍କ ମନପସନ୍ଦର ଡ୍ରେସ୍ କିମ୍ବା ଶାଢ଼ି। ଏହାସହ ଅନେକ ବିଭିନ୍ନ ସପିଂମଲ୍ ବୁଲି ବୁଲି ଖୋଜୁଛନ୍ତି ନିଜ ମନପସନ୍ଦର ଡ୍ରେସ୍। ଗ୍ରାହକଙ୍କ ପସନ୍ଦକୁ ନଜରରେ ରଖି ବ୍ୟବସାୟୀମାନେ ମଧ୍ୟ ଘୋଷଣା କରିଛନ୍ତି ତୁହାକୁ ତୁହା ଅଫର୍। କେଉଁଠି ଗୋଟିଏରେ ଗୋଟିଏ ମାଗଣା ଦେଇ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି ତ ଆଉ କେଉଁଠି ୫୦ ପ୍ରତିଶତ ରିଆତିରେ ମିଳୁଛି ପୋଷାକ। ସେହିପରି ଆଉ କେତେକ ସପିଂ ମଲ୍‌ରେ ରଜ ପାଇଁ ଚାଲିଛି ସ୍ପେଶାଲ ଅଫର୍। ଏହାସହ ଗ୍ରାହକଙ୍କୁ ଅଧିକ ଆକୃଷ୍ଟ କରିବାକୁ ଲକି ଡ୍ର'ର ବ୍ୟବସ୍ଥା ମଧ୍ୟ ରହିଛି। ଯେଉଁଥିରେ ବାଇକ୍, ସ୍କୁଟି ଭଳି ଆକର୍ଷଣୀୟ ଉପହାରମାନ ମଧ୍ୟ ରହିଛି।



### ପାରମ୍ପରିକ ଲୁକ୍ ଉପରେ ଅଧିକ ଗୁରୁତ୍ୱ

ଫେଶନ୍ କ୍ଷେତ୍ରରେ ରାଜଧାନୀର ଅପଟୁଡ୍ରେଟ୍ ରହୁଥିବା କେତେକ ମହିଳାମାନେ ଚଳିତ ବର୍ଷ ରଜରେ ପାରମ୍ପରିକ ପରିଧାନ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଟ୍ରାଡିସ୍‌ନାଲ ଲୁକ୍‌ରେ ନିଜକୁ ସଜେଇବାକୁ ଇଚ୍ଛା ପ୍ରକାଶ କରୁଥିବାବେଳେ ଆଉ କେତେକ ୱେଷ୍ଟର୍ଣ୍ଣ ଲୁକ୍‌ରେ ନିଜକୁ ସଜାଇବାକୁ ଚାହୁଁଛନ୍ତି। ହ୍ୟାଣ୍ଡଲୁମ୍, ଟ୍ରାଇବାଲ ପ୍ରିଣ୍ଟ ଡ୍ରେସ୍‌ର ଚାହିଦା ବଢ଼ିଥିବା ବେଳେ ପିଓର ସିଲ୍କ, ପିଓର କଟନ୍, ନେଟ୍, ଜର୍ଜଟ୍, ସିଡଫନ୍, ସିନ୍ଥେଟିକ୍, ଆଦି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାଢ଼ି ଉପରେ ଜରି ଓ ଏମ୍ବ୍ରୋଡୋରୀ ଶାଢ଼ିର ଏକାଧିକ କଲେକସନ୍ ମଧ୍ୟ ରହିଛି। ସେହିପରି ଡିଜାଇନ୍ ଫ୍ୟାନ୍ସି ଶାଢ଼ିକୁ ଟକ୍କର ଦେଉଛି ହ୍ୟାଣ୍ଡଲୁମ୍ ଶାଢ଼ି। ହ୍ୟାଣ୍ଡଲୁମ୍‌ର ଚାହିଦା ପାଇଁ ଓଡ଼ିଶାରେ ପାରମ୍ପରିକ ତଥା ହାତବୁଣା ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀ ଓ ଫେଶନ୍ ଡିଜାଇନରମାନେ କହିଛନ୍ତି ଯେ, ଓଡ଼ିଶା ସିଲ୍କ, ବେଙ୍ଗଲ୍ ସିଲ୍କ, କାଞ୍ଚିପୁରମ୍, ବନାରସ, ଜର୍ଜଟ୍, ସମ୍ବଲପୁରୀ, ବମକେଇ ଆଦି ପାଟ ଶାଢ଼ିର ମଧ୍ୟ ପୂର୍ବଭଳି ଚାହିଦା ରହିଛି।

### ବଢୁଛି ଅନଲାଇନ୍ ସପିଂ

ସମୟ ବଦଳିବା ସାଙ୍ଗକୁ ଯୁବପିଢ଼ିଙ୍କ ସପିଂ କରିବାର ତରିକା ମଧ୍ୟ ବଦଳୁଛି। ପୂର୍ବରୁ ଘଣ୍ଟା ଘଣ୍ଟା ମାର୍କେଟରେ ବୁଲି ସପିଂ କରିବା ବଦଳରେ ସହଜ ଉପାୟ ଅନଲାଇନ୍ ସପିଂକୁ ଆପଣେଇ ନେଇଛନ୍ତି। ଗହଳି ଭିତରେ ସପିଂ କରିବା ସହ ବିଲିଂ ପାଇଁ ଲାଇନ୍‌ରେ ଛିଡ଼ା ହେବାରୁ ମୁକ୍ତି ପାଇବାକୁ ଘରେ ବସି ସମୟର ସଦୁପଯୋଗ କରିବା ସହ ନିଜ ମନ ପସନ୍ଦର ସମସ୍ତ ଜିନିଷ କିଣିବାକୁ ଏହି ଉପାୟ ଆଣେଇ ନେଇଥିବା ଅନେକ ମତ ଦେଇଛନ୍ତି। ବିଭିନ୍ନ ବ୍ରାଣ୍ଡ ହେଉ କିମ୍ବା ନନ୍ ବ୍ରାଣ୍ଡ ହେଉ ସମସ୍ତ ପ୍ରକାର ଜିନିଷ ଉପରେ ରହିଛି ବିଭିନ୍ନ ଅଫର୍। କମ୍ପାନୀ ପକ୍ଷରୁ ଅନେକ ଅନଲାଇନ୍ ସପିଂ ସାଇଟ୍‌ରେ ଆକର୍ଷଣୀୟ ଅଫର ମଧ୍ୟ ରହିଛି।

## ଶ୍ରାଦ୍ଧଦିବସରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୯।୬(ସମିସ): ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଧାନସୌଧ ସମ୍ମୁଖରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଡ. ଚିତ୍ତରଞ୍ଜନଙ୍କୁ 'କବି ନନ୍ଦକିଶୋର ସାମଲ ପ୍ରତିଭା ପୁରସ୍କାର'



ଭୁବନେଶ୍ୱର, ୯।୬(ସମିସ): ବିଶିଷ୍ଟ ମାନବବାଦୀ, ସୃଜନୀକାର କବି ନନ୍ଦକିଶୋର ସାମଲ ସ୍ମୃତି ସଂସଦ ତରଫରୁ ୨୦୨୫ ମସିହା ପାଇଁ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଆନ୍ତରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀଙ୍କୁ ପୁରସ୍କୃତ କରାଯାଇଛି। ସଂସଦ ଅଧ୍ୟକ୍ଷ ଅଧ୍ୟାପକ ଗଣେଶ୍ୱର ସ୍ୱାଇଁଙ୍କ ପୌରୋହିତ୍ୟରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ କଟକଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଶାସନିକ ଅଧିକାରୀ ରତ୍ନାକର ରାଉତ, ମୁଖ୍ୟବକ୍ତା ସ୍ନାୟୁଶଲ୍ୟ ଚିକିତ୍ସକ ଡ. ରବିନରୟଣ ପଣ୍ଡା, ସମ୍ମାନିତ ବକ୍ତା ଡ. ନୃସିଂହଚରଣ ବେହେରା, ଓଡ଼ିଆ ପ୍ରାଧ୍ୟାପକ ଡ. ଅଜୟ କୁମାର ମିଶ୍ର ପ୍ରମୁଖ ଡ. ଶାହାଣୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଡ. ଚିତ୍ତରଞ୍ଜନ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ କବିତା ବିଶେଷକରି ରୀତି ଓ ଗୀତି ଯୁଗୀୟ କବି ମାନଙ୍କର ଛାନ୍ଦ, ଚଉପଦୀ ସୃଜନିକାକୁ ଆଧାର କରି ଓଡ଼ିଶୀ ନୃତ୍ୟ ଶୈଳୀରେ ବିଶେଷନୃତ୍ୟ ପରିବେଷଣ କରି ଦେଶ ବିଦେଶର ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପ୍ରଶଂସିତ ହୋଇଛନ୍ତି।

## ବିଦ୍ୟୁତ ଟ୍ରାନ୍ସଫର୍ମର ଲୁଟିନେଲେ ଦୁର୍ବୃତ୍ତ

ବାଲିଅନ୍ତା, ୯।୬(ସମିସ): ବାଲିପାଟଣା ବିଦ୍ୟୁତ ସେକ୍ସନ ଅଧୀନ କୋଳଥପିଟା ଗ୍ରାମ ନିକଟରେ ବିପିଏଲଧାରୀଙ୍କ ପାଇଁ ବସିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରୁ ତମ୍ବା କେବୁଲ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଫଳରେ ଗ୍ରାମର ୨୫ ପରିବାର ଏବେ ଅନ୍ଧାରରେ ରହିଛନ୍ତି। ଏସମ୍ପର୍କରେ ଉପଭୋକ୍ତାମାନେ ବାଲିପାଟଣା ଥାନାରେ ଏବଂ ବାଲିପାଟଣା ବିଦ୍ୟୁତ ସେକ୍ସନରେ ଅଭିଯୋଗ କରିଛନ୍ତି। ହେଲେ ବିଭାଗ ପକ୍ଷରୁ ଏହା ମଧ୍ୟରେ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଟ୍ରାନ୍ସଫର୍ମର ଯୋଗାଇ ଦିଆଯାଇ ନାହିଁ। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଜେଡି ପକ୍ଷରୁ ନନ୍ଦିନୀ ଓ ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୯।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କର ଜୟନ୍ତୀ ରାଜଭବନ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳିତ ହୋଇଯାଇଛି। ଏହାସହ ବିପ୍ଳବୀ ବିର୍ସା ମୁଣ୍ଡାଙ୍କର ତିରୋଧାନ ଦିବସ ମଧ୍ୟ ମୈତ୍ରୀ ବିହାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସାମ୍ମୁଖ୍ୟ ତରଫରୁ ପାଳିତ ହୋଇଥିଲା। ଏହି ସଭାକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିବାବେଳେ ରମାନାଥ ସାମନ୍ତରାୟ, ନବ କିଶୋର ବେହେରା, ପ୍ରଧାପକ ରଙ୍ଗାଧର ସାହୁ, ଦୁର୍ଗା ସାମନ୍ତରାୟ, ଅଶ୍ୱିନୀ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ ଦେଇଥିଲେ। ସେହିଭଳି ସ୍ୱର୍ଗତା ନନ୍ଦିନୀ ଶତପଥିଙ୍କ ୯୪ ତମ ଜୟନ୍ତୀ ଅବସରରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗମାନେ ଭୁବନେଶ୍ୱରରେ ଥିବା ନନ୍ଦିନୀ ଶତପଥିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ବିଧାନସଭା ସମ୍ମୁଖରେ ଥିବା ଏବଂ ସାଲିଆ ସାହିରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିରେ ବିଭୂତି ମିଶ୍ର, ଉଦିତ ପ୍ରଧାନ, ସୁଭାଷ ପ୍ରଧାନ ଉପସ୍ଥିତ ଥିଲେ।

ସେହିଭଳି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସୂର୍ଯ୍ୟନଗରଠାରେ ଥିବା ପ୍ରତିମୂର୍ତ୍ତି ସ୍ଥଳରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସୁସାହିତ୍ୟିକା ନନ୍ଦିନୀ ଶତପଥିଙ୍କ ୯୪ ତମ ଜୟନ୍ତୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ରମେଶ ପାତାଳ ସିଂ, ଆମେ ଭୁବନେଶ୍ୱର ସଭାପତି ନରେନ ସାହୁ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## 'ୱାଣ୍ଡର ଫେଷ୍ଟ'ର ତୃତୀୟ ସନ୍ଧ୍ୟାରେ ଗ୍ୟାଙ୍ଗସ ଅଫ୍ ପୁରୀ'




ଭୁବନେଶ୍ୱର, ୯।୬(ସମିସ): ଓସମେ ଦ୍ୱାରା ଆୟୋଜିତ ୱାଣ୍ଡରଫେଷ୍ଟ ୨୦୨୫ ରେ ଏକଜିଭିସନ ଉଦଯାପିତ ହୋଇଯାଇଛି। ତୃତୀୟ ସଂଧ୍ୟାରେ କଞ୍ଚାଲଙ୍କା ଓଟିଟିରେ ପ୍ରସାରିତ ଲୋକପ୍ରିୟ ୱେବ ସିରିଜ୍ ଗ୍ୟାଙ୍ଗସ୍ ଅଫ୍ ପୁରୀର ପ୍ରଚାର ପ୍ରସାର ପାଇଁ ଅଭିନେତା କେକେ, ସୋମା ହୋତା, ଅଙ୍କିତା, ପ୍ରିୟମ୍ବଦା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଥିବା ଓଡ଼ିଆ ଚଳଚ୍ଚିତ୍ର 'ଅନନ୍ତା'ର ପ୍ରଚାର ଓ ପ୍ରସାର ପାଇଁ ସବ୍ୟସାଚୀ ମିଶ୍ରଙ୍କ ସମେତ ନାୟିକା ସୂର୍ଯ୍ୟମୟୀ ମହାପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତା ପୃଥ୍ୱୀରାଜ ନାୟକ, ଅଭିନେତା ତାପସ ସରଘରିଆ ଏବଂ ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ଯୋଗଦେଇ ଥିଲେ। ମେଳା ମଞ୍ଚରେ ୫୦ରୁ ଅଧିକ କୁନି କୁନି ପିଲାମାନେ ଅନନ୍ତା ରୂପ ରେ ସଜବାଜ ହୋଇ ଢେର ମଜା ନେଇଥିଲେ। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ୩ ଦିନିଆ ୱାଣ୍ଡର ଫେଷ୍ଟ ୨୦୨୫ ଉଦଘାଟିତ ହୋଇଥିଲା।

ଏହି ଉତ୍ସବରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଭାରତ ସରକାରଙ୍କ ଏମଏସଏମଇ-ଡିଏଫଓ, କମ-ହୁର ଯୁଗ୍ମ ସଚିବ ପି କେ ଗୁପ୍ତା, ଏମଏସଏମଇ ବିଭାଗର ଯୁଗ୍ମ ସଚିବ କମଲଜିତ ଦାସ, ଏସଏନଏମ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ଓଏଏସଏମଇ ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଓଏଏସଏମଇ ଯୁଗ୍ମ ସଚିବ ଆଦିକନ୍ଧ ରାଉତ ଓଏଏସଏମଇର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି, ଓଏଏସଏମଇ ଜିଲ୍ଲା ଚାପ୍ଟର, ଖୋର୍ଦ୍ଧା ସଭାପତି ପ୍ରତିଶ୍ରୁତି ଜେନା ଉପସ୍ଥିତ ଥିଲେ।

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ଡକ୍ଟରାଲ୍ ରିସର୍ଚ୍ଚ ସେମିନାର'

ଭୁବନେଶ୍ୱର, ୯।୬(ସମିସ): ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଆକାଉଣ୍ଟାସି ପକ୍ଷରୁ ଦିନିକିଆ 'ଡକ୍ଟରାଲ୍ ରିସର୍ଚ୍ଚ ସେମିନାର' ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ରିସର୍ଚ୍ଚ ରିପୋର୍ଟିଂ ସମ୍ପର୍କରେ ଆଲୋକପାତ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ଗବେଶକ ଯୋଗଦେଇ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନା କରିଛନ୍ତି। ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ଗବେଶିକା ଆରୋଶିଖା ମହାନ୍ତିଙ୍କୁ ଶ୍ରେଷ୍ଠ ସନ୍ଦର୍ଭ ପାଇଁ ପୁରସ୍କୃତ କରାଯାଇଛି। ସ୍କୁଲ୍ ଅଫ୍ ଆକାଉଣ୍ଟାସିର ଡିନ୍ ପ୍ରଫେସର ପଦ୍ମନାଭ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରାର୍ଥନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-କୁଳାଧିକ୍ଷ ପ୍ରଫେସର କଲ୍ୟାଣ ଶଙ୍କର ରାୟ, ଉପ-କୁଳପତି ପ୍ରଫେସର ଫଲଗୁ ନିରଞ୍ଜନା, ପ୍ରମୁଖ ନିର୍ଦ୍ଦେଶିକା ପ୍ରଫେସର ସ୍ମାରକୀ ପଟ୍ଟନାୟକଙ୍କ ସମେତ କୁଳସଚିବ, ସମସ୍ତ ଡିନ୍, ପରୀକ୍ଷା ନିୟନ୍ତ୍ରକ ଓ ବହୁ କର୍ମଚାରୀ ଯୋଗଦେଇଥିଲେ।



## ମାଷ୍ଟରକ୍ୟାଣ୍ଟିନ୍ ଜୋନ୍ ବିତରକମାନଙ୍କର ବନ୍ଧୁମିଳନ



ଭୁବନେଶ୍ୱର, ୯।୬(ସମିସ): ୟୁନିଟ୍-୮ ସ୍ଥିତ ଅଲ୍ ନ୍ୟୁଜ୍‌ପେପର୍ ସପ୍ଲାୟର ସୋସିଆଲ ୱେଲଫେୟାର ଆସୋସିଏସନ୍‌ର ମାଷ୍ଟରକ୍ୟାଣ୍ଟିନ୍ ଜୋନ୍ ବିତରକମାନଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ୍ ଜୋନ୍‌ର ବିତରକମାନଙ୍କର ସ୍ୱାର୍ଥ ଓ ବିଭିନ୍ନ ସମସ୍ୟାକୁ ସଂଘ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ସେମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସଂଘ ଗୁରୁତ୍ୱ ଦେବ ବୋଲି ସଂଘର ସଭାପତି ଅଭୟ କୁମାର ଯୋଗଣିଆଁ, ସମ୍ପାଦକ ଗୋବର୍ଦ୍ଧନ ପାଲ, ଉପଦେଷ୍ଟା, ସହ ସଭାପତି, କୋଷାଧ୍ୟକ୍ଷ, ସହ ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମାଷ୍ଟରକ୍ୟାଣ୍ଟିନ ଜୋନ୍‌ର ମୁଖ୍ୟ ପରିଚାଳକ ଭାବରେ ନିମଇଁ ଚରଣ ତ୍ରିପାଠୀଙ୍କୁ ସଂଘ ତରଫରୁ ନିର୍ବାଚିତ କରାଯାଇଥିଲା।

## ଭାରତ ପାଇଁ ପଦକ ଜିତିଲେ ଜିନ୍ଦଲର ୨ ଉସୁ ଖେଳାଳି



ଭୁବନେଶ୍ୱର, ୯।୬ (ସମିସ): ବଡ଼ବିଲ୍‌ସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ୍ ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା ରୁଷିଆରେ ଅନୁଷ୍ଠିତ ମସ୍କୋ ଉସୁ ଷ୍ଟାର୍ ଅନ୍ତର୍ଜାତୀୟ ଚାମ୍ପିଅନସିପ୍‌ରେ ଦେଶ ପାଇଁ ଗୌରବ ଆଣିଛନ୍ତି। ସିନିଅର ପୁରୁଷ ୪୮ କିଗ୍ରା ବିଭାଗରେ ପ୍ରେମ ମୁଣ୍ଡା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିଭଳି ରାଜକୁମାର ୫୨ କିଗ୍ରା ବିଭାଗରେ ସ୍ୱର୍ଣ୍ଣିମ ସଫଳତା ପାଇ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ୍ତ। ଜିନ୍ଦଲ ଫାଉଣ୍ଡେସନ ସମସ୍ତଙ୍କୁ ଏଥିଲାଗି ଅଭିନନ୍ଦନ ଜଣାଉଛି। ସେହିଭଳି ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, 'ଗ୍ରାମୀଣ ଅଞ୍ଚଳରୁ ବିଶ୍ୱ ଦରବାର ଯାଏ ସେମାନଙ୍କ ଯାତ୍ରା ନିଶ୍ଚିତଭାବେ ପ୍ରେରଣାଦାୟୀ।


## ଜିସିପିଇ ଆଲୁମିନି ଆସୋସିଏସନ୍‌ର ବାର୍ଷିକ ବୈଠକ




ଭୁବନେଶ୍ୱର, ୯।୬(ସମିସ): ଜିସିପିଇ(ଗଭର୍ଣ୍ଣମେଣ୍ଟ କଲେଜ ଅଫ୍ ଫିଜିକାଲ ଏଜୁକେଶନ) ଆଲୁମିନି ଆସୋସିଏସନ୍ ଭୁବନେଶ୍ୱରର ବାର୍ଷିକ ବନ୍ଧୁମିଳନ ଓ ବୈଠକ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ମନମୋହନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଅଶୋକ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ଅଧ୍ୟାପକ ବିରଞ୍ଚି ନାରାୟଣ ଜେନା, ବର୍ତ୍ତମାନର ଅଧ୍ୟକ୍ଷା ସଙ୍ଗୀତାରାଣୀ ଟପ୍ପୋ, ଓଡ଼ିଶା ସରକାରଙ୍କ ଶାରୀରିକ ଶିକ୍ଷା ବିଭାଗର ସହ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଭାରତୀ ଦାସଙ୍କୁ ଜୀବନବ୍ୟାପୀ ଶାରୀରିକ ଶିକ୍ଷା କ୍ଷେତ୍ର ପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶଙ୍କର ପ୍ରଧାନ, ଡ. ପ୍ରଦୀପ ଲେଙ୍କା, ଅଜୟ ପ୍ରଧାନ, ସରୋଜିନୀ ପାତ୍ର, ମହାଶ୍ୱେତା ଷଡ଼ଙ୍ଗୀ ପ୍ରମୁଖ ଅନୁଷ୍ଠାନର ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି ବାସୁଦେବ ଭଞ୍ଜ ଆଗାମୀଯୋଜନା ବିଷୟରେ ଉପସ୍ଥାପନ କରିଥିବା ବେଳେ ସମ୍ପାଦକ ସମିମ ଖାନ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ପ୍ରଦୀପ କୁମାର ଦୋରା ସଂଯୋଜନା କରିଥିବା ବେଳେ ସହସମ୍ପାଦକ ଡ. ପ୍ରକାଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

# ବାଲୁକା ପଥରରେ ନିର୍ମିତ ଭୈରଙ୍ଗେଶ୍ୱର ମନ୍ଦିର



ଭୁବନେଶ୍ୱର, ୯।୬(ସମିସ): ଭୁବନେଶ୍ୱରରୁ ପୁରୀ ରାସ୍ତା ଦେଇ ଗଲାବେଳେ ସହରଠୁ ୧୨ରୁ ୧୩ କିଲୋମିଟର ଦୂରରେ ରହିଛି ଧଉଳି ଶାନ୍ତିସ୍ତୂପ। ସେହି ବାଟରେ ଗଲେ ଧଉଳିଠାରୁ ଆଉ ତିନି କିମି ଆଗକୁ ରହିଛି ଅଷ୍ଟମ ଶତାବ୍ଦୀର ଭୈରଙ୍ଗେଶ୍ୱର ମନ୍ଦିର। ସହରଠୁ ଦୂର ଦୟାନଦୀ କୂଳରେ ଥିବା ଏକ ଛୋଟିଆ ଗାଁ ଖଟୁଆପଡ଼ାରେ ରହିଛି ଶିବଙ୍କୁ ସମର୍ପିତ ଏହି ମନ୍ଦିର। ମନ୍ଦିରମାଳିନୀ ସହର ରାଜଧାନୀରେ କେତେ ଯେ ପୁରାତନ ମନ୍ଦିର ଆଜି ବି ଇତିହାସ ବଖାଣି ଛିଡା ହୋଇଛନ୍ତି। ଯେଉଁଠି ପ୍ରତ୍ୟେକ ମନ୍ଦିର ଭିନ୍ନ ଇତିହାସ ଓ କାହାଣୀ କୁହେ। ଗୌରବମୟ ଇତିହାସର ପ୍ରତୀକ ସାଜେ। ସେଥିପାଇଁ ତାର ରକ୍ଷଣାବେକ୍ଷଣର ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦିଆଯାଇଛି। ସେହି ଐତିହ୍ୟ କୀର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଉଛି ଭୈରଙ୍ଗେଶ୍ୱର ମନ୍ଦିର। ପଞ୍ଚରଥ ଶୈଳୀରେ ମନ୍ଦିରଟି ନିର୍ମିତ ହୋଇଥିବାବେଳେ ଏହା ପଶ୍ଚିମାଭିମୁଖୀ ଅଟେ। ଏହା ଧୂସର ବାଲିଆ ପଥରରେ ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଛି। ଯାହା ବର୍ତ୍ତମାନ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରକ୍ଷଣାବେକ୍ଷଣ ହେଉଛି। ସୋମବଂଶୀ ସମୟରେ ନିର୍ମିତ ହୋଇଥିବା ଏହି ମନ୍ଦିରର ପରବର୍ତ୍ତୀ ସମୟରେ ମନ୍ଦିରର ଆଉ କିଛି କାରୁକାର୍ଯ୍ୟ ଗଙ୍ଗ ବଂଶ ସମୟରେ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେହିପରି କଳିଙ୍ଗ ସ୍ଥାପତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟର ଭଗବାନ ଶିବଙ୍କ ପ୍ରତିକୃତି, ଯେଉଁଠାରେ ଜଗମୋହନ ଏକ ଭିନ୍ନ ସଂରଚନାରେ ବିଦ୍ୟମାନ। ସେହି ପରିସରରେ ଭଗବାନ ଗଣେଶଙ୍କ ଆଉ ଏକ ଛୋଟିଆ ମନ୍ଦିରଟିଏ ରହିଛି। ବିଶ୍ୱାସ କରାଯାଏ ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ଗଣେଶଙ୍କ ମୂର୍ତ୍ତି ପରେ ଏହା ଦ୍ୱିତୀୟ ସ୍ଥାନ ଯେଉଁଠି ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ଅଧିକ। ଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣମୀ, ରଜ ଏବଂ ଜଳ କ୍ରୀଡା ଭଳି ପର୍ବ ଏଠାରେ ବେଶ୍ ଧୂମଧାମରେ ପାଳନ ହୋଇ ଆସୁଛି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏଠାରେ ପୂଜାକଲେ ମନସ୍କାମନା ପୂରଣ ହେବା ସହ ସମସ୍ତ ସମସ୍ୟା ଦୂର ହୋଇଥାଏ।



### ଏବେ କେମିତି ରହିଛି

ସହରଠାରୁ ଦୂରରେ ଥିବାରୁ ମନ୍ଦିରକୁ ଲୋକଙ୍କର ଏତେ ଯାତାୟତ ନାହିଁ। ଅନେକ ଏବେ ବି ଏହି ମନ୍ଦିର ବିଷୟରେ ଅଜଣା। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ମନ୍ଦିରଟି ଥିଲେ ହେଁ ସଠିକ୍ ରକ୍ଷଣାବେକ୍ଷଣ ନହେବା କାରଣରୁ ବାଲିଆ ପଥରରେ ନିର୍ମିତ ଏହି ମନ୍ଦିରର ରଙ୍ଗ ପରିବର୍ତ୍ତନ ହେବା ସହ ବାହାର ପାର୍ଶ୍ୱରେ ଏବଂ ଉପରେ ଅନାବନା ଗଛ ମାଡି ସୌନ୍ଦର୍ଯ୍ୟ ହାନି କରୁଛି। ବିଭାଗ ପକ୍ଷରୁ କୌଣସି ରକ୍ଷଣାବେକ୍ଷଣ କାର୍ଯ୍ୟ ହେଉ ନ ଥିବାରୁ ଏନେଇ ସ୍ଥାନୀୟ ଲୋକ କ୍ଷୋଭ ପ୍ରକାଶ କରିଛନ୍ତି।




# କଲ୍ ସେଣ୍ଟର୍‌ରୁ ହେଉଛି ଫୋନ୍ ନମ୍ବର ଚୋରି

ଭୁବନେଶ୍ୱର, ୯।୬(ସମିସ)

ରାଜଧାନୀରେ ଥିବା ଏକାଧିକ କଲ୍ ସେଣ୍ଟରରୁ ଚୋରି ହୋଇଛି ଫୋନ୍ ନମ୍ବର। ଏହି ନମ୍ବର ଯାଉଛି ସାଇବର ଠକଙ୍କ ହାତକୁ। ସାଇବର ଠକ ଏହି ଫୋନ୍ ନମ୍ବର ନେଇ ଲୋକଙ୍କୁ ଫୋନ୍ କରି ବିଭିନ୍ନ ପ୍ରକାର ଲୋଭ ଦେଉଛନ୍ତି। ଏହି ଲୋଭରେ ପଡ଼ି ଲୋକ ଠକାମିର ଶିକାର ହେଉଛନ୍ତି। ଠକମାନେ କଲ୍ ସେଣ୍ଟରରୁ ୧୦ଟି ଫୋନ୍ ନମ୍ବରକୁ ୩ ହଜାର ଟଙ୍କାରେ କିଣି ନେଉଛନ୍ତି। ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଛି। ଲୋକମାନେ ମଲ୍ ଯାଉଥିବା ବେଳେ ସେଠାରେ ଦେଉଛନ୍ତି ଫୋନ୍ ନମ୍ବର। ସେହି ଫୋନ୍ ନମ୍ବର ଠକଙ୍କ ପାଖକୁ ଯାଉଛି। ସେହିପରି ପେଟ୍ରୋଲ ଟାଙ୍କି ନିକଟରେ ଏକାଧିକ ପିଲା ଛିଡ଼ା ହୋଇ ବିଭିନ୍ନ ପ୍ରକାର ଇନ୍ସୁରାନ୍ସ କରିବାକୁ କହୁଛନ୍ତି। ଏପରିକି ସେଠାରେ ଫୋନ୍ ନମ୍ବର ଦେଲେ ଲଟେରୀ ଉଠିବ ବୋଲି ଲୋଭ ଦେଖାଉଛନ୍ତି। ଲୋକ ନମ୍ବର ଦେବା ପରେ ଏହାକୁ ଠକଙ୍କୁ ବିକ୍ରି କରାଯାଉଛି। ତେଣୁ ଏଭଳି ଭାବେ ରାଜଧାନୀରେ ବହୁଳ ଭାବେ ହେଉଛି ଫୋନ୍ ନମ୍ବର ବିକ୍ରି। କାରଣ ଫୋନ୍ ନମ୍ବରରୁ ଜଣେ ବ୍ୟକ୍ତିର ସବୁ ତଥ୍ୟ ଜଣାପଡ଼ିବ। ତେଣୁ ଠକ ହାତକୁ ଏହି ଫୋନ୍ ନମ୍ବର ଚାଲିଯିବା ପରେ ସେମାନେ ଚୂନ ଲଗାଇବା ପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି।

### କ୍ରାଇମ୍‌ବ୍ରାଞ୍ଚର ରହୁନି ନଜର

ଆପଣ ଯେଉଁ ସାମଗ୍ରୀ କ୍ରୟ କରିଥିଲେ ତାହା ଉପରେ ଆପଣଙ୍କର ଲଟେରୀ ଉଠିଛି ଓ ସମ୍ପୃକ୍ତ କମ୍ପାନୀର ଅନ୍ୟ କୌଣସି ଦୋକାନରୁ ଆସି ତାହା ସଂଗ୍ରହ କରି ନିଅନ୍ତୁ। ଏଭଳି ଫୋନ୍ ଏବେ ବିଭିନ୍ନ ଲୋକଙ୍କ ପାଖକୁ ଆସିବାରେ ଲାଗିଛି। ବିଶେଷକରି ଯେଉଁମାନେ ପୋଷାକପତ୍ର, ଚଷମା, ଗାଡିମୋଟର ପାର୍ଟସ୍, ଟାୟାର ଆଦି ଖରିଦ କରୁଛନ୍ତି ସେମାନେ ବିଲ୍ ପଇଠ ସମୟରେ ନିଜର ଫୋନ୍ ନମ୍ବରଟି ଦେଉଛନ୍ତି। କାରଣ କମ୍ପାନୀ ସେହି ଫୋନ୍ ନମ୍ବରରେ କିଛି ସାମଗ୍ରୀର ଗ୍ୟାରେଣ୍ଟି ସୂଚନା ପଠାଉଛି। ଅଧିକାଂଶ ଦୋକାନୀ ଏବେ ଟେଲିଫୋନ୍ ନମ୍ବରରେ ଇ-ବିଲ୍ ପଠାଇ ଦେଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହି ଫୋନ୍ ନମ୍ବର ଲଟେରୀ ଜିତିବା ନାଁରେ ବ୍ୟବସାୟ ଚଳାଇଥିବା କିଛି ସଂସ୍ଥା ହାତରେ ପଡୁଛି। ସେମାନଙ୍କ ଦ୍ୱାରା ନିଯୁକ୍ତ ଝିଅମାନେ ଲୋକଙ୍କୁ ଫୋନ୍ କରୁଛନ୍ତି। କିଣିଥିବା ସାମଗ୍ରୀ ପାଇଁ ଲଟେରୀ ଉଠିଛି କହିବା ଫଳରେ ଅନେକ ଏହାକୁ ସତବୋଲି ଧରି ନେଉଛନ୍ତି। ତେବେ ଯେଉଁମାନେ ଏହା ଏକ ଠକେଇ ବୋଲି ଜାଣି ଲଟେରୀରେ ଉଠିଥିବା ସାମଗ୍ରୀ ଆଣିବାକୁ ଅମଙ୍ଗ ହେଉଛନ୍ତି ସେମାନଙ୍କୁ ବାରମ୍ବାର ଫୋନ୍ କରି ହଇରାଣ ହରକତ କରାଯାଉଛି। କିନ୍ତୁ




ଏଭଳି ଠକେଇ ଉପରେ କ୍ରାଇମ୍‌ବ୍ରାଞ୍ଚର ନଜର ରହୁଛି। ତୁରନ୍ତ କଲ୍ ସେଣ୍ଟର ଏବଂ ଏଭଳି ସଂସ୍ଥା ଉପରେ ଚଢଉ କରାଯିବା ଆବଶ୍ୟକ ବୋଲି କୁହାଯାଉଛି।

### ବିଦେଶ ବୁଲାଇବାର ଲୋଭ ଦେଖାଉଛନ୍ତି

ମିଳିଥିବା ସୂଚନା ଅନୁଯାୟୀ ଲଟେରୀ ସାମଗ୍ରୀ ପାଇବା ଲୋଭରେ ପଡ଼ି ଯେଉଁମାନେ ଯାଉଛନ୍ତି ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବୀମାଟିଏ କରିବାକୁ କିମ୍ବା ବିଦେଶ ବୁଲିଯିବାର ବିଭିନ୍ନ ସ୍କିମ୍ ବିଷୟରେ ଅବଗତ କରାଯାଉଛି। ଯେଉଁମାନେ ଏଥିରେ ରାଜି ହେଉଛନ୍ତି ସେମାନଙ୍କୁ ପ୍ରଥମେ ବୀମା କିମ୍ବା ବିଦେଶବୁଲା ସ୍କିମ୍ରେ ଅର୍ନ୍ତଭୁକ୍ତ କରାଯାଇ ପରେ ଛୋଟିଆ ଉପହାରଟିଏ ଧରି ଛାଡି ଦିଆଯାଉଛି। ତେବେ ସାମଗ୍ରୀ କିଣିବା ସମୟରେ ଦିଆଯାଉଥିବା ଫୋନ୍ ନମ୍ବର ଏହି ରାକେଟ ହାତରେ କିଭଳି ଲାଗୁଛି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କିଛି ବ୍ୟବସାୟୀ ଏହି ରାକେଟ୍ ସହିତ ହାତ ମିଳାଇଛନ୍ତି ନଚେତ୍ ଏମାନେ କୌଣସି ଅସତ୍ ଉପାୟରେ ଲୋକଙ୍କ ଫୋନ୍ ନମ୍ବର ହାତଉ ଥିବାର ଆଶଙ୍କା କରାଯାଉଛି। ବର୍ତ୍ତମାନ ସମସ୍ତଙ୍କର ଫୋନ୍ ନମ୍ବର ସହିତ ବ୍ୟାଙ୍କ, ବୀମା, ଆଧାର, ପାନ୍ ଆଦିର ଲିଙ୍କ୍ ରହିଛି। ଏଥି ସହିତ

- ମଲ୍, ପେଟ୍ରୋଲ ପମ୍ପ, ଲଟେରୀ ନାମରେ ନେଉଛନ୍ତି ନମ୍ବର
- ପବ୍ଲିକ୍ ସ୍ଥାନରେ ଫୋନ୍ ନମ୍ବର ନ ଦେବାକୁ ପରାମର୍ଶ
- ନମ୍ବର ନେବାକୁ ଜାଣିଶୁଣି ଇ-ବିଲ୍ କରାଯାଉଛି

ଫୋନ୍ ନମ୍ବରରେ ଟଙ୍କା ନେଣ ଦେଣ ଓ କିଣା କିଣି ପାଇଁ ବିଭିନ୍ନ ଆପ୍ ରହିଛି। ଏଭଳି ସ୍ଥିତିରେ ଫୋନ୍ ନମ୍ବରଗୁଡିକ ଏଭଳି ର୍‌ୟାକେଟ୍ ହାତରେ କେତେ ସୁରକ୍ଷିତ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସଚେତନ କଲେ ସାଇବର ବିଶେଷଜ୍ଞ

ଜାଣିଶୁଣି ମଲରେ ଏବେ ଇ-ବିଲ୍ କରାଯାଇଛି। ଜଣେ ଲୋକ ସାମଗ୍ରୀ କିଣିଲେ ବାଧ ହୋଇ ଫୋନ୍ ନମ୍ବର ଦେବାକୁ। ତେଣୁ ଏକାଧିକ ଗ୍ରାହକ ଫୋନ୍ ନମ୍ବର ଦେଉଛନ୍ତି। ତେଣୁ ସେଠାରୁ ଫୋନ୍ ନମ୍ବର ବିକ୍ରି ହେଉଛି। ତେଣୁ ପବ୍ଲିକ୍ ସ୍ଥାନରେ କୌଣସି ଫୋନ୍ ନମ୍ବର ନଦେବାକୁ ସାଇବର ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଷଣ୍ଢ ଚଢ଼ିଯିବାରୁ ବାଇକ୍ ଆରୋହୀ ଆହତ

ନନ୍ଦନକାନନ, ୯।୬(ସମିସ): ପଟିଆ ଷ୍ଟେସନ ରାସ୍ତାରେ ଗାଈଗୋରୁ ଷଣ୍ଢଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସୋମବାର ରାତି ୮ଟା ସୁଦ୍ଧା ଦୁଇଜଣ ବାଇକ ଆରୋହୀ ଦୁଇଟି ବାଇକରେ ପଟିଆ ଷ୍ଟେସନ ଆଡୁ ନନ୍ଦନକାନନ ରୋଡ ଆଡେ ଯାଉଥିଲେ। ଏହି ସମୟରେ ପରିଡ଼ା ଓମ୍‌ଫେଡ ଷ୍ଟଲ ନିକଟରେ ଦଳ ଦଳ ହୋଇ ବୁଲୁଥିବା ଗାଈଗୋରୁ ଷଣ୍ଢଙ୍କ ମଧ୍ୟରେ ଲଢେଇ ଲାଗିଯାଇଥିଲା। ଫଳରେ ଜଣେ ବାଇକ ଆରୋହୀ ଏହା ଦେଖି ଅଟକି ଯାଇଥିବା ବେଳେ ଲଢେଇ କରି ଉକ୍ତ ବାଇକ ଆରୋହୀଙ୍କ ଉପରେ ଚଢ଼ି ଯାଇଥିଲେ ଷଣ୍ଢ। ବାଇକ ଆରୋହୀ ବାଇକ ସହ ତଳେ ପଡ଼ିଯିବା ଫଳରେ ବାଇକ ଆରୋହୀ ଖଣ୍ଡିଆଖାବରା ହୋଇଯାଇଥିଲେ। ବଡ ଅଘଟଣରୁ ଅଳ୍ପକେ ବଞ୍ଚି ଯାଇଥିଲେ ବେଳେ ବାଇକ ଭାଙ୍ଗିରୁଜି ଯାଇଥିଲା।

## ବାସୁଦେବ ନଗର ଉନ୍ନୟନ ପରିଷଦର ସାଧାରଣ ସଭା

ଭୁବନେଶ୍ୱର, ୯।୬(ସମିସ): ଭୁବନେଶ୍ୱର ୱାର୍ଡ ନମ୍ବର ୧୯ ଅନ୍ତର୍ଗତ ବାସୁଦେବ ନଗର ଉନ୍ନୟନ ପରିସଦର ସାଧାରଣ ସଭା ଶ୍ରୀ ଜଗନ୍ନାଥ ପାଠାଗାର ପରିସରରେ ପ୍ରଦୀପ କୁମାର ବର୍‌ସଲ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ବର୍ଷରେ ହୋଇଥିବା ଆୟ ଓ ବ୍ୟୟକୁ ସାଧାରଣ କମିଟିରେ ପାସ୍ କରାଯାଇ ଥିଲା। ସମସ୍ତ ସଭ୍ୟଙ୍କ ଅନୁମୋଦନରେ ପୁରୁଣା କମିଟିକୁ ଭାଙ୍ଗି ଦିଆଯାଇ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ମନ୍ଦର ସାମଲ, ଉପସଭାପତି ବିପିନ କୁମାର ସାହୁ, ସମ୍ପାଦକ ଉମେଶ ଦାଶ, ସହସମ୍ପାଦକ ଆଦିକନ୍ଦ ସାମନ୍ତରାୟ ଏବଂ ଟ୍ରେଜରାର ମନୋଜ କୁମାର ସାମନ୍ତରାୟଙ୍କୁ ନୂତନ କମିଟିରେ ନିର୍ବାଚିତ କରାଗଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସୁକାନ୍ତ ବେହେରା, ରାଜକିଶୋର ଶତପଥୀ, ଏକାଦଶୀ ଜେନା, ଗୋବିନ୍ଦ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, ସମା ବାବୁ, ପ୍ରତାପ ପଣ୍ଡା ମୃତ୍ୟୁଞ୍ଜୟ ଛୋଟରାୟ, ଗୋବର୍ଦ୍ଧନ ବିଶ୍ୱାଳ, ଚଣା ବାବୁ, କୀର୍ତ୍ତି ପଣ୍ଡା, ପ୍ରଶାନ୍ତ ନାୟକ, ଗୋପାଳ ଚଞ୍ଚିତ୍, ନକୁଳ ମହାରଣା ଟୁଲୁ, ଅମିତ ମଲ୍ଲିକ ଓ ଅନ୍ୟ ସଭ୍ୟମାନଙ୍କ ଉପସ୍ଥିତିରେ ନବନିର୍ବାଚିତ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ଯୁବ ପ୍ରତିଭା ଅନ୍ୱେଷଣ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର, ୯।୬(ସମିସ): ସିଏସଏନ୍‌ଆର ଅନୁଷ୍ଠାନ ଓ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୪୦ଟି ସାହିକୁ ନେଇ ଗଠିତ ପ୍ରତିଭା ଅନ୍ୱେଷଣ କମିଟିର ମିଳିତ ପ୍ରୟାସରେ ଯୁବ ପ୍ରତିଭା ଅନ୍ୱେଷଣ ମହୋତ୍ସବ -୨୦୨୫ ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ଅଫ ସାଇନ୍ସ ଆଣ୍ଡ ଏଜୁକେସନଠାରେ ଉଦଯାପିତ ହୋଇଯାଇଛି। ଏହି ଯୁବ ପ୍ରତିଭା ଅନ୍ୱେଷଣରେ ୪୦ଟି ସାହିର ୨୫୦ ଜଣ ଛାତ୍ରଛାତ୍ରୀ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ନୃତ୍ୟାଭିନୟ ଓ କବାଡି ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ। ଶେଷରେ ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଇଯାଇଥିଲା। ସମ୍ମାନିତ ଅତିଥି ଭାବେ ସିଏସଏନଆରର ନିର୍ଦ୍ଦେଶକ ଧିରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସିଏସଏନଆର ଡା. ପ୍ରଜ୍ଞା ପରମିତା ଜେନା, ସୁଜାତା ବଳବନ୍ତରାୟ, ସ୍ମିତା ପଣ୍ଡା, ପୁଷ୍ପମଞ୍ଜରୀ ବେହେରା ଓ ମିଳନ କୁମାର ଲେଙ୍କା ଓ ପ୍ରତିଭା ଅନ୍ୱେଷଣ କମିଟିର ବସନ୍ତ ଦିଗି, ମମତା ରେଡି ପ୍ରମୁଖ ସହଯୋଗ କରିଥିଲେ।

## ରୋମାଣ୍ଟିକ୍ କାବ୍ୟଧାରା ଓ ଡ. ମାୟାଧର ମାନସିଂ ଲୋକାର୍ପିତ



ଭୁବନେଶ୍ୱର, ୯।୬(ସମିସ): ଡ. ସୁନନ୍ଦା ତ୍ରିପାଠୀଙ୍କ ପୁସ୍ତକ ରୋମାଣ୍ଟିକ୍ କାବ୍ୟଧାରା ଓ ଡ. ମାୟାଧର ମାନସିଂ କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହରେ ଲୋକର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ଗିରିଜା ଶଙ୍କର ଶର୍ମା, ଡ. ଦେବାଶିଷ ମହାପାତ୍ର, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଥେନା ବୁକ୍‌ସ ତରଫରୁ ରାଜକିଶୋର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କେଦାରନାଥ ଗବେଷଣା ପ୍ରତିଷ୍ଠାନର ଡ. ରମେଶ ଚନ୍ଦ୍ର ପାଣି, କଥାକାର ରମେଶ ପଟ୍ଟନାୟକ, କବି ଅଲେଖ ନନ୍ଦୀ, କବି ଜଗତ ଚନ୍ଦ୍ର ଦାସ, ବିଶିଷ୍ଟ କବି ରକ୍ଷକ ନାୟକ, କବି ସୂର୍ଯ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ଅଭିଲେଖ ଦିବସ

ଭୁବନେଶ୍ୱର, ୯।୬(ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆନ୍ତର୍ଜାତିକ ଅଭିଲେଖ ଦିବସ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଭିଲେଖାଗାର, ପୁଣେର ପ୍ରାକ୍ତନ ମୁଖ୍ୟ ଅଭିଲେଖପାଳ ତଥା ମହାପ୍ରବନ୍ଧକ ଡ. ରାଜୀବ ଲୋଚନ ସାହୁ ଯୋଗଦେଇ ଚଳିତ ଆନ୍ତର୍ଜାତିକ ଅଭିଲେଖ ଦିବସର ବିଷୟବସ୍ତୁ 'ଅଭିଲେଖାଗାର ଉପଲବ୍ଧ-ସମସ୍ତଙ୍କ ପାଇଁ ଅଭିଲେଖାଗାର' ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ



ବିଭାଗୀୟ ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ଯୋଗ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


## ପଟିଆରେ ଖୋଲିଲା ଟାଟୁ ଏକାଡେମୀ 'କଳିଙ୍ଗ ଇଙ୍କ୍'

ଭୁବନେଶ୍ୱର, ୯।୬(ସମିସ): ପଟିଆଠାରେ 'କଳିଙ୍ଗ ଇଙ୍କ ଟାଟୁ ଆଣ୍ଡ ଏକାଡେମୀ' ଉଦ୍‌ଘାଟିତ ହୋଇଯାଇଛି। ଯେଉଁଠାରେ ଟାଟୁ କରିବାକୁ ପ୍ରଶିକ୍ଷଣ ଦିଆଯିବା ସହ ସେବା ମଧ୍ୟ ପ୍ରଦାନ କରାଯିବ। ଏହି ପ୍ରତିଷ୍ଠାନର ମୁଖ୍ୟ ଚିତ୍ରଶିଳ୍ପୀ ଥିବା ଗଣେଶ ବିଶ୍ୱକମର୍‌ଙ୍କ ପ୍ରାୟ ୧୪ ବର୍ଷର ଅଭିଜ୍ଞତା ରହିଛି। ଅନ୍ୟତମ ଚିତ୍ରଶିଳ୍ପୀ ଥିବା ଅନୁଗୋଳର କୁବେର ବାରିକଙ୍କ ମଧ୍ୟ ପ୍ରାୟ ୩ ବର୍ଷରୁ ଅଧିକ ଅଭିଜ୍ଞତା ଅଛି। ଉଭୟେ ଦେଶର ବହୁ ପ୍ରତିଷ୍ଠିତ ଟାଟୁ ଷ୍ଟୁଡିଓରେ ପ୍ରଶିକ୍ଷଣ ନେବା ସହ ମୁମ୍ବାଇ, ଦିଲ୍ଲୀ ଓ କୋଲକାତାରେ କାର୍ଯ୍ୟକରି ଅଭିଜ୍ଞତା ସାଉଁଟିଛନ୍ତି। ଚିତ୍ରଶିଳ୍ପୀ ଶ୍ରୀ ବାରିକଙ୍କ କହିବା କଥା, ଜଣେ ନିଜ ମନରେ ଭାବୁଥିବା ସମସ୍ତ ବିଷୟ ଏବଂ ଐତିହ ସଂସ୍କୃତିକୁ ଏକତ୍ରିତ କରି ସମ୍ପୂର୍ଣ୍ଣ ନୂତନ ଡିଜାଇନ୍ କରାଯିବ। ଅନ୍‌ଲାଇନ୍ କାଉନ୍‌ସେଲିଂ କରି ଭାବନାକୁ ଅଧିକ ନିଖୁଣ ରୂପ ଦିଆଯିବ। ବହୁ ସେଲିବ୍ରିଟିଙ୍କ ଟାଟୁ କରିବାରେ ଅଭିଜ୍ଞତାରୁ ସମସ୍ତେ ଲାଭାନ୍ୱିତ ହୋଇପାରିବେ। ସେହିପରି ଯୁବପିଢ଼ିଙ୍କୁ ଟାଟୁ ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ସେମାନେ ଟାଟୁରେ ଡିପ୍ଲୋମା ପାଠ୍ୟକ୍ରମ କରିପାରିବେ। ପ୍ରାୟ ୬ମାସ ଅବଧିର ଏହି ପାଠ୍ୟକ୍ରମ ସାରିବା ପରେ ସେ ନିଯୁକ୍ତି ପାଇପାରିବେ। ଅଭିଜ୍ଞ ହେବା ପରେ ନିଜେ ଷ୍ଟୁଡିଓ କରି ଆତ୍ମନିର୍ଭର ମଧ୍ୟ ହୋଇପାରିବେ ବୋଲି ସେ କହିଛନ୍ତି। ଏହାସହ ବିପଦପୂର୍ଣ୍ଣ ଭାବେ ଟାଟୁ କରି ଜୀବନକୁ ବିପଦରେ ନ ପକାଇବାକୁ ସେ ଯୁବପିଢ଼ୀଙ୍କୁ ଆହ୍ୱାନ କରିଛନ୍ତି। ରବିବାର ଏହି ପ୍ରତିଷ୍ଠାନକୁ ଅଭିନେତା ପପୁ ପମ୍‌ପମ୍ ଏବଂ ଆନ୍ତର୍ଜାତୀୟ ଶିଳ୍ପୀ ରଘୁନାଥ ସାହୁ ଉଦ୍‌ଘାଟନ କରିଥିବାବେଳେ ଅପରେସନ୍ ମ୍ୟାନେଜର ଗଗନ ପରିଆର୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଧ୍ୟାତ୍ମିକ କର୍ମୀ ଶ୍ରୀଧର ସାହୁଙ୍କ ପରଲୋକ

ଭୁବନେଶ୍ୱର, ୯।୬(ସମିସ): ଓଡ଼ିଶାରେ ସତ୍‌ସଙ୍ଗ ଆନ୍ଦୋଳନର ସହ ଜଡିତ ବର୍ଷୀୟାନ୍ ବ୍ୟକ୍ତିତ୍ୱ ତଥା ଜଳସମ୍ପଦ ବିଭାଗର ପ୍ରାକ୍ତନ ଆଇନ ଅଧିକାରୀ ଶ୍ରୀଧର ସାହୁଙ୍କର ସୋମବାର ପ୍ରତ୍ୟୁଷରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ସେ କିଛିଦିନ ହେଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ।

ସ୍ୱର୍ଗତ ସାହୁ ଖୋର୍ଦ୍ଧା ଜିଲ୍ଲା ବନମାଳୀପୁରର ବାଲିକୁଦା ପାଟଣାରେ ୧୯୩୫ ମସିହାରେ



ଜନ୍ମଗ୍ରହଣ କରିଥିଲେ। କଟକ ରେଭେନ୍ସା କଲେଜରେ ସ୍ନାତକ କରିବା ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଡିଗ୍ରି ହାସଲ କରି ରାଜ୍ୟ ସରକାରଙ୍କ ଅଧୀନରେ ଚାକିରିରେ ଯୋଗଦାନ କରିଥିଲେ। ୧୯୭୧ ମସିହାରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଦୀକ୍ଷା ଗ୍ରହଣ କରି ସତ୍‌ସଙ୍ଗର କାର୍ଯ୍ୟଧାରାରେ ସାମିଲ୍ ହୋଇଥିଲେ। ଭୁବନେଶ୍ୱର ସତ୍‌ସଙ୍ଗ ବିହାରର ନିର୍ମାଣରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା।

ଆଜି ତାଙ୍କର ମରଶରୀରକୁ ଜନ୍ମମାଟି ବନମାଳୀପୁର ନିଆଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ସାହୁଙ୍କର ଜ୍ୟୋଷ୍ଠପୁତ୍ର ସାମ୍ବାଦିକ ଶ୍ରୀକାନ୍ତ ସାହୁ ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠପୁତ୍ର ସୀତାକାନ୍ତ ସାହୁ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ଭୁବନେଶ୍ୱର ସତ୍‌ସଙ୍ଗ ବିହାରର ପରିଚାଳକ ସହ-ପ୍ରତି-ରତ୍ୱିକ ଅଭୟ କୁମାର ପରିଡ଼ା, ଧୃତିକାମ ମହାନ୍ତି, କୃପାନିଧି ବିଶ୍ୱାଳ ଏବଂ ବନମାଳୀପୁର ସତ୍‌ସଙ୍ଗ ବିହାରର ପରିଚାଳକ ବୈରାଗୀ ସାହୁ ଶୋକପ୍ରକାଶ କରିଛନ୍ତି।

## ଏକାମ୍ର ଚନ୍ଦନ ମହୋତ୍ସବ




ଭୁବନେଶ୍ୱର, ୯।୬(ସମିସ): ଦେବଯୁଗ୍ ପରିବାର ପକ୍ଷରୁ ଅଧ୍ୟକ୍ଷ ଦେବବ୍ରତ ନାୟକଙ୍କ ନେତୃତ୍ୱରେ ପୁରୁଣା ଭୁବନେଶ୍ୱର, ମାଉସୀମା ଛକସ୍ଥିତ ଶ୍ରୀ ରାମେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଏକାମ୍ର ଚନ୍ଦନ ମହୋତ୍ସବ ପାଳିତ ହୋଇଯାଇଛି। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, କୁମାର ବାପି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ବିଜେପି ନେତା ଗୋଲକ ମହାପାତ୍ର, ବିଧାୟକ ବାବୁ ସିଂ, ପ୍ରଶାନ୍ତ ଜଗଦ୍ଦେବ, ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ସୁର ରାଉତରାୟ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ ସଂଗଠନ ମନ୍ତ୍ରୀ ସାରଦା ଶତପଥି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର

ଭୁବନେଶ୍ୱର, ୯।୬(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଫରେଷ୍ଟ ପାର୍କ ଶାଖା ପକ୍ଷରୁ ୭ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ ଲୀନା, ଶୁଭଲକ୍ଷ୍ମୀ ଯୋଗ ଦେଇଥିଲେ। ଶିବିରରେ କାହାଣୀ ଓ ରାଜଯୋଗ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରାଯିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରକଳା, ସଙ୍ଗୀତ, ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶିବିରକୁ ବ୍ରହ୍ମାକୁମାରୀ ରେଣୁବାଳା, ବ୍ରହ୍ମାକୁମାରୀ ଅର୍ଚ୍ଚନା ଓ ସାମାଜିକ କର୍ମୀ ସନ୍ତୋଷୀ ଜୈନ ପ୍ରମୁଖ ପରିଚାଳନା କରିଥିଲେ।

# ବର୍ଷା ବାଧକ; ସରିଲାନି ଡ୍ରେନ୍ ସଫେଇ

ଭୁବନେଶ୍ୱର, ୯।୬(ସମିସ)

ଜଳବନ୍ଦୀକୁ ନେଇ ବିଏମ୍‌ସିରେ ଘନ ଘନ ବୈଠକ ବସିଲା। ଅଧିକାରୀମାନେ ରାଜଧାନୀର ଡ୍ରେନ୍ ଗୁଡ଼ିକ ବି ବୁଲି ଦେଖିଲେ। କେତେବେଳେ କେମିତି ମନ୍ତ୍ରୀ, ବିଧାୟକମାନେ ବି ରାଜଧାନୀର ଡ୍ରେନେଜ୍ ବ୍ୟବସ୍ଥା ପରଖିବାକୁ ଘଟଣାସ୍ଥଳକୁ ଚାଲିଗଲେ। ଏତେ ସବୁ ହେଲା, କିନ୍ତୁ ବର୍ଷରା ଦିନ ପୂର୍ବରୁ ବିଏମ୍‌ସି ଅଞ୍ଚଳରୁ ଡ୍ରେନ୍ ସଫେଇ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ମୌସୁମୀ ପୂର୍ବରୁ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କାମ ଶେଷ ହେବା କଥା। କିନ୍ତୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଡ୍ରେନ୍ ସଫେଇ କାର୍ଯ୍ୟ ମୌସୁମୀ ପୂର୍ବରୁ ଶେଷ ହୋଇପାରିଲା ନାହିଁ। ଯାହା ବର୍ଷା ଦିନେ ରାଜଧାନୀବାସୀଙ୍କ ପାଇଁ ବନ୍ୟା ଏବଂ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।



ବିଏମ୍‌ସି ଅଞ୍ଚଳରେ ମୋଟ ୧୮ ଶହ କିଲୋମିଟର ମଧ୍ୟମ ଏବଂ ଛୋଟ ଡ୍ରେନ୍ ରହିଛି। ଏଥିରୁ ୧୩୮୦ କିଲୋମିଟର ଡ୍ରେନ୍ ବିଏମ୍‌ସି ଅଧୀନରେ ରହିଛି। ୩୬୦ କିଲୋ ମିଟର ଡ୍ରେନ୍ ଆରଆଣ୍ଡବି ଅଧୀନରେ ରହିଛି। ୩୪ କିମି ଡ୍ରେନ୍ ଜାତୀୟ ରାଜପଥ ଅଧୀନରେ ରହିଛି। ବାକି ଡ୍ରେନ୍ ଇଡକୋ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ ରହିଛି। ସେହିପରି ଭୁବନେଶ୍ୱରରେ ଡ୍ରେନ୍ ନମ୍ବର ୧ରୁ ଆରମ୍ଭ କରି ୧୧ ପର୍ଯ୍ୟନ୍ତ ମୋଟ୍ ୭୭ କିଲୋମିଟର ମୁଖ୍ୟ ଡ୍ରେନ୍ ରହିଛି।

ମୁଖ୍ୟ ଡ୍ରେନ୍‌ର ସଫେଇ କାମ ୫୦ ପ୍ରତିଶତ ଶେଷ ହୋଇଯାଇଛି। ସେହିପରି ବେଳେ ଗଳି ଡ୍ରେନ୍‌ର ପଙ୍କଉଦ୍ଧାର କାର୍ଯ୍ୟ ୯୦ ପ୍ରତିଶତ ଏପର୍ଯ୍ୟନ୍ତ ଶେଷ ହୋଇଥିଲା ବେଳେ ଅନ୍ୟ ବିଭାଗର ଡ୍ରେନ୍ କାମ ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ହୋଇଛି ବୋଲି ବିଏମ୍‌ସି ସିଟି ଇଞ୍ଜିନିୟର ବିକାଶ ବେହେରା କହିଛନ୍ତି। ଶ୍ରୀ ବେହେରା କହିଛନ୍ତି ଚଳିତବର୍ଷ ମୌସୁମୀ ଜଲଦି ଆସିବାରୁ ସଫେଇ କାର୍ଯ୍ୟ ବିଳମ୍ବ ହୋଇଯାଇଛି। ବର୍ଷା ଯଦି ବାଧକ ନ ସାଜେ ତେବେ ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ ହୋଇଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ରାଜଧାନୀରେ ମୋଟ୍ ୧୭ସ୍ଥାନରେ ଜଳବନ୍ଦୀ ସମ୍ବେଦନଶୀଳ ସ୍ଥାନ ବିଏମ୍‌ସି ପକ୍ଷରୁ ଚିହ୍ନଟ କରାଯାଇଛି।

# ପୁରୁଣା ପତ୍ରିକାକୁ ଝୁରୁଛନ୍ତି ପାଠକ

### ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି ଅଧିକାଂଶ ପତ୍ରିକା

ଭୁବନେଶ୍ୱର, ୯।୬ (ସମିସ): ସମୟ ଯେତେ ଆଗକୁ ବଢୁଛି ପୁରୁଣା ବହି, ପତ୍ରିକା ଆଦକୁ ଲୋକମାନେ ସେତେ ମନେ ପକାଉଛନ୍ତି। ଆଗରୁ ସବୁ ଘରମାନଙ୍କୁ ସାପ୍ତାହିକ, ମାସିକ ବିଭିନ୍ନ ପ୍ରକାରର ଜହ୍ନମାମୁଁ, ସହକାର, ଆଜିକାଲି, ସଚିତ୍ର ବିଜୟା, ଡ଼ଗର, ବିଜ୍ଞାନ ତରଙ୍ଗ ପରି ପତ୍ରିକା ଆସୁଥିଲା। ହେଲେ ଏହିସବୁ ପତ୍ରିକା ଆଉ ଆସୁନଥିବାବେଳେ ଏବେ ବି ଲୋକମାନେ ଏହି ପତ୍ରିକା ସବୁକୁ ଝୁରିହେଉଛନ୍ତି।

ବର୍ତ୍ତମାନ ସମୟରେ କଥା, କାଦମ୍ବିନୀ, ରେବତୀ, ପୌରୁଷ, ସତ୍ୟବାଦୀ, ବିଜ୍ଞାନ ଦିଗନ୍ତ, ସାହିତ୍ୟ ଚର୍ଚ୍ଚା ଆଦି ପତ୍ରିକା ଆସୁଥିଲେ ମଧ୍ୟ ଡିଜିଟାଲ ଯୁଗରେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଏହି ପତ୍ରିକା ସଂଘର୍ଷ କରୁଛନ୍ତି।

ସ୍ମାର୍ଟସିଟି ଦିନକୁ ଦିନ ସ୍ମାର୍ଟ ହେବାରେ ଲାଗିଛି। ଫଳରେ ଦିନକୁ ଦିନ ଅନେକ ଲେଖକ, ଗାଳ୍ପିକ, କବି ସାହିତ୍ୟପ୍ରେମୀ ବାହାରୁଛନ୍ତି। ଏଥିସହିତ ଏମାନଙ୍କ ମଧ୍ୟରୁ ଅନେକ ପୁରୁଖା ସାହିତ୍ୟ ପ୍ରେମୀ ପୁରୁଣା ପତ୍ରିକା ସବୁକୁ ଝୁରି ହେଉଛନ୍ତି। ପୁରୁଣା ପତ୍ରିକାରେ ଆସୁଥିବା ଲେଖା, କବିତା, ଗପ, ଉପନ୍ୟାସ ବର୍ତ୍ତମାନ ସମୟ ସହିତ ଆକାଶ ପାତାଳ ଫରକ କହିଲେ ଚଳେ। ଏଥିସହିତ ସହରରେ

ଛତୁ ଫୁଟିଲା ପରି ବହି ଦୋକାନ ଗଳି କନ୍ଦିରେ ରହିଛି। ଏହି ସବୁ ଦୋକାନ ମାନଙ୍କରେ ବିଭିନ୍ନ ପ୍ରକାରର ପତ୍ରିକା ବହି ବିକ୍ରି ପାଇଁ ଆସୁଛି। ହେଲେ ଏବେ ବି ୬୦ ରୁ ୭୦ ପ୍ରତିଶତ ପତ୍ରିକା ବିକ୍ରି ହେଉନାହିଁ। ସେମିତି ଦୋକାନରେ ପଡ଼ିରହୁଛି। ବର୍ତ୍ତମାନ ଡିଜିଟାଲରେ ଲୋକମାନେ ଇ ପତ୍ରିକା, ବହି ଆଦି ପଢୁଛନ୍ତି। ଯେଉଁଥିପାଇଁ ପତ୍ରିକା ବହୁତ କମ ଲୋକ



କିଣୁଛନ୍ତି। ୧୯୯୧ ପୂର୍ବରୁ ଯେତେବେଳେ ବସ୍‌ଷ୍ଟାଣ୍ଡ ଏଠାରେ ରହିଥିଲା, ସେତେବେଳେ ସବୁ ବର୍ଗର ଲୋକଙ୍କ ଭିଡ଼ ଲାଗୁଥିଲା। ସେତେବେଳ ସମୟରେ ଆସୁଥିବା ପତ୍ରିକା ମଧ୍ୟ ଭଲ ବିକ୍ରି ହେଉଥିଲା। ଏଠାକୁ ଆସୁଥିବା ସାହିତ୍ୟପ୍ରେମୀ ଏବେ ବି ଜହ୍ନମାମୁ, ସଚିତ୍ର ବିଜୟା ପତ୍ରିକା ଆଦି ପୁରୁଣା ପତ୍ରିକା ଖୋଜନ୍ତି। ଏହି ପତ୍ରିକା ବିଷୟରେ ମଧ୍ୟ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରନ୍ତି ବୋଲି ନାରାୟଣୀ ବୁକ୍‌ଷ୍ଟୋର ମାଲିକ ବାବୁଲା ବେହେରା କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଗ ଅପେକ୍ଷା ଏବେ ପତ୍ରିକା ବିକ୍ରି ବହୁତ କମିଯାଇଛି। ଏବେ ସବୁ ଡିଜିଟାଲରେ ଚାଲୁଛି, କିଏ କାହିଁକି ପରିଶ୍ରମ କରି ଛକ ବଜାରକୁ ଆସି ବହି ପତ୍ରିକା କିଣି ପଢ଼ିବେ ବୋଲି ସେ କହିଛନ୍ତି। ତଥାପି ଏବେର ପତ୍ରିକା ସବୁ ମୋବାଇଲ ଯୁଗରେ ସଂଘର୍ଷ କରୁଛନ୍ତି ବୋଲି ସେ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୫ ● ପାଉଣ୍ଡ ୧୧୬.୧୪
- ୟୁରୋ ୯୮.୮୭ ● ୟେନ୍ ୫୯.୦୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୫୫୦ (ଭୁବନେଶ୍ୱର)
- ରୁପା : ୧,୧୦,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୪୫.୦୦
- ନିଫ୍ଟି ୨୫,୧୦୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସମସ୍ୟାରେ ୫୦୦ ଟଙ୍କିଆ ନୋଟ୍

# ନିଷିଦ୍ଧ କରିବାକୁ ଚନ୍ଦ୍ରବାବୁଙ୍କ ଦାବି

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ୫୦୦ଟଙ୍କିଆ ନୋଟ୍ ବିଷୟରେ ଅନେକ ପ୍ରକାରର ଖବର ଆସୁଛି। ସମ୍ପ୍ରତି ଏକ ଭିଡିଓରେ ଦାବି କରାଯାଇଥିଲା ଯେ ସରକାର ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ନିଷେଧ କରିବାକୁ ଯାଉଛନ୍ତି। ହେଲେ ସରକାର ଏହାକୁ ଅସ୍ୱୀକାର କରିଛନ୍ତି। କିନ୍ତୁ ଏବେ ଏଥିରେ ଏକ ନୂତନ ମୋଡ଼ ଆସିଛି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ୫୦୦ ଟଙ୍କିଆ ନୋଟ୍ ଉପରେ ନିଷେଧ କରିବାକୁ ଦାବି କରିଛନ୍ତି। ନାଇଡୁ କେନ୍ଦ୍ରରେ କ୍ଷମତାସୀନ ଏନଡିଏର ଏକ ଅଂଶ ତେଲୁଗୁ ଦେଶମ୍ ପାର୍ଟିର ମୁଖ୍ୟ। ନାଇଡୁ କହିଛନ୍ତି ଯେ ସମସ୍ତ ବଡ଼ ନୋଟ୍ ନିଷେଧ କରାଯିବା ଉଚିତ, ତେବେ ହିଁ ଆମେ ଦୁର୍ନୀତିରୁ ମୁକ୍ତି ପାଇପାରିବୁ।



ଏକ ସାକ୍ଷାତକାରରେ ସେ କହିଥିଲେ ଯେ କେବଳ ୧୦୦ ଏବଂ ୨୦୦ ଟଙ୍କା ତଳକୁ ନୋଟ୍ ରହିବା ଉଚିତ। ୫୦୦ ଟଙ୍କିଆ ନୋଟ୍ ମଧ ନିଷେଧ କରାଯିବା ଉଚିତ। ସରକାର ୨୦୧୬ ରେ ବିମୁଦ୍ରାୟନ ଘୋଷଣା କରିଥିଲେ। ଏହା ଅଧୀନରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ଉପରେ ନିଷେଧ କରାଯାଇଥିଲା। ତଥାପି, ପରେ ୨୦୦୦ ଏବଂ ୫୦୦ ଟଙ୍କାର ନୂତନ ନୋଟ୍ ଜାରି କରାଯାଇଥିଲା। ୨୦୦୦ ଟଙ୍କିଆ ନୋଟ୍ ବନ୍ଦ କରାଯାଇଛି ଯେତେବେଳେ ୫୦୦ ଟଙ୍କିଆ ନୋଟ୍ ସର୍ବାଧିକ ବ୍ୟବହୃତ ନୋଟ୍। ଏହି ନୋଟ୍ଗୁଡ଼ିକ ମୋଟ ନୋଟ୍ ର ୪୧%।

ମୂଲ୍ୟ ଦୃଷ୍ଟିରୁ ୫୦୦ ଟଙ୍କିଆ ନୋଟ୍ର ଅଂଶ ୮୬%। ଅର୍ଥାତ୍, ଅଧିକାଂଶ ଲୋକ ୫୦୦ ଟଙ୍କିଆ ନୋଟ୍ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ, ୨୦, ୫୦, ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ କମ୍ ବ୍ୟବହାର ହେଉଛି। ସରକାର ଚାହାଁନ୍ତି ଯେ ଲୋକମାନେ ଛୋଟ ନୋଟ୍ ବ୍ୟବହାର କରନ୍ତୁ ଏବଂ ଯଥାସମ୍ଭବ ଡିଜିଟାଲ୍ ପେମେଣ୍ଟ ବ୍ୟବହାର କରନ୍ତୁ, କିନ୍ତୁ ଏହା ହେଉନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ପ୍ରତି କହିଛନ୍ତି ଯେ ସରକାର ଛୋଟ ନୋଟ୍ ଏବଂ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ କାମ କରୁଛନ୍ତି। ସେ କହିଛନ୍ତି ଯେ ସରକାର ଛୋଟ ନୋଟ୍ ଅଧିକ ବ୍ୟବହାର ହେଉ ତାହା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛନ୍ତି।

### ସୁନାକୁ ଟପିଲା ଚାନ୍ଦି

# ରେକର୍ଡସ୍ତରରେ ରୁପା ମୂଲ୍ୟ

ନୂଆଦିଲ୍ଲୀ, ୯।୬(ଏଜେନ୍ସି)

ବିଗତ କିଛି ମାସ ହେବ ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସୁନା ଓ ରୁପାର ଚାହିଦା ପୁଣି ଥରେ ବଢ଼ିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ନିକଟତର ହେଉଥିବାବେଳେ ରୁପା ମୂଲ୍ୟ ମଧ ଲକ୍ଷେ ଟଙ୍କା ଉପରକୁ ଯାଇଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିଯାଇଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୮ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରି ଏକ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଦିଲ୍ଲୀ ଦରକୁ ଟପିଯାଇଛି। ସହରରେ ରୁପା କିଲୋ ପିଛା ୧.୧୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ସୋମବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୦,୪୦୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୮୯,୫୫୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ଦର ୯୭,୬୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ଆଜି ଗୋଟିଏ ଦିନରେ ରୁପା କିଲୋ ପିଛା ୧୦୦୦ ଟଙ୍କା ବୃଦ୍ଧି ପାଇ ୧,୦୮,୧୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୨୮୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୯୭,୭୮୦ ଟଙ୍କା ହୋଇଛି। ଦୃଢ଼ ବିଶ୍ୱ ସଙ୍କେତ ମଧ୍ୟରେ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧.୦୮ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ୨୫୦ ଟଙ୍କା



ହ୍ରାସ ପାଇ ୧୦ ଗ୍ରାମ ପିଛା ଏହା ୯୭,୩୫୦ ଟଙ୍କା ରହିଥିବା ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ପୂର୍ବରୁ, ଶନିବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧,୬୩୦ ଟଙ୍କା ହ୍ରାସ ପାଇ ୯୮,୦୬୦ ଟଙ୍କାରେ ପହଞ୍ଚିଥିଲା। ସେହି ସମୟରେ, ରୁପାର ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୧,୦୭,୧୦୦ ଟଙ୍କାରେ ସ୍ଥିର ରହିଥିଲା। ବ୍ୟବସାୟୀମାନେ କହିଛନ୍ତି ଯେ ନିବେଶକଙ୍କ ପ୍ରବଳ ଚାହିଦା, ଦୁର୍ବଳ ଡଲାର, ଭୂ-ରାଜନୈତିକ ଉତ୍ତେଜନା ଏବଂ ଇଭି ଏବଂ ସୌର ଶିଳ୍ପରେ ଚାହିଦାରେ ବୃଦ୍ଧି ଯୋଗୁଁ ରୁପା ମୂଲ୍ୟ ଏପରି ଉପରମୁହାଁ ହେଉଛି। ଆମେରିକା-ଚୀନ୍ ବାଣିଜ୍ୟ ଆଲୋଚନା ଏବଂ ପେରୋଲ୍ ରିପୋର୍ଟ ଯୋଗୁଁ ସୁନା ଦୁର୍ବଳ ହୋଇଛି। ବିଶ୍ୱ ବଜାରରେ ସ୍ପଟ୍ ବଜାରରେ ସୁନା ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇ ଆଉନ୍ସ ପିଛା ୩,୩୧୨.୮୪ ଡଲାରରେ ପହଞ୍ଚିଛି। ଏସବୁବାଦ୍ ଆନ୍ତର୍ଜାତୀୟ ବଜାରରେ ରୁପା ମୂଲ୍ୟରେ ୦.୯ ପ୍ରତିଶତ ବୃଦ୍ଧି ପାଇ ଆଉନ୍ସ ପ୍ରତି ଏହା ୩୬.୩୦ ଡଲାରରେ ପହଞ୍ଚିଛି।

**କେଜି ୧.୧୦ ଲକ୍ଷ**

**ଅନ୍ତର୍ଜାତୀୟ ବଜାରରେ ରୁପା ୧୩ ବର୍ଷରେ ସର୍ବୋଚ୍ଚ**

# ପୁଣି କାର୍ଯ୍ୟକ୍ଷମ ହେବ କର୍ଣ୍ଣାଟକର କୋଲାର ଗୋଲ୍ଡ ଫିଲ୍ଡସ୍

ବାଙ୍ଗାଲୋର, ୯।୬(ଏଜେନ୍ସି): ପୁଣି ଥରେ ଚାଲିବ ଦେଶର ବହୁ ପୁରୁଣା ସୁନା ଖଣି। କର୍ଣ୍ଣାଟକର କୋଲାର ଗୋଲ୍ଡ ଫିଲ୍ଡସ୍ (କେଜିଏଫ୍) କାର୍ଯ୍ୟକ୍ଷମ ହେବ। ପାଖାପାଖି ୮୦ ବର୍ଷର ଦୀର୍ଘ ବ୍ୟବଧାନ ପରେ ଭାରତର ଏହି ଐତିହାସିକ ସୁନା



**୮୦ ବର୍ଷ ପରେ ଆରମ୍ଭ ହେବ ଉତ୍ପାଦନ**

ଖଣି ପୁନଃ କାର୍ଯ୍ୟାରମ୍ଭ କରିବାକୁ ଯାଉଛି। ସ୍ୱାଧୀନତା ପରେ ଦ୍ୱିତୀୟଥର ଖୋଲିବାକୁ ଯାଉଥିବା ଏହା ଭାରତର ପ୍ରଥମ ସୁନା ଖଣି। ସରକାରୀ ଅନୁମାନ ଅନୁସାରେ କେଜିଏଫ୍‌କୁ ବାର୍ଷିକ ଅନୁନ୍ୟ ୭୫୦ କେଜି ସୁନା ଉତ୍ପାଦନ ହେବ ବୋଲି ଆଶା କରାଯାଉଛି। ଯଦି ସୁନା ଖଣି ପୁଣି କାର୍ଯ୍ୟକ୍ଷମ ହୁଏ ତେବେ ଭାରତର ବିଦେଶ ଉପରେ ନିର୍ଭରଶୀଳତା ହ୍ରାସ ହେବ।

ଭାରତ ବିଶ୍ୱର ସବୁଠୁ ବଡ଼ ସୁନା ଉତ୍ପାଦନକାରୀ ଦେଶ। ଦେଶର ଆବଶ୍ୟକ ଅଧିକାଂଶ ସୁନା ବିଦେଶରୁ ଆମଦାନୀ ହୋଇଥାଏ। କେଜିଏଫ୍ ଯଦି ପୁଣି ଚାଲୁ ହୁଏ ନା କେବଳ ବୈଦେଶିକ ମୁଦ୍ରା ସଞ୍ଚୟ ହେବ ବରଂ ସ୍ଥାନୀୟ ରୋଜଗାର ଓ ଆଞ୍ଚଳିକ ବିକାଶକୁ ଗତି ମିଳିବ। କୋଲାର ଗୋଲ୍ଡ ଫିଲ୍ଡସ ଏକ ସମୟରେ ଦେଶର ସବୁଠୁ ସମୃଦ୍ଧ ସୁନା ଖଣି ମଧ୍ୟରେ ଅନ୍ୟତମ ଥିଲା। ଦେଶରେ ବ୍ରିଟିଶ ଶାସନ କାଳରେ ଏଠାରୁ ବିପୁଳ ସୁନା ଉତ୍ତୋଳନ ହେଉଥିଲା। ଏବେ ନୂଆ ଟେକ୍ନୋଲୋଜି ଓ ଆଧୁନିକ ମେସିନ ସହାୟତାରେ ଏହି ଖଣିକୁ ପୁଣି ଉତ୍ପାଦକ କରାଯିବ।

ବ୍ରିଟିଶ ଓ ଭାରତ ସରକାର ୧୮୮୦ରୁ ୨୦୦୧ ମସିହା ପର୍ଯ୍ୟନ୍ତ ୧୨୧ ବର୍ଷ ଧରି କେଜିଏଫରୁ ୯୦୦ ଟନରୁ ଅଧିକ ସୁନା ଉତ୍ତୋଳନ କରିଛନ୍ତି। ତେବେ ୨୦୦୧ ରେ ଏଠାରୁ ସୁନା ଉତ୍ତୋଳନ ଉପରେ ରୋକ ଲଗାଯାଇଥିଲା। ଏଣୁ କେଜିଏଫ୍‌କୁ ଏକ ସମୟରେ 'ସୁନାର ସହର' ଓ 'ମିନି ଇଂଲଣ୍ଡ' କୁହାଯାଉଥିଲା। ଖ୍ରୀଷ୍ଟପୂର୍ବ ୧୦୦୪ରୁ ୧୧୧୬ ପର୍ଯ୍ୟନ୍ତ ଚୋଳ ସାମ୍ରାଜ୍ୟ ସମ୍ପର୍କିତ ଶିଳାଲେଖ ଓ ଗ୍ରନ୍ଥରେ ଗୋଲ୍ଡ ମାଇନିଂର ଉଲ୍ଲେଖ ରହିଛି। ୧୩୩୬ ମସିହାରୁ ୧୬୪୬ ମସିହା ପର୍ଯ୍ୟନ୍ତ ଏଠାରୁ ବିଜୟ ନଗର ରାଜବଂଶ ଓ ପରେ ୧୭୫୦ରୁ ୧୭୯୯ ମସିହା ପର୍ଯ୍ୟନ୍ତ ଟିପୁ ସୁଲତାନ ଏଠାରୁ ସୁନା ବାହାର କରୁଥିଲେ। ୧୮୦୨ରେ ବ୍ରିଟିଶ ସରକାରରେ ଲେଫ୍ଟନାଣ୍ଟ ଜନ ୱାରେନ କୋଲାର ସ୍ୱର୍ଣ୍ଣ ଭଣ୍ଡାର ଉପରେ ଗବେଷଣା କରିଥିଲେ। ୧୮୦୪ ଓ ୧୮୬୦ ମସିହା ପର୍ଯ୍ୟନ୍ତ ଏଠାରେ ଇଂରେଜମାନେ ଅନେକ ଗବେଷଣା ଓ ସର୍ଭେକ୍ଷଣ କରିବା ପରେ ସୁନା ଖଣି କରିବାକୁ ନିଷ୍ପତ୍ତି ନେଇଥିଲେ। ୧୮୮୦ ମସିହାରେ ଇଂଲଣ୍ଡର ଜନ ଟେଲର ଆଣ୍ଡ ସନସ୍ କମ୍ପାନୀ ଏଠାରେ ସୁନା ଉତ୍ତୋଳନ ଆରମ୍ଭ କରିଥିଲା। ୧୯୪୩ ମସିହା ପର୍ଯ୍ୟନ୍ତ ଇଂରେଜମାନେ କୋଲାରରୁ ୫୮୩ ଟନ ସୁନା ଉତ୍ପାଦନ କରିଥିଲେ ଓ ୧୯୪୭ ମସିହା ପର୍ଯ୍ୟନ୍ତ ନିଜ ରାଜକୋଷ ଭରିବାରେ ଲାଗିଥିଲେ। ୧୯୪୭ ମସିହାରେ ବ୍ରିଟିଶ ଭାରତ ଛାଡି ପଳାଇଥିଲେ ଓ ୧୯୫୬ ମସିହାରେ କର୍ଣ୍ଣାଟକ ସରକାର କେଜିଏଫକୁ ନିଜ ହାତକୁ ନେଇଥିଲେ। ରାଜ୍ୟ ସରକାର ଜନ ଟେଲର ଆଣ୍ଡ ସନସ୍ କୁ ମାଇନିଂ କନସଲ୍ଟାଣ୍ଟ ଆପଏଣ୍ଟ କରି ସୁନା ଖଣି ଚଳାଇ ରଖିଥିଲେ।

### ପୂର୍ବତନ ଡବ୍ଲ୍ୟୁଇଏଫ୍ ଏମ୍‌ଡିଙ୍କ ଚେତାବନୀ

# ଭାରତର ମୁଣ୍ଡ ପିଛା ଆୟ ଚିନ୍ତାଜନକ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଜାପାନକୁ ଟପି ଭାରତ ଖୁବ୍‌ଶୀଘ୍ର ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ପାଲଟିବାକୁ ଯାଉଛି। ଏହି ଖବରକୁ ନେଇ ଦେଶବାସୀ ଖୁସି। ହେଲେ ବିଶେଷଜ୍ଞଙ୍କ ମତରେ ଏହାକୁ ନେଇ ଅଧିକ ଖୁସି ହେବା ଉଚିତ ନୁହେଁ। ଯଦିଓ ଅର୍ଥନୀତିର ଆକାର କ୍ଷେତ୍ରରେ ଭାରତ ଜାପାନକୁ ପଛରେ ପକାଇବାକୁ ଯାଉଛି, ମୁଣ୍ଡ ପିଛା ଆୟ କ୍ଷେତ୍ରରେ ଦେଶ ଜାପାନଠୁ ବହୁ ପଛରେ। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ଲାଉଡ୍ ସ୍ମାଦଜା କହିଛନ୍ତି ଯେ, ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ବହୁତ ବଡ଼, ଏଥିରେ ଦୁଇ ମତ ନାହିଁ। ତେବେ ମୁଣ୍ଡ ପିଛା ଜିଡିପି କ୍ଷେତ୍ରରେ ଭାରତ ଜାପାନଠାରୁ ବହୁ ପଛରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁସାରେ, ୨୦୨୫ ଏପ୍ରିଲ ସୁଦ୍ଧା ଭାରତର ମୁଣ୍ଡ ପିଛା ଜିଡିପି ୨,୮୭୮.୪ ଡଲାର ବା ୨.୫ ଲକ୍ଷ ଟଙ୍କା ରହିଛି। ଏହା ଜାପାନର ମୁଣ୍ଡ ପିଛା ଜିଡିପିର ମାତ୍ର ୮.୫%।



ପ୍ରକାଶଯୋଗ୍ୟ, ଜାପାନର ମୁଣ୍ଡ ପିଛା ଜିଡିପି ରହିଛି ୩୩,୯୫୫.୭ ଡଲାର ବା ୨୯ ଲକ୍ଷ ଟଙ୍କା। ଏହାର ଅର୍ଥ, ଜାପାନର ମୁଣ୍ଡ ପିଛା ଆୟ ଭାରତଠାରୁ ପ୍ରାୟ ୧୧.୮ ଗୁଣା ଅଧିକ। ସ୍ମାଦଜାଙ୍କ ଅନୁସାରେ, ଭାରତୀୟ ଅର୍ଥ ବ୍ୟବସ୍ଥାର ଆକାର ଏକ ଭଲ ସଙ୍କେତ। ଏଥିରୁ ଜଣାପଡୁଛି ଯେ, ବିଶ୍ୱ ସ୍ତରରେ ଭାରତର ଆର୍ଥିକ ଓଜନ କେତେ। ସ୍ମାଦଜା କୁହନ୍ତି ଯେ, ଭାରତର ଆର୍ଥିକ ସୁଧାରକୁ ଆହୁରି ଦ୍ରୁତ କରାଯିବା ଉଚିତ। ସେ ଏହା ଜୋର ଦେଇଛନ୍ତି ଯେ, ଆର୍ଥିକ ବିକାଶର ଲାଭ ସମସ୍ତ ନାଗରିକଙ୍କୁ ମିଳିବା ଦରକାର। ଏହା କେବଳ ଅଭିବୃଦ୍ଧିଶୀଳ ମଧ୍ୟମ ବର୍ଗଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଭାରତ ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଏକ ମହତ୍ୱପୂର୍ଣ୍ଣ ମୋଡ଼ରେ ଛିଡ଼ାହୋଇଛି। ଭାରତ ପାଖରେ ବିଗ୍ ଡାଟାର ଫାଇଦା ରହିଛି। ଦେଶରେ ଇଣ୍ଟର୍‌ନେଟ୍ ଏବଂ ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର ହୋଇଥାଏ। ଏଥିପାଇଁ ଏଠାରେ ଡାଟା ଚାହିଦା ଦ୍ରୁତ ବେଗରେ ବଢୁଛି। ସେ ଚେତାବନୀ ଦେଇଛନ୍ତି ଯେ, ଭାରତକୁ ଡାଟା ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପଡ଼ିବ। ଆମେରିକୀୟ ଟେକ୍ କୋ ଜି କମ୍ପାନୀଗୁଡ଼ିକ ଭାରତର ଡାଟା ପର୍ଯ୍ୟନ୍ତ ପହଞ୍ଚିବାକୁ ଚାହାନ୍ତି। କାରଣ ଚୀନ୍ ଏହାର ଡାଟାର ବ୍ୟବହାର ଉପରେ ରୋକ୍ ଲଗାଇ ଦେଇଛି। ସ୍ମାଦଜା କହିଛନ୍ତି ଯେ, ଭାରତରେ ଆମକୁ ସୁନିଶ୍ଚିତ କରିବାକୁ ହେବ ଯେ, ଆମେ ଏହି ବଡ଼ ରଣନୀତିକ ସମ୍ପତ୍ତିକୁ ଯେପରି ସୁରକ୍ଷା ଦେଇପାରିବୁ। ଏହି ଡାଟା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡିପ୍ ଟେକ୍ ଭଳି ପ୍ରଯୁକ୍ତିଗତ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ। ଏହାର ବ୍ୟବହାର ସମସ୍ତଙ୍କ ଫାଇଦା ପାଇଁ କରାଯିବା ଉଚିତ।

# ମାଗଣାରେ ଆଧାର ଅପଡେଟ୍ ଶେଷ ସମୟସୀମା ଜୁନ୍ ୧୪

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ମାଗଣାରେ ଆଧାର କାର୍ଡ ଅପଡେଟ୍ କରିବାର ସୁଯୋଗ ଏବେ ବି ଅଛି। କେନ୍ଦ୍ର ସରକାର ମାଗଣାରେ ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ଜୁନ୍ ୧୪ ଧାର୍ଯ୍ୟ କରିଛନ୍ତି। ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ ଅର୍ଥାତ୍ ୟୁଆଇଡିଏଆଇ ମାଗଣାରେ ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ସ୍ଥିର କରିଛି। ୟୁଆଇଡିଏଆଇ ଦ୍ୱାରା ବହୁ ଦିନ ପୂର୍ବରୁ ମାଗଣା ଆଧାର କାର୍ଡ ଅପଡେଟ୍ କରିବାର ସୁବିଧା ଆରମ୍ଭ କରାଯାଇଥିଲା। ପୂର୍ବରୁ ମାଗଣା ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ଡିସେମ୍ବର ୧୪ ଥିଲା, ଯାହା ପରେ ଏହି ତାରିଖକୁ ବାରମ୍ବାର ବୃଦ୍ଧି କରାଯାଉଛି। ଯଦି ଜଣେ ମାଗଣା ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ଶେଷ ହେବା ପରେ ଆଧାର କାର୍ଡ ଅପଡେଟ୍ କରନ୍ତି, ତେବେ ତାଙ୍କୁ ୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଏଥିପାଇଁ myAadhaar ପୋର୍ଟାଲ୍‌କୁ ଯାଇ ଆଧାର କାର୍ଡ ଅପଡେଟ୍ କରିପାରିବେ। ଏହାବ୍ୟତୀତ, ଆପଣଙ୍କୁ କିଛି ଅପଡେଟ୍ ପାଇଁ ଆଧାର କେନ୍ଦ୍ରକୁ ମଧ ଯିବାକୁ ପଡ଼ିପାରେ। ଏଥିରେ ବାୟୋମେଟ୍ରିକ୍ ଡାଟା ଅପଡେଟ୍ ଅନ୍ତର୍ଭୁକ୍ତ।

### ଅନ୍‌ଲାଇନ୍‌ରେ ଆଧାର ଅପଡେଟ୍ ପାଇଁ ଆବଶ୍ୟକ କାଗଜପତ୍ର

■ ପ୍ରଥମେ ୟୁଆଇଡିଏଆଇର ଅଫିସିଆଲ୍ ୱେବସାଇଟ୍ ଯିବାକୁ ହେବ ■ ମୋ ଆଧାରକୁ ଯାଆନ୍ତୁ ଏବଂ ଆଧାର ଅପଡେଟ୍ ବିକଳ୍ପ ଉପରେ କ୍ଲିକ୍ କରନ୍ତୁ ■ ଆପଣଙ୍କର ଆଧାର କାର୍ଡ ନମ୍ବର ପ୍ରବେଶ କରନ୍ତୁ ଏବଂ କ୍ୟାପଚା କୋଡ୍ ପ୍ରବେଶ କରନ୍ତୁ ■ ଓଟିପି ସାହାଯ୍ୟରେ ଲଗଇନ୍ କରନ୍ତୁ ■ ଏବେ ଆପଣ ଯେ କୌଣସି ସୂଚନା ଅପଡେଟ୍ କରିବାକୁ ଚାହୁଁଛନ୍ତି ତାହା ଅପଡେଟ୍ କରନ୍ତୁ ■ ଅପଡେଟ୍ ସୂଚନା ଉପରେ କ୍ଲିକ୍ କରନ୍ତୁ ଏବଂ ଡକ୍ୟୁମେଣ୍ଟଗୁଡ଼ିକ ଅପଲୋଡ୍ କରନ୍ତୁ ■ ଅନୁରୋଧ ପଠାନ୍ତୁ ଏବଂ ଏବେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏକ ୟୁଆର୍‌ଏନ୍ ପାଆନ୍ତୁ

### ଏପ୍ରିଲରୁ ରେଆର ଆର୍ଥ ମ୍ୟାଗ୍ନେଟ୍ ଯୋଗାଣ ବନ୍ଦ କରିଛି ଚୀନ୍

# ବନ୍ଦ ହୋଇଯିବ ଇଭି, ଇଲେକ୍ଟ୍ରୋନିକ୍ସ କମ୍ପାନୀ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଭାରତ ସମେତ ଅନେକ ଦେଶକୁ ଚୀନ୍ ରେଆର ଆର୍ଥ ମ୍ୟାଗନେଟ୍ ରପ୍ତାନି ବନ୍ଦ କରିଦେଇଛି। ଏହାର ପ୍ରଭାବରେ ଭାରତର ଇଭି ଏବଂ ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡିକ ବନ୍ଦ ହୋଇଯିବ ସ୍ଥିତିରେ ପହଞ୍ଚିଛନ୍ତି। ଏଥିଯୋଗୁ ଇଭି ଶିଳ୍ପ ସହିତ ଭାରତରେ ଇଲେକ୍ଟ୍ରୋନିକ୍ ଶିଳ୍ପଗୁଡିକ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ବିଶ୍ୱରେ ରେଆର ଆର୍ଥ ଉପାଦାନ ଖଣି କ୍ଷେତ୍ରରେ ଚୀନ୍‌ର ଭାଗ ପ୍ରାୟ ୭୦ ପ୍ରତିଶତ ଏବଂ ବିଶ୍ୱ ଉତ୍ପାଦନରେ ଏହାର ଅଂଶ ୯୦ ପ୍ରତିଶତ ରହିଛି। ଯୋଗାଣ ବନ୍ଦ ହୋଇଥିବାରୁ ବର୍ତ୍ତମାନ ସମୟରେ ଭାରତ ସରକାର ଏହାର ଯୋଗାଣ ପାଇଁ ଚୀନ୍ ସହିତ ଆଲୋଚନା କରୁଛନ୍ତି। ଏହାବ୍ୟତୀତ ରେଆର ଆର୍ଥ ମ୍ୟାଗନେଟ୍ ଯୋଗାଣ ପାଇଁ ଭାରତ ଅନ୍ୟ ୫ଟି ଦେଶ ସହିତ ମଧ ଆଲୋଚନା ଆରମ୍ଭ କରିଛି। ଏଥିରେ ଭିଏତନାମ, ଇଣ୍ଡୋନେସିଆ, ଜାପାନ, ଆମେରିକା ଏବଂ ରୁଷ ଅନ୍ତର୍ଭୁକ୍ତ। ଭାରତ ୮୦୯ ଟନ୍ ରେଆର ଆର୍ଥ ମ୍ୟାଗନେଟ୍ ଆମଦାନୀ କରିଥାଏ। ଏକ ରିପୋର୍ଟ ଅନୁଯାୟୀ, ଅଟୋ କମ୍ପାନୀଗୁଡ଼ିକ ଜୁନ୍ ଶେଷ ପର୍ଯ୍ୟନ୍ତ ରେଆର ଆର୍ଥ ମ୍ୟାଗନେଟ୍ ଷ୍ଟକ୍ ରଖିଛନ୍ତି। ଏହାର କାରଣ ହେଉଛି ଏପ୍ରିଲ ମଧ ଭାଗରୁ ଏଗୁଡ଼ିକର କୌଣସି ଯୋଗାଣ ହୋଇନାହିଁ। ସରକାର ଏହି ସମସ୍ୟାର କୂଟନୈତିକ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ବେଜିଂରେ ଥିବା ଭାରତୀୟ ଦୂତାବାସ ଭାରତୀୟ ଶିଳ୍ପ ପ୍ରତିନିଧିମଣ୍ଡଳୀ ଏବଂ ଚୀନ୍ ସରକାରୀ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ କରିବାକୁ ଚେଷ୍ଟା କରୁଛନ୍ତି।

ଅଧିକାରୀମାନେ କହିଛନ୍ତି ଯେ ଏବେ ଭିଏତନାମ ଏବଂ ଇଣ୍ଡୋନେସିଆରୁ ରେଆର ଆର୍ଥ ମ୍ୟାଗନେଟ୍ କିଣିବାର ସମ୍ଭାବନା ଅଧିକ ରହିଛି। ଜାପାନରେ ମଧ ରେଆର

**ବିକଳ୍ପ ସନ୍ଧାନରେ ଭାରତ ସରକାର**

ଆର୍ଥ ମ୍ୟାଗନେଟ୍ ଅଛି, କିନ୍ତୁ ସେମାନଙ୍କର ଗୁଣବତ୍ତା ଚୀନ୍ ପରି ନୁହେଁ। ଭିଏତନାମ ହେଉଛି ସବୁଠାରୁ ଉପଯୁକ୍ତ ବିକଳ୍ପ କାରଣ ସେଠାରୁ ତୁରନ୍ତ ଯୋଗାଣ ଶୃଙ୍ଖଳା ସ୍ଥାପନ କରିବା ସହଜ। ଏସୀୟ ଦେଶଗୁଡ଼ିକରୁ ଯୋଗାଣ ଶୃଙ୍ଖଳା ସ୍ଥାପନ କରିବାକୁ ୪୫ ଦିନ ଲାଗିପାରେ, ଯେତେବେଳେ କି ରୁଷ ଏବଂ ଆମେରିକା କ୍ଷେତ୍ରରେ ଏହି ଅବଧି ୬୦ଦିନ ହୋଇପାରେ।

ଚୀନ୍‌ରୁ ରେଆର ଆର୍ଥ ମ୍ୟାଗନେଟ୍ ଯୋଗାଣ ବନ୍ଦ ହେବା ଦ୍ୱାରା ଅଟୋ ଶିଳ୍ପ ସହିତ ଇଲେକ୍ଟ୍ରୋନିକ୍ ଶିଳ୍ପ, ବିଶେଷକରି ସ୍ମାର୍ଟୱାଚ୍ ଏବଂ ୱାୟାରଲେସ୍ ଇଅରବଡ୍ ଉତ୍ପାଦନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। କମ୍ପାନୀଗୁଡ଼ିକ ପାଖରେ ଏବେ କେବଳ କିଛି ମାସର ଷ୍ଟକ୍ ବାକି ଅଛି। ଯଦି ଏହି ସମୟ ମଧ୍ୟରେ ଚୀନ୍ ରୁ ଯୋଗାଣ ପୁନଃସ୍ଥାପିତ ନ ହୁଏ, ତେବେ ଏହା ଉତ୍ପାଦନକୁ ପ୍ରଭାବିତ କରିବ। ଏହା ରେଆର ଆର୍ଥ ମ୍ୟାଗନେଟ୍‌ବ୍ୟବହାର ହେଉଥିବା ଜିନିଷଗୁଡିକର ଅଭାବ ସୃଷ୍ଟି କରିପାରେ। ଏପରିକି ପ୍ରଥମ ତ୍ରୈମାସରେ ଦେଶରେ ସ୍ମାର୍ଟୱାଚ୍ ବିକ୍ରି ୩୩ପ୍ରତିଶତ ହ୍ରାସ ପାଇଛି।

# କ୍ୱାଣ୍ଟମ୍ ଏନର୍ଜି ଦ୍ୱାରା ହାଇଦ୍ରାବାଦରେ ବିନିର୍ମାଣ ସୁବିଧା ସମ୍ପ୍ରସାରଣ

ହାଇଦ୍ରାବାଦ, ୯।୬(ଏଜେନ୍ସି) : ହାଇଦ୍ରାବାଦ ଭିତ୍ତିକ ଇଭି ଷ୍ଟାର୍ଟଅପ୍, କ୍ୱାଣ୍ଟମ୍ ଏନର୍ଜି ଲିମିଟେଡ ପ୍ରସ୍ତାବିତ ଫ୍ୟୁଚର ସିଟି ହାଇଦ୍ରାବାଦ ନିକଟ ମହେଶ୍ୱରମ୍‌ରେ ଏହାର ଅତ୍ୟାଧୁନିକ ବିନିର୍ମାଣ ସୁବିଧା ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରୁଛି। ଏହି କାରଖାନା ଉକ୍ତ ଅଞ୍ଚଳରେ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ୱଚ୍ଛ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପର ଏକ ପେଣ୍ଟସ୍ଥଳ ହେବା ନିମନ୍ତେ ତେଲେଙ୍ଗାନାର ଦୂରଦୃଷ୍ଟି ପ୍ରତି ଅବଦାନ ରଖିବ। ବାର୍ଷିକ ୨ ଲକ୍ଷ ୟୁନିଟ ଉତ୍ପାଦନ କ୍ଷମତା ଏବଂ ୨.୪ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ହେବା ସହିତ ଏହି କାରଖାନାକୁ ଏକ ନେଟ୍-ଜିରୋ ପରିସର ହେବା ନିମନ୍ତେ ଡିଜାଇନ କରାଯାଇଛି, ଯାହା ପରିବେଶଗତ ଦୃଷ୍ଟିରୁ ଉତ୍ତରଦାୟୀ ଶିଳ୍ପ ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତ ସହିତ ମେଳଖାଉଛି। କ୍ୱାଣ୍ଟମ୍ ଏନର୍ଜିର ପ୍ରଚଳିତ ଲାଇନ ମଡେଲ ପ୍ଲାଜମା, ମିଲାନ ଏବଂ ବିଜିନେସ୍ ଏବଂ ଭାରତୀୟ ସଡ଼କ ଏବଂ ଜଳବାୟୁ ପରିସ୍ଥିତି ନିମନ୍ତେ ସ୍ୱତନ୍ତ୍ର ଭାବରେ ସ୍ମାର୍ଟ ବୈଶିଷ୍ଟ୍ୟଗୁଡିକ ସହିତ ପ୍ରଦର୍ଶନକୁ ସମନ୍ୱିତ କରି ବଜାରକୁ ଆସିବାକୁ ଥିବା ଏହାର ନୂତନ ଉତ୍ପାଦଗୁଡିକ ନବୋନ୍ମେଷୀ ଇଲେକ୍ଟ୍ରିକ ଦୁଇ-ଚକିଆ ଗାଡିଗୁଡିକ ନିମନ୍ତେ ଚାହିଦା ବୃଦ୍ଧି ଲକ୍ଷ୍ୟ କରିବା ପରେ ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ହାତକୁ ନିଆଯାଇଛି। ଏହି ଅବସରରେ କ୍ୱାଣ୍ଟମ୍ ଏନର୍ଜିର ଏମ୍‌ଡି ଚକ୍ରବର୍ତ୍ତୀ ଚୁକ୍କାପାଲ୍ଲି କହିଛନ୍ତି ଯେ, ମହେଶ୍ୱରମ୍‌ରେ ଥିବା ଆମର ଉତ୍ପାଦନ କାରଖାନାର ସମ୍ପ୍ରସାରଣ କ୍ୱାଣ୍ଟମ୍ ଏନର୍ଜିର ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ବିଦ୍ୟୁତ୍‌ଚାଳିତ ଗମନାଗମନ ବିପ୍ଳବ ଭାରତରେ ତ୍ୱରାନ୍ୱିତ ହେଉଥିବାବେଳେ ଆମେ ଉଚ୍ଚ-ଗୁଣବତ୍ତା, ଶକ୍ତି-ସଞ୍ଚୟକାରୀ ଦୁଇ-ଚକିଆ ଯାନ ଯୋଗାଇଦେବା ଲକ୍ଷ୍ୟ ରଖିଛୁ। ଯେଉଁଗୁଡିକ ପ୍ରଯୁକ୍ତିଗତ ଦୃଷ୍ଟିରୁ ଉନ୍ନତ ଏବଂ ପରିବେଶ ଦୃଷ୍ଟିରୁ ଦାୟିତ୍ୱସମ୍ପନ୍ନ ଅଟେ। ଏହି ନେଟ୍-ଜିରୋ ସୁବିଧା ଏକ ସ୍ୱଚ୍ଛ ଭବିଷ୍ୟତ ଏବଂ ଆମର ପରିବେଶ- ଅନୁକୂଳ ଗ୍ରାହକଙ୍କ ନିମନ୍ତେ ଏକ ସବୁଜ ପୃଥିବୀ ଗଢି ତୋଳିବାର ପ୍ରତିଶ୍ରୁତି ନିମନ୍ତେ ଆମର ଦୂରଦୃଷ୍ଟିକୁ ପ୍ରତିନିଧିତ୍ୱ କରୁଛି।



## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। କ୍ୟାରିୟରରେ ଉନ୍ନତି କରିବେ। ଖର୍ଚ୍ଚାନ୍ତ ହୋଇପାରନ୍ତି।

**ବୃଷ:** ପରିବାର ସଦସ୍ୟଙ୍କ ସହାୟତା ଯୋଗୁଁ ଅଟକି ଥିବା କାମକୁ ପୂରା କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟୟ ଅଧିକ ହେବ। ନୂଆ କାମ ହାତକୁ ଆସିପାରେ।

**ମିଥୁନ:** ସୁସମ୍ବାଦ ମିଳିବ। ଧନପ୍ରାପ୍ତି ଯୋଗ ରହିଛି। ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ନୂତନ ଜମି କ୍ରୟ କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଆଶା କରିଥିବା ଦିଗରୁ ଖୁସି ଖବର ମିଳିବ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୮: ନ୍ୟୁୟର୍କ ଓ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ।
- ୧୯୩୧- ନରୱେ ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୪୦: ଇଟାଲୀ ବିରୋଧରେ କାନାଡ଼ାର ଯୁଦ୍ଧ ଘୋଷଣା।
- ୧୯୬୭: ସିରିୟା ଓ ଇସ୍ରାଏଲ ମଧ୍ୟରେ ୬ ଦିନିଆ ଯୁଦ୍ଧର ପରିସମାପ୍ତି।
- ୨୦୦୩: ନାସାର ମଙ୍ଗଳଯାନ ରୋଭର ଲଞ୍ଚ୍ କରାଗଲା।

# ବିଶ୍ୱ ଚକ୍ଷୁଦାନ ଦିବସ



ପ୍ରତିବର୍ଷ ଜୁନ୍ ୧୦ ତାରିଖକୁ 'ବିଶ୍ୱ ଚକ୍ଷୁଦାନ ଦିବସ' ଭାବେ ପାଳନ କରାଯାଏ। ଲୋକଙ୍କୁ ନେତ୍ରଦାନ କରିବା ଲାଗି ଉତ୍ସାହିତ କରିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଅନ୍ଧାରରେ ଜୀବନ ଜିଉଁଥିବା ଲୋକଙ୍କ ଜୀବନକୁ ଚକ୍ଷୁଦାନ ଦ୍ୱାରା ଆଲୋକିତ କରିବା ହେଉଛି ଏହି ଦିବସର ଅନ୍ୟତମ ମୂଳ ଲକ୍ଷ୍ୟ। ଚକ୍ଷୁଦାନ ହେଉଛି ସବୁଠୁ ମହତ୍ ତଥା ବଡ଼ ଦାନ। ଆମ ଦେଶରେ ଆଜି ବି ଅନେକ ଲୋକ ଦୁର୍ଘଟଣାବଶତଃ ଦୃଷ୍ଟିଶକ୍ତି ହରାଉଥିବା ବେଳେ ଅନେକ ଜନ୍ମରୁ ଦୃଷ୍ଟିବାଧିତ ହୋଇଥାନ୍ତି। ତେବେ ଚକ୍ଷୁଦାନ ଦ୍ୱାରା ଜଣେ ଦୃଷ୍ଟିବାଧିତ ଦୃଷ୍ଟିଶକ୍ତି ଫେରିପାଆନ୍ତି। ତା'ସହ ଚକ୍ଷୁଦାନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଭିତରେ ଜୀବନ୍ତ ରୁହନ୍ତି। ବୟସ, ଲିଙ୍ଗ, ରକ୍ତବର୍ଗ ଓ ଜାତିଧର୍ମ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ଚକ୍ଷୁଦାନ କରି ପାରିବେ। ମୃତ୍ୟୁର ୬ ଘଣ୍ଟା ଭିତରେ ମାତ୍ର ୧୦ରୁ ୧୫ ମିନିଟ୍‌ରେ ସ୍ୱଚ୍ଛପଟଳ ସଂଗ୍ରହ କରାଯାଇଥାଏ। ତାକୁ ନେଇ ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇଥାଏ। ହେଲେ ସାମାଜିକ ଓ ଧାର୍ମିକ ପରମ୍ପରା କିମ୍ବା ଭୟ ଓ ଦ୍ୱନ୍ଦ୍ୱ ଯୋଗୁଁ ଲୋକମାନେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ତେଣୁ ସମସ୍ତଙ୍କୁ ଚକ୍ଷୁଦାନ ପାଇଁ ଉତ୍ସାହିତ ଓ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମଧୁମେହ, ଆଜ୍‌ମା, ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍ ରୋଗୀ ମଧ୍ୟ ଚକ୍ଷୁଦାନ କରିପାରିବେ। କିନ୍ତୁ ଏଡସ୍, ହେପାଟାଇଟିସ୍, ରକ୍ତ କର୍କଟ, ବ୍ରେନ ଟ୍ୟୁମରରେ ପୀଡ଼ିତ ରୋଗୀ ଚକ୍ଷୁଦାନ କରିପାରିବେ ନାହିଁ। ଜଣଙ୍କ ଚକ୍ଷୁଦାନ ଅନ୍ୟ ଦୁଇ ଜଣଙ୍କୁ ଆଲୋକ ଦେଖାଇଥାଏ। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ କର୍ମଶାଳା, ଆଲୋଚନାଚକ୍ର ମାଧ୍ୟମରେ ଚକ୍ଷୁଦାନ ପାଇଁ ପ୍ରୋତ୍ସାହିତ କରାଯାଏ।

# ଘର କାମ ପାଇଁ ସ୍ୱାମୀଙ୍କଠାରୁ ନିଅନ୍ତି ଟଙ୍କା

## ପୋଛା ପାଇଁ ୨ ହଜାର, ଝାଡୁ ପାଇଁ ହଜାରେ

ଗୃହିଣୀମାନେ ଘରର ପ୍ରତ୍ୟେକ କାମ କରିଥାନ୍ତି। ତା'ସହ ପୂରା ଘରର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥାଏ। ଏହି କ୍ରମରେ ଜଣେ ବିଦେଶିନୀ ଘରେ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ତାଙ୍କ ସ୍ୱାମୀଙ୍କଠାରୁ ଟଙ୍କା ନିଅନ୍ତି। ଝାଡ଼ୁ, ପୋଛାଠୁ ଆରମ୍ଭ କରି ଡ୍ରେସ୍ ସଫାସଫି କରିବା ପାଇଁ ସେ ଅଲଗା ଅଲଗା ଟଙ୍କା ନେଉଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ମହିଳା ଏହି କଥା ସେୟାର୍ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ସହ ବିତର୍କର ବିଷୟ ପାଲଟିଛି। ସମ୍ପୃକ୍ତ ମହିଳା ନିଜକୁ ଷ୍ଟେ-ଆଟ୍-ହୋମ୍-ମା ବୋଲି କହିଛନ୍ତି। ଏହି କାରଣରୁ ସେ ସ୍ୱାମୀଙ୍କଠାରୁ ଟଙ୍କା ନେଉଛନ୍ତି। ଏହିପରି ଭାବେ ସେ ନିଜକୁ ଘରର ସବୁଠୁ ଆୟକାରୀ ସଦସ୍ୟ ବୋଲି କହନ୍ତି। ପୋଷାକ ସଫା ସହ ଇସ୍ତ୍ରୀ କରିବା ଲାଗି ପ୍ରତି ମାସ ସେ ୯୨ ହଜାର ଟଙ୍କା ନେଇଥାନ୍ତି। ଝାଡୁ ପୋଛା ଲାଗି ପ୍ରତିଦିନ ହଜାରେ ଟଙ୍କା ନିଅନ୍ତି। ତେବେ ମାସକୁ ରୋଷେଇ ପାଇଁ ୩୪ ହଜାର ଟଙ୍କା ନେଉଥିବା ବେଳେ ପିଲାଙ୍କ ପାଇଁ ରୋଷେଇ କରିବାକୁ ଅତିରିକ୍ତ ୧୭ ହଜାର ଟଙ୍କା ମାସକୁ ଅଲଗା ନେଇଥାନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ ଧୂଳି ଝାଡ଼ିବା ପାଇଁ ୯ ହଜାର ଟଙ୍କା, ବେଡସିଟ୍ ସଫା ଓ ଏହାକୁ ବଦଳାଇବା ପାଇଁ ୨୩୦୦ ଟଙ୍କା ନିଅନ୍ତି। ଅନ୍ୟପକ୍ଷରେ କିଛି ଲୋକ ଏହାକୁ ଥଟ୍ଟା ପରିହାସ ବୋଲି କହିଥିବା ବେଳେ ଆଉ କିଛି ଏହାକୁ ମହିଳାଙ୍କର ଘର କାମକୁ ନେଇ ନୂଆ ଓ ରୋଚକୀୟ ଦୃଷ୍ଟିକୋଣ ବୋଲି କହିଛନ୍ତି।



# 'ଧୁରନ୍ଧର'

## ଲିକ୍ ହେଲା ରଣବୀର-ସଞ୍ଜୟଙ୍କ ଲୁକ୍

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର'କୁ ଦର୍ଶକେ ଅପେକ୍ଷା କରିଛନ୍ତି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। କିନ୍ତୁ ଫିଲ୍ମ ନିର୍ମାତା ଏଯାଏଁ ଏହାର ଫଟୋ କିମ୍ବା ଭିଡିଓ ଜାରି କରି ନାହାନ୍ତି। ମଝିରେ ମଝିରେ ସୁଟିଂ ସେଟ୍‌ରୁ ଲିକ୍ ହେଉଥିବା ଫଟୋ ଓ ଭିଡିଓ ଦେଖି ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଛି। ଇତିମଧ୍ୟରେ ରଣବୀର ଓ ସଞ୍ଜୟ ଦତ୍ତଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ରଣବୀର ଲମ୍ବା କେଶ ଓ ଦାଢ଼ି ସହ କଳାରଙ୍ଗର ପୋଷାକ ପିନ୍ଧି ଚାଲି ଚାଲି ଯାଉଥିବାର ଦେଖାଯାଇଛନ୍ତି। ରଣବୀରଙ୍କ ଏହି ଲୁକ୍ 'ପଦ୍ମାବତ୍'ର ଆଲାଉଦ୍ଦିନ୍ ଖିଲଜି ଲୁକ୍‌କୁ ମନେ ପକାଇ ଦେଉଛି। ସେହିଭଳି ସଞ୍ଜୟ ଧଳା ରଙ୍ଗର ଏକ କୁର୍ତ୍ତା ପାଇଜାମା ସହ ସାଲ୍ ପିନ୍ଧି ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ବୟସ୍କ ଲୋକଙ୍କ ଭଳି ଦେଖାଯାଉଛନ୍ତି। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଯାଏଁ 'ଧୁରନ୍ଧର' ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ଏହା ଚଳିତବର୍ଷ ଶେଷ ଆଡ଼କୁ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏଥିରେ ରଣବୀର, ସଞ୍ଜୟଙ୍କ ସହ ଆର୍. ମାଧବନ୍, ଅକ୍ଷୟ ଖାନ୍ନା ଓ ଅର୍ଜୁନ୍ ରାମପାଲ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।






# ସୁବର୍ଣ୍ଣ

## ଏମାସର ଚାଷ

**ଧାନ ଚାଷ ସହ ସବୁଜ ପନିପରିବା ଚାଷ ପାଇଁ ଜୁନ୍ ମାସ ବେଶ ଅନୁକୂଳ। ତେଣୁ ଚାଷୀଭାଇମାନେ ରୋଟାଭେଟର ଦ୍ୱାରା ଗୁଣ୍ଡଚାଷ କରି ଜମିକୁ ସମତୁଲ କରି ଚାଷ କାମ ଆରମ୍ଭ କରିପାରିବେ।**



ପାଳଙ୍ଗ ଶାଗ ବୁଣିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ। ଏଥିପାଇଁ ଜମିକୁ ୩ରୁ ୪ଥର ହଳ କରି ଗୋବରକୁ ବ୍ୟବହାର କରି ମାଟିକୁ ସମତଳ କରି ତଳି ପ୍ରସ୍ତୁତ କରି ବିହନ ବୁଣିଲେ, ମାସକ ପରେ ପାଳଙ୍ଗ ଅମଳ ହୋଇଥାଏ।

**ଭେଣ୍ଡି ଓ କାକୁଡ଼ି:** ଏହି ମାସରେ ଭେଣ୍ଡି ଏବଂ କାକୁଡ଼ି ଚାଷ ଆରମ୍ଭ କରିଲେ ଅକ୍ଟୋବର ମାସଯାଏଁ ଏହାକୁ ଅମଳ କରି ପାରିବେ।

ଏବେ ମକା ଓ ଲଘୁଶସ୍ୟ ଯଥା: ମାଣ୍ଡିଆ, ସୁଆଁ, ବାଜରା, କଦୋ ଆଦି ବୁଣି ପାରିବେ। ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣନ୍ତୁ। ଜମି ପ୍ରସ୍ତୁତ କରି ଅନୁମୋଦିତ ରାଶି ବିହନ ବୁଣନ୍ତୁ। ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିମାନଙ୍କରେ ହରଡ, ମୁଗ, ଝୁଡ଼ଙ୍ଗ ବିହନ ଧାଡ଼ିରେ ବୁଣିବା ସବୁଠୁ ଭଲ।

ବର୍ଷାଦିନିଆ ପନିପରିବା ପାଇଁ ତଳିଘେରା କରି ତଳି ପକାନ୍ତୁ। ଭେଣ୍ଡି, କଖାରୁ କାକୁଡ଼ି, କଲରା, ଜହ୍ନି, ଛଚିନ୍ଦ୍ରା, ଝୁଡ଼ଙ୍ଗ, ଶାଗ ଆଦି ପନିପରିବା ସହ ଫଳ ଗଛର ଚାରା ଲଗାନ୍ତୁ। ସେହିପରି ପଲିହାଉସ୍ ମଧ୍ୟରେ ବାଇଗଣ, ଲଙ୍କା ଏବଂ ଟମାଟୋ ଚାଷ ଆରମ୍ଭ କରିପାରିବେ।

ଧାନ ବିହନ ଚୟନ କରି ଏହାକୁ ବିଶୋଧନ କରି ତଳି ପକାଇବାକୁ ଉପଯୁକ୍ତ ସମୟ।

## ବର୍ଷା ପୂର୍ବରୁ ପ୍ରାଣୀଙ୍କ ଟିକାକରଣ ଜରୁରି

**ପାଣିପାଗ ଅନିୟମିତତା ଯୋଗୁଁ ମଣିଷ ପରି ପ୍ରାଣୀ ସମ୍ପଦ ପ୍ରଭାବିତ ହୁଅନ୍ତି। ଏହାଦ୍ୱାରା ପ୍ରାଣୀଙ୍କ ଶାରୀରିକ ସ୍ୱଭାବରେ ପରିବର୍ତ୍ତନ ସହ ସେମାନେ ରୋଗାକ୍ରାନ୍ତ ହୋଇଥାନ୍ତି। ଆଗକୁ ବର୍ଷାଦିନ ଥିବାରୁ ଗାଈ, ମଇଁଷି, ବାଛୁରୀ, ଛେଳି ଓ ମେଣ୍ଢାଆଦିଙ୍କ କ୍ଷେତ୍ରରେ ଗଳାଫୁଲା ବା ତଣ୍ଟିଫୁଲା, ବଜବଜିଆ ରୋଗ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କ ରହି ବର୍ଷା ପୂର୍ବରୁ ପ୍ରାଣୀଙ୍କର ଟିକାକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ।**



ଏହି ସମୟରେ ପ୍ରାଣୀଙ୍କ ଶରୀରରେ ଗଳାଫୁଲା ସମସ୍ୟା ଅଧିକ ଦେଖାଯାଏ। ଏହି ରୋଗ ହେଲେ, ପ୍ରାଣୀଙ୍କ ତଣ୍ଟି ଫୁଲଯାଇ ଜ୍ୱର ହେବା ଲକ୍ଷଣ ଦେଖାଯାଏ। ଏଥିରେ ପ୍ରାଣୀଙ୍କ ମୃତ୍ୟୁ ଆଶଙ୍କା ଅଧିକ ଥାଏ। ଠିକ୍ ସେହିପରି ବଜବଜିଆ ରୋଗରେ ଆକ୍ରାନ୍ତ ପ୍ରାଣୀଙ୍କୁ ଜ୍ୱର ହୋଇଥାଏ, ବେକ ଆଉ ଗୋଡ ମାଂସରେ ପାଣି ଜମି ଯିବା ସହ କାର୍ଯ୍ୟ କରିବା ଓ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଲକ୍ଷଣ ଦେଖାଯାଏ।

ତେଣୁ ଚାଷୀଭାଇମାନେ ରୋଗ ହେବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶରେ ଟିକା ଦେବା ଜରୁରି। ଏହାସହିତ ପ୍ରାଣୀଙ୍କୁ ସୁଷମଖାଦ୍ୟ, ଭିଟାମିନ୍, ମିନେରାଲ ଏ ପ୍ରଚୁର ସବୁଜ ଘାସ ଖାଇବାକୁ ଦେବା ଉଚିତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପିଇବାକୁ ସ୍ୱଚ୍ଛ ଜଳ ଯୋଗାଇ ପାରିବେ। ବର୍ଷା ସମୟରେ ଯେଉଁ ସ୍ଥାନରେ ଖାଲ ରହିଥିବ ତାହାକୁ ପୋତିଦେବା ଜରୁରି। ଏହାଦ୍ୱାରା ମଶାମାଛି କି ଡାଆଁଶ କମ୍ ହୋଇଥାଏ।

# କୃଷିର ଉନ୍ନତି ପାଇଁ ଚାଷୀ ଗଢ଼ିଲେ ସଂଗଠନ



**ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା, ସେମାନଙ୍କୁ ବ୍ୟବସାୟିକ କ୍ଷେତ୍ରରେ ମଜଭୁତ କରିବା ସହିତ ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ଲାଭବାନ ହେବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏମିତି ଏକ ସଫଳ ସଂଗଠନ ହେଉଛି 'ପାଲଲହଡ଼ା କୃଷକ ଉତ୍ପାଦକ ସଂଗଠନ'। ଚାଷୀଙ୍କ ମିଳିତ ପ୍ରୟାସରେ ଏହି ସଂଗଠନ ସରକାରୀ ଓ ଅନ୍ୟାନ୍ୟସ୍ତରରୁ ସହାୟତା ନେଇ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏହା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ହୋଇଛି।**

ଏହି ସଂଗଠନଟି ୨୦୨୧ ମସିହା ଜୁନ୍ ମାସରେ ପଞ୍ଜୀକୃତ ହୋଇଥିଲା। ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ପାଲଲହଡ଼ା ବ୍ଲକ ଅଧିନସ୍ଥ ୧୫ଟି ଗ୍ରାମ, ୭୫୦ ଜଣ ଭାଗୀଦାରୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା କୃଷକ ସଦସ୍ୟା ଓ ପ୍ରତିଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସହାୟତାରେ ୨୨୪୦ ଏକର ଅଞ୍ଚଳକୁ ବିସ୍ତାର କରିବାର ସାମର୍ଥ୍ୟ ଦେଖାଇଛି। 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ଅନୁଗୁଳ ପକ୍ଷରୁ ମଧ୍ୟ ପ୍ରଯୁକ୍ତି ବିଦ୍ୟା ସହାୟତା ପାଇସାରିଛି।

**ସରକାରୀସ୍ତରରେ ସହାୟତା:** ସରକାରୀସ୍ତରରେ ଏହି ସଂଗଠନ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ନବକିସାନ ପକ୍ଷରୁ ୫ ଲକ୍ଷ ଟଙ୍କାର କ୍ରେଡ଼ିଟ୍ ସହାୟତା ଏବଂ ନାବାର୍ଡ ପାଖରୁ ସମର୍ଥନ ହାସଲ କରିଛି। ସଂଗଠନର ପ୍ରତିନିଧିମାନେ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆର୍ଥିକ ପ୍ରଗତିରେ ସଫଳତା ହାସଲ କରିଛି। ଆଗାମୀ ବର୍ଷଗୁଡ଼ିକରେ ୧କୋଟିରୁ ଅଧିକ ବ୍ୟବସାୟ କରିବା ସହ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ସେବା ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଛି।

**କ୍ରୟ ବିକ୍ରୟ ଓ ପ୍ରକ୍ରିୟାକରଣକୁ ଗୁରୁତ୍ୱ:** ଏହି ସଂଗଠନ ମାଧ୍ୟମରେ ଧାନ, ତରଭୁଜ, ପନିପରିବା, ଆମ୍ବ, ଡାଲି ଜାତୀୟଫସଲ, ସାର ଇତ୍ୟାଦି ବିକ୍ରୟ କରାଯାଇଥାଏ। ଧାନ ପ୍ରକ୍ରିୟାକରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ସଂଗଠନ ପାଲଲହଡ଼ା ବ୍ଲକରେ ଏକ 'ଧାନ ପ୍ରକ୍ରିୟାକରଣ ଯନ୍ତ୍ର' ହସ୍ତଗତ କରିଛି। କୃଷକ ଉତ୍ପାଦକ ସଂଗଠନ, ନାବାର୍ଡ ଏବଂ କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଚାଷୀଙ୍କୁ ସଂଗଠନଲାଭ ବିଷୟରେ ବୁଝାଇବା ଓ ଏଥିରେ ଅଂଶଗ୍ରହଣ କରିବାକୁ ଏହି ସଂଗଠନ ପ୍ରୋତ୍ସାହିତ କରିଥାଏ।

କୃଷକ ଉତ୍ପାଦକ ସଂଗଠନରୁ କୃଷି ସାମଗ୍ରୀ କିଣିବାର ଲାଭ ଏବଂ ଖରିଫ ଋତୁ ପୂର୍ବରୁ ବିଭିନ୍ନ ଗାଁ'ରେ ଏହି ସଂଗଠନ ସହିତ ସାର ଏବଂ ଅନ୍ୟାନ୍ୟ ସାମଗ୍ରୀର ଉପଲବ୍ଧତା ବିଷୟରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ବେପାରୀଙ୍କ ସହିତ ଏହି ସଂଗଠନ ଏକ ସହାୟତା ପ୍ରଦାନକାରୀ ସଂସ୍ଥା ଭାବେ କାର୍ଯ୍ୟରତ। ଆନ୍ତଃଜିଲ୍ଲା କାରବାର ପାଇଁ ଚାଷୀଙ୍କୁ ଉତ୍ପାଦର ସ୍ଥାନୀୟ ବଜାରଠାରୁ ୨୦% ଅଧିକ ମୂଲ୍ୟ ଦେଉଛି ଏହି ସଂଗଠନ। ଇ-ନାମ ମାଧ୍ୟମରେ ଟମାଟୋ ଏବଂ ଅନ୍ୟ ପନିପରିବା ବିକ୍ରି କରାଯିବା ସହ ଆଗକୁ ଏହା କାଜୁ ଏବଂ କଦଳୀ ବ୍ୟବସାୟରେ ନିୟୋଜିତ ହେବ।

**ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ:** କୃଷି ସାମଗ୍ରୀ/ସାର, ବିହନ ଉତ୍ପାଦନ, ପ୍ରକ୍ରିୟାକରଣ, ବଜାରିକରଣ, ଅମଳ ପରବର୍ତ୍ତୀ ପରିଚାଳନା, ଚାଷୀଙ୍କୁ ବୈଷୟିକ ସହାୟତା ପ୍ରଦାନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପମାନ ପ୍ରଦର୍ଶନ କରିସାରିଛି ଏହି ସଂଗଠନ। କୃଷି ଉତ୍ପାଦକ ସଂଗଠନ ସଂରକ୍ଷଣର ସୁବିଧା ଏବଂ ଯୋଗାଣ ବ୍ୟବସ୍ଥା ସହିତ ଉନ୍ନତ ଭିତ୍ତିଭୂମି ସୃଷ୍ଟି, ଇଣ୍ଟିଗ୍ରେଟେଡ଼ ପ୍ୟାକ୍‌ହାଉସ୍ ଏବଂ ରେଫ୍ରିଜରେଟେଡ଼ ଭ୍ୟାନର ପ୍ରୟୋଗ କରାଯାଇଛି। ଆଗକୁ ଏହା ମାଣ୍ଡିଆ ଏବଂ କ୍ଷୁଦ୍ର ଶସ୍ୟ ଜାତୀୟ ଫସଲ ଉତ୍ପାଦନ କରିବାର ଯୋଜନା ରଖିଛି। ଏହି ସଂଗଠନଟି ନାବାର୍ଡ, କୃଷି ବିଜ୍ଞାନକେନ୍ଦ୍ର ଅନୁଗୁଳ ଏବଂ ଓୟୁଏଟି ଦ୍ୱାରା ପ୍ରଶଂସିତ ହେବା ସହିତ ଓୟୁଏଟିର ୬୩ ତମ ପ୍ରତିଷ୍ଠା ଦିବସରେ ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ହୋଇପାରିଛି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଏକ ଏକର ମକା ଚାଷ ପାଇଁ ୬ କିଗ୍ରା ବିହନ ଦରକାର ହୁଏ। ଫଲ୍ ଆର୍ମି ୱାର୍ମ କୀଟ ପରିଚାଳନା ପାଇଁ ବିହନ ବୁଣିବା ଆଗରୁ ଏକ କେଜି ବିହନରେ ୪ ମିଲି ସିଆନଟ୍ରାନିଲିପ୍ରୋଲ୍ ୧୯.୮ % +ଥିୟାମିଥୋକ୍ସାମ ୧୯.୮% ଏଫ୍‌ଏସ୍ କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ।
- ହରଡର ଅଧିକ ଅମଳକ୍ଷମ କିସମ ଗୁଡିକ ହେଲା ପିଆରଜି-୧୭୬, ପିଆର୍‌ଜି-୨୩୫, ଭିଏଲ-ଅରହର-୧, ଟି-ଅରହର ଇତ୍ୟାଦି। ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡ଼ିକ ହେଲା ଆଶା, ଲକ୍ଷ୍ମଣ, ମାରୁତି, ଟିଭିଆରଜି-୫୯, ପନ୍ଥ-ଏ-୭, ଜିଟି-୧୦୪ ଇତ୍ୟାଦି।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ନିୟମିତ ଜଳସେଚନ କରନ୍ତୁ। ପୋକ ଓ ଅଣ୍ଡାପୁଞ୍ଜକୁ ହାତରେ ନଷ୍ଟ କରି ଆକ୍ରାନ୍ତ ପିଲକୁ ନଷ୍ଟ କରିଦିଅନ୍ତୁ।
- ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ ୮୦ ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ଦୁଇଥର ପ୍ରୟୋଗ କରନ୍ତୁ।
- କଦଳୀ ଗଛରେ ଘୁଣିପୋକର ପରିଚାଳନା ପାଇଁ ଏକର ପ୍ରତି ୧୦ଟି କସମୋଲୁର ଥିବା ସଙ୍ଗ ଆକର୍ଷକ ଯନ୍ତା ଲଗାନ୍ତୁ।

### ଅନ୍ତର୍ଜାତୀୟ କ୍ରିକେଟ: ଘରୋଇ ଭେନ୍ୟୁରେ ପରିବର୍ତ୍ତନ

# ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ବାରବାଟୀରେ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଭାରତରେ ଚଳିତବର୍ଷ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁରେ ବିସିସିଆଇ ପରିବର୍ତ୍ତନ କରିଛି। ଏହା ଫଳରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ, ଦିନିକିଆ ଓ ଟି-୨୦ ଭେନ୍ୟୁରେ କିଛି ଅଦଳ ବଦଳ ହୋଇଛି ଓ ଆଉ କିଛି ଭେନ୍ୟୁ ସ୍ଥାନାନ୍ତରିତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ମହିଳା ସିରିଜ୍ ଓ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଟୁର୍ ମଧ୍ୟ ଏହି ପରିବର୍ତ୍ତନ ଯୋଗୁଁ ପ୍ରଭାବିତ ହୋଇଛି।

କିନ୍ତୁ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଚଳିତବର୍ଷ ଡିସେମ୍ବର ୯ ତାରିଖ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଟି-୨୦ ଭେନ୍ୟୁ ଅପରିବର୍ତ୍ତିତ ରହିଛି। ଏଣୁ ବାରବାଟୀ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପରିବର୍ତ୍ତିତ ଖେଳସୂଚୀରୁ ଜଣାଯାଇଛି। ଚଳିତବର୍ଷ ଫେବୃଆରୀ ୯ରେ ଇଂଲଣ୍ଡ ସହ ଭାରତ ଏଠାରେ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା। ଘୋଷିତ ଖେଳସୂଚୀ ଅନୁଯାୟୀ ଭାରତ ସହ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଅକ୍ଟୋବରରେ ଆସିବ। ଏହା ପରେ ନଭେମ୍ବର ୧୪ରୁ ଡିସେମ୍ବର ୧୯ ମଧ୍ୟରେ ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସି ୨ ଟେଷ୍ଟ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବ। ସେହିପରି ଅଷ୍ଟ୍ରେଲିଆର ବରିଷ୍ଠ ମହିଳା କ୍ରିକେଟ ଦଳର ଭେନ୍ୟୁରେ ମଧ୍ୟ ପରିବର୍ତ୍ତନ କରାଯାଇଛି।

**ପରିବର୍ତ୍ତିତ ଖେଳସୂଚୀ**

**ୱେଷ୍ଟଇଣ୍ଡିଜ୍ ଟୁର-୨ ଟେଷ୍ଟ**

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |

**ଦ.ଆଫ୍ରିକା ଟୁର- ୨ ଟେଷ୍ଟ**

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ୧୪ରୁ ୧୮।୧୧ | ପ୍ରଥମ ଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟ ଟେଷ୍ଟ | ଗୌହାଟୀ |

**୩ ଦିନିକିଆ**

| | | |
|---|---|---|
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |

**୫ ଟି-୨୦**

| | | |
|---|---|---|
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

**ଟେଷ୍ଟ ମ୍ୟାଚ୍ ଭେନ୍ୟୁ :** ଏହି ପରିବର୍ତ୍ତନରେ ଟେଷ୍ଟ କ୍ରିକେଟ ଭେନ୍ୟୁରେ ପ୍ରଭାବ ପକାଇଛି। ପୂର୍ବରୁ ଘୋଷିତ ସୂଚୀରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ କୋଲକାତାରେ ଖେଳାଯିବାକୁ ଥିଲା। ଏହା ଏବେ ନୂଆଦିଲ୍ଲୀରେ ଖେଳାଯିବ। ସେହିପରି ନୂଆଦିଲ୍ଲୀରେ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଏବେ କୋଲକାତା ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହେବ। ଏହି ପରିବର୍ତ୍ତନ ବ୍ୟତୀତ ଉଭୟ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ସିରିଜ୍‌ରେ ଆଉ କୌଣସି ପରିବର୍ତ୍ତନ କରାଯାଇନାହିଁ।

**ମହିଳା ଦିନିକିଆ ସିରିଜ୍; ଚେନ୍ନାଇରୁ ଚଣ୍ଡିଗଡ**

ଅଷ୍ଟ୍ରେଲିଆର ବରିଷ୍ଠ ମହିଳା କ୍ରିକେଟ ଦଳ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଭାରତ ଆସିବ। ଏହି ସିରିଜ୍‌ର ମ୍ୟାଚ୍ ଗୁଡିକ ଚେନ୍ନଇରେ ଖେଳାଯିବାର ଥିଲା। କିନ୍ତୁ ପିଚ୍ ଓ ପଡ଼ିଆ ନିର୍ଦ୍ଧାରିତ ସମୟରେ ପ୍ରସ୍ତୁତି ହୋଇ ନ ପାରିବାରୁ ଏହାକୁ ଚଣ୍ଡିଗଡରେ ପିସିଏ ଦ୍ୱାରା ନିର୍ମାଣ୍ କରାଯାଇଥିବା ନୂଆ କ୍ରିକେଟ ଷ୍ଟାଡିୟମ୍ ମୁଲାନପୁରକୁ ସ୍ଥାନାନ୍ତରିତ ହୋଇଛି। ଏଠାରେ ପ୍ରଥମ ଦୁଇଟି ମ୍ୟାଚ୍ ଓ ନୂଆଦିଲ୍ଲୀରେ ତୃତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ସ୍ଥିର କରାଯାଇଛି।

**ରାଜକୋଟରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦିନିକିଆ**

ଦକ୍ଷିଣ ଆଫ୍ରିକା-ଏ' ଦଳର ଗସ୍ତସୂଚୀରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏହି ସିରିଜ୍‌ର ଦୁଇଟିଯାକ ଅନ୍‌ଅଫିସିଆଲ ଟେଷ୍ଟ ଭେନ୍ୟୁରେ ପୂର୍ବପରି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡରେ ଖେଳାଯିବ। କିନ୍ତୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଭେନ୍ୟୁକୁ ବଦଳାଇ ଦିଆଯାଇଛି। ପୂର୍ବରୁ ଏହି ଭେନ୍ୟୁ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାର ଥିଲା। କିନ୍ତୁ ପରିବର୍ତ୍ତିତ ଭେନ୍ୟୁ ଅନୁଯାୟୀ ଏହି ମ୍ୟାଚଗୁଡିକ ଏବେ ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଖେଳାଯିବ।

---

**ଗ୍ରାଣ୍ଡସ୍ଲାମ୍ ଫାଇନାଲ୍**

# ଅପରାଜେୟ ଆଲ୍‌କାରାଜ୍



ପ୍ୟାରିସ, ୯।୬ (ଏଜେନ୍ସି): ଦୀର୍ଘ ୫ ଘଣ୍ଟା ୨୯ ମିନିଟ୍‌ର ଲଢ଼େଇ ପରେ ଶେଷରେ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୪-୬, ୬-୭ (୪/୭), ୬-୪, ୭-୬ (୭/୩), ୭-୬ (୭/୧୦) ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କୁ ପରାସ୍ତ କରି ଫ୍ରେଞ୍ଚ ଓପନ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଓପନ୍ ଏରାରେ ଫ୍ରେଞ୍ଚ ଓପନ୍‌ରେ ଏହା ସବୁଠୁ ଦୀର୍ଘକାଳୀନ ଫାଇନାଲ ମ୍ୟାଚ୍ ହେବାର ରେକର୍ଡ ହୋଇଛି। ୧୯୮୨ରେ ୱିଲାଣ୍ଡର ଓ ଭିଲାସ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ୪ ଘଣ୍ଟା ୪୨ ମିନିଟ୍ ଧରି ଖେଳାଯାଇଥିଲା। ୨୨ ବର୍ଷୀୟ ଆଲ୍‌କାରାଜଙ୍କ ମଧ୍ୟ ଏହା ୫ମ ଗ୍ରାଣ୍ଡସ୍ଲାମ ଟ୍ରଫି। ପୂର୍ବରୁ ସେ ଦୁଇଥର ୱିମ୍ବଲଡନ (୨୦୨୩ ଓ ୨୦୨୪) ଓ ୨୦୨୨ରେ ୟୁଏସ୍ ଓପନ୍ ଜିତିଥିଲେ।

ଫ୍ରେଞ୍ଚ ଓପନ ଜିତିବା ଅବସରରେ ଆଲ୍‌କାରାଜ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ରୋଜର ଫେଡରରଙ୍କ ପରେ ପ୍ରଥମ ଖେଳାଳି ଭାବେ ଆଲ୍‌କାରାଜ୍ ନିଜର ପ୍ରଥମ ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ

**ବୟସ ୨୨**
**୫ରୁ ୫ ଟାଇଟଲ୍**

ଚାମ୍ପିଅନ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ଅର୍ଥାତ୍ ଆଲ୍‌କାରାଜ ବର୍ତ୍ତମାନ ସୁଦ୍ଧା ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବାବେଳେ ସମସ୍ତ ଲଢ଼େଇରେ ବିଜୟୀ ହୋଇ ଚାମ୍ପିଅନ ହୋଇଛନ୍ତି। ଫଳରେ ଗ୍ରାଣ୍ଡସ୍ଲାମ ଫାଇନାଲରେ ଆଲ୍‌କାରାଜ ଅପରାଜେୟ ରହିଛନ୍ତି। ଫେଡରର ତାଙ୍କର ପ୍ରଥମ ୭ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଅପରାଜୟ ରହିଥିଲେ। ସେହିଭଳି ୨୨ ବର୍ଷ ବୟସ ମଧ୍ୟରେ ୫ଟି ଗ୍ରାଣ୍ଡସ୍ଲାମ ଜିତିବାରେ ଜୋର୍ନ ବୋର୍ଗ (୨୧ ବର୍ଷ) ଓ ରାଫେଲ ନାଡାଲ (୨୨ ବର୍ଷ)ଙ୍କ ପରେ ଆଲ୍‌କାରାଜ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି। ଫେଡରର, ନାଡାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ପରେ ଆଲ୍‌କାରାଜ ବିଶ୍ୱର ୪ର୍ଥ ଖେଳାଳି ଭାବେ ଚଳିତ ଶତାବ୍ଦୀରେ କ୍ରମାଗତ ୪ ବର୍ଷ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ରେକର୍ଡ କରିଛନ୍ତି। ସେହିଭଳି ଓପନ୍ ଏରାରେ ୮ମ ଖେଳାଳି ଭାବେ ସେ ଫ୍ରେଞ୍ଚ ଓପନ୍ ଟାଇଟଲ୍ ବଜାୟ ରଖିବାର ସଫଳତା ପାଇଛନ୍ତି।

---

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

# ଭାରତର କ୍ରମାଗତ ୨ୟ ପରାଜୟ

ଆମଷ୍ଟେଲଭିନ, ୯।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ପର୍ଯ୍ୟାୟରେ ଭାରତୀୟ ପୁରୁଷ ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ୱାଗେନର ହକି ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୨-୩ ଗୋଲରେ ଅଲିମ୍ପିକ ଚାମ୍ପିଅନ ଘରୋଇ ନେଦରଲାଣ୍ଡସ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଅଭିଷେକ ଓ ଯୁଗରାଜ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକିଥିବାବେଳେ ଜିପ୍ ଜାନସେନ ନେଦରଲାଣ୍ଡସ ପାଇଁ ବିଜୟସୂଚକ ୩ୟ ଗୋଲ୍‌ଟି ଦେଇଥିଲେ। ପୂର୍ବରୁ ରବିବାର ରାତିରେ ଭାରତ ଏହି ୟୁରୋପ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ମଧ୍ୟ ଘରୋଇ ନେଦରଲାଣ୍ଡସଠାରୁ ୨-୧ ଗୋଲ୍‌ରେ ହାରିଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ବୁଧବାର ଆର୍ଜେଣ୍ଟିନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଚଳିତ ପ୍ରୋ ଲିଗ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୦ ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୧୫ ପଏଣ୍ଟ ପାଇ ଟେବଲ୍‌ର ୪ର୍ଥ ସ୍ଥାନରେ ରହିଛି।

---

● କୋଟିଆନ୍, କାମ୍ବୋଜ୍‌ଙ୍କ ଦମ୍‌ଦାର ବ୍ୟାଟିଂ

# ଭାରତ ଏ - ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର'

ନର୍ଥଆମ୍ପଟନ, ୯।୬ (ଏଜେନ୍ସି): ଦୁଇ ବୋଲିଂ ଅଲରାଉଣ୍ଡର ତନୁସ କୋଟିଆନ ଓ ଅଂଶୁଲ କାମ୍ବୋଜଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର' ରହିଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଭାରତ-ଏ' ୨୧ ରନ୍‌ରେ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳରେ ଦମ୍‌ଦାର ବ୍ୟାଟିଂ କରି ଘରୋଇ ଦଳକୁ ନିରାଶ କରିଥିଲା। ଭ୍ରମଣକାରୀ ଦଳର ୪ଜଣ ଖେଳାଳି ଲୋକେଶ ରାହୁଲ (୫୧), ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୮୦, କୋଟିଆନ ୯୦ ଓ କାମ୍ବୋଜ ୫୧ ରନ୍ କରିବା ଫଳରେ ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ' ୭ ୱିକେଟ ହରାଇ ୪୧୭ ରନ୍ ସଂଗ୍ରହ କରିବା ପରେ ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଫଳରେ ଇଂଲଣ୍ଡ ଲାୟନ୍ସ ଆଗରେ ବାକିଥିବା ୩୯ ଓଭରରେ ମ୍ୟାଚ୍ ଜିତିବାକୁ ୪୩୯ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଲାୟନ୍ସ ୩୨ ରନ୍‌ରେ ୩ ୱିକେଟ ହରାଇବା ପରେ ମ୍ୟାଚ୍ ଡ୍ର ରଖିବା ଲାଗି ଉଭୟ ଦଳ ରାଜି ହୋଇଯାଇଥିଲେ। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ମଧ୍ୟ ଡ୍ର ରହିଛି। ପୂର୍ବରୁ ଉଭୟ ଦଳ ମଧ୍ୟରେ କାଣ୍ଟରବରୀରେ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଥିଲା।

ଭାରତ-ଏ'ର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା ବେଳକୁ ସ୍ପିନ ଅଲରାଉଣ୍ଡର କୋଟିଆନ ୧୦୮ଟି ବଲ୍‌ରୁ ୧୦ ଚୌକା ଓ ୧ ଛକା ସହ ୯୦ ଓ ପେସ୍ ଅଲରାଉଣ୍ଡର କାମ୍ବୋଜ ୮୬ ବଲ୍‌ର ସାମ୍ନା କରି ୫ ଚୌକା ଓ ୧ ଛକା ସହ ୫୧ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ କୁମାର ରେଡ୍ଡି ୪୨ ଓ ଶାର୍ଦ୍ଦୁଳ ଠାକୁର ୩୪ ରନ୍ କରିବା ଫଳରେ ଭାରତ-ଏ ଶେଷ ୩ଟି ୱିକେଟ ପାର୍ଟନରସିପ୍‌ରେ ୨୫୭ ରନ୍ ଉଠାଇଥିଲା। ଯାହା ଫଳରେ ଭାରତ-ଏ ଏକ ବିଶାଳ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଭାରତ-ଏ'ର ଦ୍ୱିତୀୟ ଇନିଂସରେ ଜର୍ଜ ହିଲ୍ ୩ଟି, କ୍ରିସ୍ ୱକ୍ସ ଓ ଏଡ୍‌ୱାର୍ଡ ଜ୍ୟାକ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ-ଏ ୩୪୮ ଓ ଇଂଲଣ୍ଡ ଲାୟନ୍ସ ୩୨୭ ରନ୍ କରିଥିଲା।

---

# ଲର୍ଡ୍‌ସରେ ଅଷ୍ଟ୍ରେଲିଆ ଦଳକୁ ମିଳିଲାନି ପ୍ରବେଶ ଅନୁମତି

ଲର୍ଡ୍‌ସ, ୯।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ବୁଧବାରଠାରୁ ଐତିହାସିକ ଲର୍ଡ୍‌ସ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ଚାମ୍ପିଅନ ଅଷ୍ଟ୍ରେଲିଆ ଦଳକୁ ଲର୍ଡ୍‌ସ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ଅନୁମତି ଦି ଆଯାଇ ନ ଥିଲା। ଯେହେତୁ ସେଠାରେ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ଅଭ୍ୟାସ କରୁଥିଲା ତେଣୁ ଅଷ୍ଟ୍ରେଲିଆ ଦଳକୁ ପ୍ରବେଶ ଲାଗି ମନା କରାଯାଇଥିଲା। ଗ୍ରାଉଣ୍ଡସ ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଫାଇନାଲ ମ୍ୟାଚ୍ ଲାଗି ଭିତରେ ପ୍ରସ୍ତୁତି ଚାଲିଛି।

---

# ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୬ (ସମିସ): ସର୍ବଭାରତୀୟ ସୈନିକ ସ୍କୁଲ ଆନ୍ତଃଗ୍ରୁପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଏଠାରେ ଆରମ୍ଭ ହୋଇଛି। ଭୁବନେଶ୍ୱର ସୈନିକ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ସୈନିକ ସ୍କୁଲର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ୩ଟି ବିଭାଗରେ ମ୍ୟାଚ୍ ଖେଳାଯିବ। ୧୫ ବର୍ଷରୁ କମ୍ ବାଳକ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିବର୍ଗର ଚାମ୍ପିଅନ ଦଳ ଆଗାମୀ ସୁବ୍ରତ କପ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସୈନିକ ସ୍କୁଲର ଅଧ୍ୟକ୍ଷ କର୍ଣ୍ଣେଲ ପଂକଜ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

---

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଧୋନି



ଲଣ୍ଡନ, ୯।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ 'ଆଇସିସି ହଲ୍ ଅଫ୍ ଫେମ୍'ରେ ସାମିଲ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଅବସରରେ ଧୋନିଙ୍କୁ ଏହି ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଧୋନିଙ୍କ ସମେତ ବିଶ୍ୱର ୭ଜଣ କିଂବଦନ୍ତୀ କ୍ରିକେଟର୍‌ଙ୍କୁ ସୋମବାର ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଧୋନିଙ୍କ ପୂର୍ବରୁ ସୁନିଲ ଗାଭାସ୍କର, ବିଶନ ସିଂହ ବେଦୀ, କପିଳ ଦେବ, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ବିନୁ ମଙ୍କଡ, ଡାଏନା ଏଡୁଲଜି, ବୀରେନ୍ଦ୍ର ସେହ୍‌ୱାଗ ଓ ନୀତୁ ଡେଭିଡ୍ ଭାରତୀୟ ଭାବେ ଏହି ସମ୍ମାନର ଅଧିକାରୀ ରହିଥିଲେ। ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଧୋନି ଭାରତ ପାଇଁ ୩୫୦ ଦିନିକିଆ, ୯୦ ଟେଷ୍ଟ ଓ ୯୮ ଟି-୨୦ ଖେଳି ୧୭ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେ ୱିକେଟ୍ ପଛରେ ୩୦୦ରୁ ଊର୍ଦ୍ଧ୍ୱ ଡିସ୍‌ମିସାଲ ମଧ୍ୟ କରିଛନ୍ତି। ଏହାବାଦ୍ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ (୨୦୦୭), ଦିନିକିଆ ବିଶ୍ୱକପ୍ (୨୦୧୧) ଓ ଚାମ୍ପିଅନ୍ସ ଟ୍ରଫି (୨୦୧୩) ଜିତିଥିଲା।

---

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# ଅଭିଷେକଙ୍କୁ ୫ ୱିକେଟ; କଟକ-ବି ବିଜୟୀ



କଟକ, ୯।୬ (ସମିସ): ଓସିଏ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଏକ ମ୍ୟାଚ୍‌ରେ କଟକ-ବି ୧୫୮ ରନରେ ମାଲକାନଗିରିକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ରଞ୍ଜନ ସାମଲ(୮୧) ଏବଂ ଅଭିଷେକ କାଳିଆ(୫୩)ଙ୍କ ଅର୍ଦ୍ଧଶତକୀୟ ପାଳି ସହାୟତାରେ ସମସ୍ତ ୱିକେଟ ହରାଇ ୨୪୯ ରନ କରିଥିଲା। ଜବାବରେ ମାଲକାନଗିରି ମାତ୍ର ୯୧ ରନରେ ଅଲଆଉଟ ହୋଇଥିଲା। କଟକ-ବି'ର ଅଭିଷେକ ସେନାପତି ୧୫ରନ ବିନିମୟରେ ୫ଟି ୱିକେଟ ଦଖଲ କରିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ସମ୍ବଲପୁର-ଏ ୧୦୧ ରନରେ କଳାହାଣ୍ଡିକୁ ହରାଇଛି। ଅର୍ମାନ ବୋହିଦାରଙ୍କ ୯୦ ରନର ଇନିଂସ୍ ବଳରେ ସମ୍ବଲପୁର-ଏ ୨୦୨ ରନ କରିଥିଲା। ଜବାବରେ କଳାହାଣ୍ଡି ୧୦୧ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଦଳର ସେଖ ତନଭୀର ୧୦ ରନ ବିନିମୟରେ ୪ଟି ୱିକେଟ ଦଖଲ କର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଦିବସରେ ଖେଳାଯାଇଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ ସୁନ୍ଦରଗଡ଼ ୨ ୱିକେଟରେ ବଲାଙ୍ଗିରକୁ ଏବଂ ମୟୂରଭଞ୍ଜ ୬୩ ରନରେ ଗଜପତିକୁ ହରାଇଥିଲା। କେନ୍ଦ୍ରାପଡା-ଜଗତସିଂହପୁର ଏବଂ ଅନୁଗୋଳ-ଦେବଗଡ଼ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS